ଆମର ପ୍ରତିବଦ୍ଧତା
ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ ନିଷ୍କର୍ଷ
Approved by DAVP Govt. of India

# ନିଷ୍କର୍ଷ
# NISHKARSHA

RNI REGD. No. : ODIODI/2020/78909
QR Code Scan for Play NTv(24X7) Channel on Your Mobile Phone
Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Ntv Nishkarsha @Ntv_Nishkarsha
www.nishkarsha.com
www.nishkarsha.site
www.nishkarsha.in
YouTube
NISHKARSHA MEDIA ENTERTAINMENT & PUBLICATION

♦ VOLUME - 07 ♦ ISSUE- 07 ♦ CUTTACK ♦ WEEKLY ♦ 16 TO 22 - FEBRUARY- 2026 ♦ 8 PAGE ♦ RATE- 5/- ■ ବର୍ଷ - ୦୭ ♦ ସଂଖ୍ୟା -୦୭ ♦ କଟକ ♦ ସାପ୍ତାହିକ ♦ ୧୬ ରୁ ୨୨- ଫେବୃୟାରୀ -୨୦୨୬ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା

### କେନ୍ଦୁଝରରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଭିତ୍ତିପ୍ରସ୍ତର ସ୍ଥାପନ

## ଶିକ୍ଷାର ଉଦ୍ଦେଶ୍ୟ ପିଲାଙ୍କ ଚରିତ୍ର ଗଠନ କରିବା : ମୁଖ୍ୟମନ୍ତ୍ରୀ



**ଯାଜପୁର/କେନ୍ଦୁଝର(ଏନ୍.ଏମ୍.) :** କେନ୍ଦୁଝରରେ ଶିଳାନ୍ୟାସ କଲେ ୧୦୦ କୋଟିର ଟେକ୍ସଟାଇଲ୍ ପାର୍କର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। କେନ୍ଦୁଝର ଜିଲ୍ଲାରେ ଶିଳ୍ପ ବିବିଧତା ଏବଂ ଡିଜିଟାଲ୍ ଭିତ୍ତିଭୂମି ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଯୋଡ଼ି ମୁଖ୍ୟମନ୍ତ୍ରୀମୋହନ ଚରଣ ମାଝୀ ଆଜି ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ୧୦୦ କୋଟି ଟଙ୍କାର ଟେକ୍ସଟାଇଲ୍ ପାର୍କ ଏବଂ ୧୮୭ କୋଟି ଟଙ୍କାର ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟା ସେଣ୍ଟରର ଶିଳାନ୍ୟାସ କରିଛନ୍ତି। ସମାବେଶକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କେନ୍ଦୁଝରକୁ ଏକ ବିବିଧ ଶିଳ୍ପ ହବ୍ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଉପସ୍ଥାପନା କରିଛନ୍ତି। କେନ୍ଦୁଝର କେବଳ ଖଣି ଏବଂ ଇସ୍ପାତ ପାଇଁ ଜଣାଯିବ ନାହିଁ, ଆମେ ଏହାକୁ ବହୁବିଧ କ୍ଷେତ୍ର ଶିଳ୍ପ ଅଭିବୃଦ୍ଧିର କେନ୍ଦ୍ର କରିବାକୁ ପ୍ରତିବଦ୍ଧ। ଆମର ଦୃଷ୍ଟିକୋଣ ହେଉଛି ଏକ ସୁନାର କେନ୍ଦୁଝର ନିର୍ମାଣ କରିବା ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି। ସୂଚନାନୁସାରେ, ୧୦୦ କୋଟି ଟଙ୍କା ନିବେଶରେ ବିକଶିତ ହେବାକୁଥିବା ଟେକ୍ସଟାଇଲ୍ ପାର୍କରେ ୧୨୦୦ ଯୁବକ ଯୁବତୀ ନିଯୁକ୍ତି ସୁଯୋଗ ପାଇବେ। ଆଧୁନିକ ଭିତ୍ତିଭୂମି ଏବଂ ଲଜିଷ୍ଟିକ୍ ସହାୟତା ସହିତ ହିଣ୍ଡାଲ୍କୋ ୭ ଏକର ଜମିରେ ଏକ ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏହି ୟୁନିଟ୍ ବାର୍ଷିକ ୨୪ ଲକ୍ଷ ପୋଷାକ ଉତ୍ପାଦନ କରିବ। ବୟନ ଶିଳ୍ପର ପରିବର୍ତ୍ତନଶୀଳ ସମ୍ଭାବନା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ, "ଶିଳ୍ପଗୁଡ଼ିକ ସମୃଦ୍ଧିର ସ୍ତମ୍ଭ। ବିଶେଷକରି ବୟନ କ୍ଷେତ୍ର ମହିଳା ଏବଂ ଯୁବକମାନଙ୍କ ପାଇଁ ବଡ଼ ଧରଣର ନିଯୁକ୍ତି ସୁଯୋଗ ପ୍ରଦାନ କରେ।" ସେ ଆହୁରି କହିଥିଲେ ଯେ, ଗତ ବର୍ଷ ଜୁଲାଇ ମାସରେ ଭୁବନେଶ୍ୱରରେ ଅନୁଷ୍ଠିତ ଓ-ଟେକ୍ସ ଟେକ୍ସଟାଇଲ୍ କନକ୍ଲେଭ ସମୟରେ, ୭,୮୦୦ କୋଟି ଟଙ୍କାର ୩୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା, ଯାହା ରାଜ୍ୟ ସାରା ୫୩ ହଜାରରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିଛି। ଭଦ୍ରକରେ ଏକ ଟେକ୍ନିକାଲ୍ ଟେକ୍ସଟାଇଲ୍ ପାର୍କ ସହିତ, କେନ୍ଦୁଝର, ସମ୍ବଲପୁର, ବଲାଙ୍ଗୀର, ଗଞ୍ଜାମ, କଟକ ଏବଂ ଜଗତସିଂହପୁର ଠାରେ ମଧ୍ୟ ସମର୍ପିତ ବୟନଶିଳ୍ପ ଏବଂ ପୋଷାକ ପାର୍କ ପ୍ରତିଷ୍ଠା କରାଯାଉଛି। ଆମର ଯୁବପିଢ଼ି ଅନ୍ୟ ରାଜ୍ୟରେ ବୟନ ଶିଳ୍ପକୁ ମଜବୁତ କରୁଛନ୍ତି। ଏବେ ଓଡ଼ିଶାରେ ମଧ୍ୟ ସମାନ ସୁଯୋଗ ସୃଷ୍ଟି କରାଯିବ ଯାହା ଦ୍ୱାରା ଲୋକମାନେ ନିଜ ଘର ପାଖରେ କାମ କରିପାରିବେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ଦ୍ୱାରା ଓସିଏସି ମାଧ୍ୟମରେ ୧୮୭ କୋଟି ବିନିଯୋଗରେ ଏକ ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟା ସେଣ୍ଟର ପାଇଁ ମଧ୍ୟ ଶିଳାନ୍ୟାସ କରିଛନ୍ତି। ଏହି ସୁବିଧା ଭୁବନେଶ୍ୱରରେ ଥିବା ରାଜ୍ୟ ଡାଟା ସେଣ୍ଟରର ଏକ ବ୍ୟାକଅପ୍ ଭାବରେ କାର୍ଯ୍ୟ କରିବ ଏବଂ ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ସାଇବର ବିପଦ କ୍ଷେତ୍ରରେ ଡିଜିଟାଲ୍ ଜରିଆରେ ପ୍ରଦାନ କରାଯାଉଥିବା ସରକାରୀ ସେବାର ନିରବଚ୍ଛିନ୍ନ ବିତରଣ ଜାରି ରହିବ। ଏହି ସେବାକୁ ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପ ଭାବରେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, 'ଏହା ତଥ୍ୟର ଯୁଗ। ଆମର ସରକାର ଅନଲାଇନରେ ୪୦୦ରୁ ଅଧିକ ସେବା ପ୍ରଦାନ କରେ। ନାଗରିକଙ୍କ ତଥ୍ୟ ସର୍ବଦା ସୁରକ୍ଷିତ, ସୁଗମ ଏବଂ ଆମ ନିୟନ୍ତ୍ରଣରେ ରହିବା ଉଚିତ୍। କେନ୍ଦ୍ର ଡାଟା ସ୍ଥାନୀୟକରଣ ପ୍ରୟାସକୁ ସମର୍ଥନ କରିବ ଏବଂ ରାଜ୍ୟର ଡିଜିଟାଲ୍ ଶାସନ ଢାଞ୍ଚାର ସ୍ଥିରତାକୁ ବୃଦ୍ଧି କରିବ। କେନ୍ଦୁଝର କମ୍ ଭୂମିକମ୍ପ-ବିପଦ ପ୍ରବଣ (ଜୋନ୍ ଓଓ) ହୋଇଥିବା ଯୋଗୁଁ ଏଠାରେ ଏହି ପ୍ରକଳ୍ପ ସ୍ଥାପନ କରାଯାଇଛି। ଏହାଦ୍ୱାରା ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ୍ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ କେନ୍ଦୁଝର କରିଥାଏ ବୋଲି ଅଗ୍ରାଧିକାର ଲାଭ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସନ୍ତୁଳିତ ଆଞ୍ଚଳିକ ବିକାଶ ଉପରେ ସରକାରଙ୍କ ଧ୍ୟାନକୁ ଦୋହରାଇ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଜିଲ୍ଲାରେ ମନ୍ଦିର ବିକାଶ ପାଇଁ ୩୧୨ କୋଟି ବ୍ୟୟବରାଦ କରାଯାଇଛି ଏବଂ ମକର ପର୍ବ ସମୟରେ ୧୯୦୦ କୋଟି ଟଙ୍କାର ପ୍ରକଳ୍ପ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ରାଜ୍ୟସଭା ଚତୁର୍ଥ ଆସନକୁ ନେଇ ଶାସକ, କଂଗ୍ରେସ ମୁହାଁମୁହିଁ



ବିଜେପି ଘୋଡା ବେପାର ଆରମ୍ଭ କରିଛି : ଭକ୍ତ ଦାସ



ନିଜଦଳର ଘୋଡାଙ୍କୁ ଆଗ ନିଜେ ଜଗ : ଅଶୋକ ମହାନ୍ତି

**ଭୁବନେଶ୍ୱର(ଏନ୍.ଏମ୍.) :** ବିଜେପି କେମିତି କହୁଛି ରାଜ୍ୟସଭା ଚତୁର୍ଥ ଆସନ ହାତେଇବ ରାଜ୍ୟସଭା ନିର୍ବାଚନରେ ବିଜେପି ଘୋଡା ବେପାର କରିବାକୁ ପ୍ରୟାସ ଆରମ୍ଭ କରିଛି। ରାଜ୍ୟସଭା ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପୂର୍ବରୁ ବିଜେପି ବିରୋଧରେ ଏପରି ବଡ଼ ଅଭିଯୋଗ ଆଣିଛନ୍ତି ପିସିସି ସଭାପତି ଭକ୍ତ ଦାସ। ବିଜେପି କହିଛି ପିସିସି ସଭାପତି ନିଜ ଘୋଡା ଉପରେ ନଜର ରଖନ୍ତୁ। ବିଜ୍ଞପ୍ତି ପ୍ରକାଶ ପରେ ନବୀନ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ବିଜେଡି କହିଛି।

ରାଜ୍ୟସଭାରେ ଖାଲି ପଡିବ ୪ଟି ଆସନ। ବିଜେପି ୩ଟି ଦଖଲ ପାଇଁ ସ୍ୱପ୍ନ ଦେଖୁଛି। ସଂଖ୍ୟା ନଥାଇ ବିଜେପି ୩ଟି ଆସନ ହାତେଇବା ନେଇ ଦମ୍ଭୋକ୍ତି ଦେଖାଇବାକୁ ଘୋଡା ବେପାରର ଆଖ୍ୟା ଦେଇଛି କଂଗ୍ରେସ। ପିସିସି ସଭାପତି ଭକ୍ତ ଦାସ ଅଭିଯୋଗ କରିଛନ୍ତି, ରାଜ୍ୟସଭା ପାଇଁ ବିଜେପି ଏବେଠାରୁ ଘୋଡା ବେପାର କରିବା ଆରମ୍ଭ କରି ଦେଇଛି। ଯେଉଁଥିପାଇଁ ରାଜ୍ୟ ନେତାଙ୍କ ଠାରୁ ଆରମ୍ଭ କରି କେନ୍ଦ୍ର ନେତା ଯାଏଁ ସମସ୍ତେ କହୁଛନ୍ତି ଦଳ ୩ଟି ଆସନ ହାତେଇବ। ରାଜ୍ୟସଭା ପାଇଁ ୨ଟି ଆସନ ଲାଗି ବିଜେପି ପାଖରେ ସଂଖ୍ୟା ଥିବାରୁ ସେମାନେ ତୃତୀୟ ଆସନ ପାଇଁ ଘୋଡା ବେପାର କରିବାକୁ ପ୍ରୟାସ କରିଛନ୍ତି। କଂଗ୍ରେସର ୧୪ଜଣ ବିଧାୟକଙ୍କୁ ନେଇ ପିସିସି ସଭାପତି ବୈଠକ କରିବେ ଓ ସମସ୍ତ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଭାରତ ଆମେରିକା ବାଣିଜ୍ୟ ଚୁକ୍ତି ପ୍ରସଙ୍ଗ



୧୮% ବନାମ ୦% : ରାହୁଲ ଗାନ୍ଧୀ



ଜନସାଧାରଣଙ୍କୁ ଭ୍ରମିତ କରୁଛନ୍ତି ରାହୁଲ : ଶାହା



ଏତେ ଅଜଣା ବ୍ୟକ୍ତି ବିରୋଧୀ ଦଳର ନେତା କିପରି ହେଲେ : ପୀୟୂଷ

**ନୂଆଦିଲ୍ଲୀ(ଏଜେନ୍ସି) :** କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଶନିବାର ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ନେଇ ପୁଣି ଥରେ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ରାହୁଲ କହିଛନ୍ତି, ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଯୋଗୁ ଦେଶର କପା ଚାଷୀ ଓ ବୟନ ଶିଳ୍ପ କ୍ଷେତ୍ର ବ୍ୟାପକ ଭାବେ ପ୍ରଭାବିତ ହେବ। କେନ୍ଦ୍ର ସରକାର ବାଣିଜ୍ୟ ଚୁକ୍ତିନାମାର ଏହି ଦିଗଗୁଡ଼ିକୁ ଲୁଚାଇ ରଖିଛନ୍ତି ବୋଲି ମଧ୍ୟ ରାହୁଲ ଅଭିଯୋଗ କରିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ରାହୁଲ ଗାନ୍ଧୀ ଏକ ଭିଡିଓ ଜାରି କରି କହିଛନ୍ତି, ୧୮% ବନାମ ଶୂନ୍ ପ୍ରତିଶତ ଶୁଳ୍କ। ପ୍ରଧାନମନ୍ତ୍ରୀ ଓ ତାଙ୍କ କ୍ୟାବିନେଟ୍ ଏହି ପ୍ରସଙ୍ଗରେ ଦେଶରେ ଭ୍ରମ ସୃଷ୍ଟି କରୁଛନ୍ତି। ବାଂଲାଦେଶକୁ ଆମେରିକା ପୋଷାକ ରପ୍ତାନି ଉପରେ ଶୂନ୍ୟ ପ୍ରତିଶତ ଶୁଳ୍କର ସୁବିଧା ଦେଉଛି। ଏଥିପାଇଁ ସେମାନଙ୍କୁ ଆମେରିକୀୟ କପା ଆମଦାନୀ କରିବାକୁ ପଡ଼ିବ। ଭାରତୀୟ ପୋଷାକ ଉପରେ ୧୮ ପ୍ରତିଶତ ଶୁଳ୍କର ଘୋଷଣା ପରେ, ଯେତେବେଳେ ମୁଁ ସଂସଦରେ ବାଂଲାଦେଶକୁ ଦିଆଯାଉଥିବା ସ୍ୱତନ୍ତ୍ର ରିହାତି ଉପରେ ପ୍ରଶ୍ନ ଉଠାଇଥିଲି, ସେତେବେଳେ ମୋଦୀ ସରକାରଙ୍କ ଜଣେ ମନ୍ତ୍ରୀ ଉତ୍ତର ଦେଇଥିଲେ ଯେ ଯଦି ଆମେ ମଧ୍ୟ ଏହି ଲାଭ ଚାହୁଁ, ତେବେ ଆମକୁ ଆମେରିକାରୁ କପା ଆମଦାନୀ କରିବାକୁ ପଡିବ। ସେ ପ୍ରଶ୍ନ କରିଥିଲେ ଯେ, ଏହାକୁ ଦେଶବାସୀଙ୍କ ଠାରୁ କାହିଁକି ଲୁଚାଇ ରଖାଯାଇଛି। ଯଦି ଆମେ ଆମେରିକା କପା ଆମଦାନୀ କରୁ, ତେବେ ଆମ ଚାଷୀମାନେ କ୍ଷତିଗ୍ରସ୍ତ ହେବେ। ଯଦି ଆମେ ଏପରି ନ କରୁ ତେବେ ଆମର ବୟନ ଶିଳ୍ପ ପଛରେ ପଡ଼ିଯିବ। ବାଂଲାଦେଶ ମଧ୍ୟ ଭାରତରୁ କପା ଆମଦାନୀ ହ୍ରାସ କିମ୍ବା ବନ୍ଦ କରିପାରେ। ରାହୁଲ ଗାନ୍ଧୀ ଉଲ୍ଲେଖ କରିଛନ୍ତି ଯେ, ଭାରତର ବୟନ ଶିଳ୍ପ ଏବଂ କପା ଚାଷ ଉପରେ ଲକ୍ଷ ଲକ୍ଷ ଲୋକ ଜୀବିକା ପାଇଁ ନିର୍ଭର କରନ୍ତି। ଏହି କ୍ଷେତ୍ରଗୁଡ଼ିକୁ କ୍ଷତି ଅର୍ଥ ଲକ୍ଷ ଲକ୍ଷ ପରିବାରକୁ ବେକାରୀ ଏବଂ ଆର୍ଥିକ ଦୁର୍ଦ୍ଦଶା ଭିତରକୁ ଠେଲି ଦେବା ଭଳି ହେବ। ଯେକୌଣସି ଦୂରଦୃଷ୍ଟିସମ୍ପନ୍ନ ଏବଂ ରାଷ୍ଟ୍ରହିତ ପାଇଁ ଚିନ୍ତା କରୁଥିବା ସରକାର ଉଭୟ କ୍ଷେତ୍ରର ଲାଭ ଦେଖିଥାନ୍ତେ। ଏହା କିପରି ନୀତି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ଠିକ୍ ସେହିପରି ମିଛ ପ୍ରଚାର କରି ଜନସାଧାରଣଙ୍କୁ ଭ୍ରମିତ କରୁଛନ୍ତି ରାହୁଲ; ଗୃହମନ୍ତ୍ରୀ ଅମିତ ଶାହ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସାମ୍ପ୍ରତିକ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଏବଂ କେନ୍ଦ୍ରର ନୀତି ଉପରେ ବୟାନ ପରେ ରାଜନୀତି ଉଷ୍ମ ହୋଇଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏହି ମାମଲାରେ ସିଧାସଳଖ ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିଛନ୍ତି। ମିଛ ପ୍ରଚାର କରି ଜନସାଧାରଣଙ୍କୁ ଭ୍ରମିତ କରୁଥିବା ଅଭିଯୋଗ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

### ୧୭ରୁ କମ୍ପିବ ଓଡ଼ିଶା ବିଧାନସଭା

## ଲମ୍ବା ଅବଧି ପ୍ରସଙ୍ଗ ମାଳମାଳ

### ରଣନୀତି ପ୍ରସ୍ତୁତିରେ ୩ ରାଜନୈତିକ ଦଳ

**ଭୁବନେଶ୍ୱର(ଏନ୍.ଏମ୍.) :** ବିଧାନସଭା ବଜେଟ ଅଧିବେଶନ ପାଇଁ ଉଭୟ ବିରୋଧୀ ଓ ଶାସକ ଦଳ ପ୍ରସ୍ତୁତିକୁ ଜୋରଦାର କରିଛନ୍ତି। ଆସନ୍ତା ୧୬ ତାରିଖରେ ମୁଖ୍ୟ ବିରୋଧୀ ଦଳ ବିଜେଡି କରିବ ବିଧାୟକ ଦଳ ବୈଠକ। ଯେଉଁଥିଲେ ଚୂଡାନ୍ତ ରଣନୀତି ପ୍ରସ୍ତୁତ କରିବ ଦଳ। ଚାଷୀ, ଧାନମଣ୍ଡି, ପ୍ରଦୂଷଣ, ଆଇନଶୃଙ୍ଖଳାଠାରୁ ଆରମ୍ଭ କରି ନାରୀ ନିର୍ଯାତନା ପରି ମାଳମାଳ ପ୍ରସଙ୍ଗ ଗୃହରେ ଉଠାଇବ ଦଳ। କଂଗ୍ରେସ ମଧ୍ୟ ଚାଷୀରୁ ବିଜୁଳି ଯାଏଁ ପ୍ରସଙ୍ଗ ଉଠାଇ ସରକାରଙ୍କୁ ଜବାବ ମାଗିବ। ସେପଟେ ଶାସକ ଦଳ କହିଛି, ବିରୋଧୀ ଯେଉଁ ପ୍ରସଙ୍ଗ ଉଠାଇବେ ଆମେ ଉତ୍ତର ଦେବାକୁ ପ୍ରସ୍ତୁତ ଅଛୁ। ୧୯ ମାସର ବିଜେପି ସରକାର ଚାଲୁଛି କମ୍, ଝୁଣ୍ଟୁଛି ଅଧିକ। ନିଷ୍ପତ୍ତି ନେବାରେ ବି ବିଫଳ ସରକାର। ଗାଁ ଗାଁରେ ବିକାଶ କାମ ଠପ। ନିର୍ବାଚନୀ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। ପ୍ରଦୂଷଣ ସାର୍ଟିଫିକେଟ କଟକଣା, ଧାନ ମଣ୍ଡିରୁ ଧାନ ନ ଉଠିବା ଓ ଚାଷୀ ନିର୍ଯାତନାର ଶିକାର ହେବା, ମହାନଦୀ ନେଇ ସରକାରଙ୍କ ଉଦାସୀନତା, ନାରୀ ନିର୍ଯାତନା, ଦଳିତ ଆଦିବାସୀ ରାଜ୍ୟରେ ଅସୁରକ୍ଷିତ, ୪ ମାସ ହେବ ଭତ୍ତା ନମିଳିବା ପରି ମାଳମାଳ ପ୍ରସଙ୍ଗ ବିଜେପି ବିରୋଧରେ ଅଛି। ଲୋକଙ୍କ ସ୍ୱର ସାଜି ବିଧାନସଭାରେ ଏସବୁ ସମସ୍ୟାକୁ ନେଇ ପ୍ରଶ୍ନ କରିବ ବିଜେଡି। ଏହାସହ ଲମ୍ବା ସମୟର ବଜେଟ ଅଧିବେଶନରେ ଦଳ କେଉଁ ସବୁ ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗ ଉଠାଇବ ତାହା ବିଜେଡି ବିଧାୟକ ଦଳ ବୈଠକରେ ରଣନୀତି ପ୍ରସ୍ତୁତ କରାଯିବ ବୋଲି

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଓଡ଼ିଶା ହସ୍ତତନ୍ତ ଓ ହସ୍ତଶିଳ୍ପର ସ୍ୱତନ୍ତ୍ର ଆକର୍ଷଣ ରହିଛି : ଉପମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର(ଏନ୍.ଏମ୍.) :** ଆମ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀର ସ୍ୱତନ୍ତ୍ର ଆକର୍ଷଣ ରହିଛି। ଏହା ଆମ ସମୃଦ୍ଧ ଐତିହ୍ୟର ପରିଚୟ ଏବଂ ଆମ ଅସ୍ମିତାର ନିଦର୍ଶନ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି। ସ୍ଥାନୀୟ ଜନତା ମୈଦାନଠାରେ ଆୟୋଜିତ ୨୦ତମ ଭବ୍ୟ ତୋଷାଳି ସ୍ୱଦେଶୀ ମେଳାର ଶୁଭ ଉଦଘାଟନ କରି ସେ ମଧ୍ୟ କହିଛନ୍ତି ବୁଣାକାର ଓ କାରିଗରଙ୍କ ଆର୍ଥିକ ସମୃଦ୍ଧି ଏହି ମେଳାର ପ୍ରମୁଖ ଲକ୍ଷ୍ୟ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଯୋଗ ଦେଇ କହିଥିଲେ ବୁଣାକାର ଓ କାରିଗରଙ୍କ ପାଇଁ ଓଡିଆ ଜାତି ଗର୍ବିତ। ଆମ ବୁଣାକାର ବନ୍ଧୁମାନେ ବୟନ ଅସ୍ମିତାର ସମର୍ଥ ସାରଥି ସାଜିଥିବା ବେଳେ ହସ୍ତଶିଳ୍ପୀ କାରିଗରମାନେ ଉତ୍କୃଷ୍ଟ କଳାର ବାର୍ତ୍ତାବହ ସାଜିଛନ୍ତି। ସେମାନଙ୍କ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

### ଓଭର ବ୍ରିଜ ପାଲଟିଛି କିଲର ବ୍ରିଜ

## କିଲର୍ ହଳଦିଆପଦର ଓଭର ବ୍ରିଜ୍‌ର ବଦଳିବ ନକ୍ସା :ମନ୍ତ୍ରୀ



**ବ୍ରହ୍ମପୁର(ଏନ୍.ଏମ୍.) :** ଏକାଧିକ ମୁଣ୍ଡ ନେବା ପରେ ଏବେ ବଦଳିବ ହଳଦିଆପଦର ଓଭର ବ୍ରିଜ୍ (କିଲର୍ ବ୍ରିଜ)ର ଢାଞ୍ଚା। ୧୬ ତାରିଖରେ ତଦାରଖ କରିବେ ଉଚ୍ଚସ୍ତରୀୟ ବୈଷୟିକ ଏହି ଓଲର ବ୍ରିଜରେ ଟ୍ରକ ଧକ୍କାରେ ୫ ଜଣଙ୍କ ମୃତ୍ୟୁ ପରେ ନିର୍ମାଣ ଢାଞ୍ଚାରେ ଥିବା ତ୍ରୁଟିକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଥିଲା। ଦୁର୍ଘଟଣା ପରେ ସହରବାସୀ ଏହି ବ୍ରିଜକୁ କିଲର୍ ବ୍ରିଜ ବୋଲି ସମ୍ବୋଧନ କରିବାକୁ ପଛାଇ ନାହାନ୍ତି। ଓଭରବ୍ରିଜର ନିର୍ମାଣ ସମୟରେ କିଛି ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଜମି ପାଇଁ ଏହାର ନକ୍ସାକୁ ଉଦ୍ଦେଶ୍ୟମୂଳକ ଭାବେ ବଦଳାଯାଇଥିବା ଯୋଗୁ ପ୍ରାରମ୍ଭରୁ ଏଭଳି ଏକାଧିକ ଅଘଟଣ ଘଟିବାରେ ଲାଗିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଚାପରେ ତତ୍କାଳୀନ ନିର୍ବାହୀଯନ୍ତ୍ରୀ ଏଭଳି ହଳଦିଆପଦର ଫ୍ଲାଇ ବ୍ରହ୍ମପୁର ଅଙ୍କାବଙ୍କା ବ୍ରିଜ ନିର୍ମାଣ କରିଥିବାରୁ ଲୋକଙ୍କ ଜୀବନ ଯାଉଥିବା ନେଇ ନିର୍ବାଚିତ ଜନପ୍ରତିନିଧିଙ୍କ ଠାରୁ ସାଧାରଣ ଜନତା ସମସ୍ତେ ଅଭିଯୋଗ କରିଛନ୍ତି। ଏନେଇ ଖୋଦ୍ ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀଙ୍କୁ ବାରମ୍ବାର ଚିଠି ଲେଖିଥିବାବେଳେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ବିଳମ୍ବରେ ହେଲେ ମଧ୍ୟ ଏଭଳି ଅଭିଯୋଗକୁ ସ୍ୱୀକାର କରିଥିଲେ। ଏବଂ ବ୍ରିଜର ନକ୍ସାରେ ପରିବର୍ତ୍ତନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ଓ ବ୍ରିଜର ନିର୍ମାଣ ଶୈଳୀ ଓ ସୁରକ୍ଷା ବ୍ୟବସ୍ଥାର ଅନୁଧାନ ପାଇଁ ଆସନ୍ତା ୧୬ ତାରିଖରେ ଏକ ଉଚ୍ଚସ୍ତରୀୟ ବୈଷୟିକ ଦଳ ଘଟଣାସ୍ଥଳକୁ ଯାଇ ଅନୁଧାନ କରିବ ବୋଲି ଜଣାପଡିଛି ଓ ଓଭରବ୍ରିଜକୁ ଦେଲେ ବ୍ରିଜ ଯାଇ କିଛି ଦୂରରେ ଜାତୀୟ ରାଜପଥକୁ ସଂଯୋଗ କରିଥାନ୍ତା। ଉକ୍ତ ରାସ୍ତାରେ ପ୍ରାୟ ୧୫ ଏକରରେ ଚୟନ କରି, ଅନାବାଦୀ, ଆଡ଼ି ଓ ଜଳାଶୟ ଭଳି ବିଭିନ୍ନ କିସମର ସରକାରୀ ଜମି ରହିଛି। ଉକ୍ତ ରାସ୍ତା ଉପରେ ୧୬ ତାରିଖରେ ତଦାରଖ କରିବେ ଉଚ୍ଚସ୍ତରୀୟ ବୈଷୟିକ ଟିମ୍ ଯେ କେହି କହିପାରିବ ଏହା ଏକ ଅଙ୍କାବଙ୍କା ଓ ଅଣଓସାରିଆ ଓଭରବ୍ରିଜ ଫୁଟପଥ ଓ ମୁଖ୍ୟରାସ୍ତା ସମ୍ପୂର୍ଣ୍ଣ ଲାଗି ରହିଛି ଏପରିକି ସର୍ଭିସ ରୋଡ଼ ମଧ୍ୟ ନାହିଁ। ଯାହାଦ୍ୱାରା ସାମାନ୍ୟ ଅସାବଧାନତା ହେଲେ ସୁନିଶ୍ଚିତ ଦୁର୍ଘଟଣା ଘଟି ଜୀବନ ଯିବ। ଏହି ଓଭରବ୍ରିଜ ନିର୍ମାଣ ପରଠାରୁ ଏଠାରେ ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଜୀବନ ଗଲାଣି। ପୂର୍ବରୁ ଏହି ରାସ୍ତାରେ ଏକ ରେଳବାର ଲେବୁଲ କ୍ରସିଂ ଥିବାରୁ ଦୁର୍ଘଟଣା ଘଟୁଥିଲା। ଯେଉଁଥିପାଇଁ ଏଠାରେ ଏକ ଓରର ବ୍ରିଜ ନିର୍ମାଣ କରିବାକୁ ସ୍ଥିର କରାଯାଇଥିଲା। ଜିପିଏସ୍ ଫୋଟ ପ୍ରକାରେ ଲାଲ ଚିହ୍ନଟ ରାସ୍ତା ଦେଇ ରେଳଧାରଣା ଉପରେ ଓଭର ବ୍ରିଜ ଯାଇଥିଲେ ସରକାରଙ୍କୁ କୌଣସି ଜମି ଅଧିଗ୍ରହଣ ବାବଦକୁ କ୍ଷତିପୂରଣ ଦେବାକୁ ପଡ଼ିନଥାନ୍ତା। କିନ୍ତୁ ରାଜନେତା ଓ ବିଲ୍ଡରଙ୍କ ଜମି ଉପର ଦେଇ ଓଭର ବ୍ରିଜକୁ ନେଇ ସେମାନଙ୍କୁ ଦୁଇଗୁଣା ଲାଭମିଳୁଥିବା ଅଭିଯୋଗ ହୋଇଛି। ଫଳରେ ସରକାରଙ୍କ ଠାରୁ କ୍ଷତିପୂରଣ ପାଇବା ସହିତ ଜମି ମାଲିକମାନେ ପରବର୍ତି ସମୟରେ ପୁଣି ଓଭରବ୍ରିଜ ତଳ ଜମିକୁ ପ୍ଲଟ ଭାବେ ବିକ୍ରି କରି ଭଲ ମୁନାଫା କମାଇଛନ୍ତି। ଏଭଳି କାର୍ଯ୍ୟ ଅକ୍ଷମଣୀୟ ବୋଲି ଦର୍ଶାଇବା ସହ ଖୁବ୍‌ଶୀଘ୍ର ବ୍ରିଜ ନିର୍ମାଣରେ ଥିବା ସମସ୍ୟାରେ ସୁଧାର ଅଣାଯିବ ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି।

## ବିବାହ ବନ୍ଧନରେ ୧୦ ନକ୍ସଲ ଯୋଡ଼ି



**ମାଲକାନଗିରି(ଏନ୍.ଏମ୍.) :** ନକ୍ସଲ ସଂଗଠନରେ ଥିବା ସମୟରେ ବନ୍ଧ୍ୟାକରଣର ଶିକାର ହୋଇଥିଲେ। କିନ୍ତୁ ଆତ୍ମସମର୍ପଣ ପରେ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି ୧୦ ନକ୍ସଲ ଯୋଡ଼ି। ସୀମାନ୍ତ ଛତିଶଗଡ଼ରେ କନ୍ୟା ବିବାହ ଯୋଜନାରେ ଆୟୋଜିତ ସାମୂହିକ ବିବାହ କାର୍ଯ୍ୟକ୍ରମରେ ଜୀବନସାଥୀ ଙ୍କୁ ଆପଣାଇବା ପରେ ବନ୍ଧ୍ୟାକରଣ ଦୂର ଦିଗରେ ସରକାର ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ଛତିଶଗଡ଼ ମାଓ ମୁକ୍ତ ହେବାରେ ଲାଗିଥିବାରୁ ବହୁ ନକ୍ସଲ ଦମ୍ପତି ଆତ୍ମସମର୍ପଣ କରିଛନ୍ତି। ନକ୍ସଲ ସଂଗଠନରେ ବିବାହ ସମ୍ପୂର୍ଣ୍ଣ ମନା ଥିବାରୁ ଜବରଦସ୍ତ ବନ୍ଧ୍ୟାକରଣ କରାଯାଉଥିଲା। ଫଳରେ ଯଦି ବି ଜଙ୍ଗଲରେ ପୁରୁଷ ଓ ମହିଳା ନକ୍ସଲ ମଧ୍ୟରେ ସଂପର୍କ ସ୍ଥାପନ ହୁଏ ତେବେ ମହିଳା ନକ୍ସଲ ସନ୍ତାନ ଜନ୍ମ କରିପାରିବେ ନାହିଁ। ନକ୍ସଲ ସଂଗଠନର ଫତୁଆକୁ ଡରି ବହୁ ଯୋଡ଼ି ବିବାହ ବନ୍ଧନରେ ବାନ୍ଧି ହୋଇ ନ ଥିଲେ। ଆତ୍ମସମର୍ପଣ ପ୍ରକ୍ରିୟା ପରେ ଛତିଶଗଡ଼ ସରକାରଙ୍କ କନ୍ୟା ବିବାହ ଯୋଜନାରେ ସୁକମା, ବସ୍ତର, ବିଜାପୁର ଓ ଗରିଆବନ୍ଧ ଜିଲ୍ଲାରେ ସାମୂହିକ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ କରିଥିଲେ। ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାଏ ଆଭାସୀ ମାଧ୍ୟମରେ ସମସ୍ତ ବିବାହିତ ଦମ୍ପତିଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ।

# ବଦଳିଥିଲା ଧର୍ମେନ୍ଦ୍ରଙ୍କ ଚେହେରା, ସାଜିଥିଲେ ସୁଫି ସନ୍ଥ



**ମୁମ୍ବାଇ(ଏଜେନ୍ସି) :** ବଦଳିଥିଲା ବଲିଉଡର ହି'ମ୍ୟାନ୍ ଧର୍ମେନ୍ଦ୍ରଙ୍କ ଚେହେରା। ଲମ୍ବା ଦାଢ଼ି, ମୁଣ୍ଡରେ ପଗଡି ବାନ୍ଧି ସାଜିଛନ୍ତି ସୁଫି ସନ୍ଥ। ଦେହରେ ସୁଫି ସନ୍ଥଙ୍କ ଭଳି ହିଁ ପିନ୍ଧିଛନ୍ତି ପୋଷାକ। ତାଙ୍କୁ ଚିହ୍ନିବା ମୁସକିଲ୍ ହୋଇପଡିଛି। ୮୭ ବର୍ଷୀୟ ଧର୍ମେନ୍ଦ୍ରଙ୍କ ଏହି ଗେଟ୍‌ଅପ୍ ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ନୂଆ ରୂପରେ ନଜର ଆସିଛନ୍ତି ଧର୍ମେନ୍ଦ୍ର। କୁହାଯାଉଛି କି ଧର୍ମେନ୍ଦ୍ରଙ୍କୁ ଆଗକୁ ସୁଫି ସନ୍ଥ ଶେଖ୍ ସଲିମ ଚିସ୍ତି ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ। ଜି-୫ର ଅପକମିଂ ୱେବ ସିରିଜ, ‘ତାଜ ଡିଭାଇଡେଡ ବାଏ ବ୍ଲଡ’ ଆସିବାକୁ ଯାଉଛି। ଏଥିରେ ଧର୍ମେନ୍ଦ୍ର ସୁଫି ସନ୍ଥ ଶେଖ ସଲିମ ଚିସ୍ତି ଭୂମିକାରେ ନଜର ଆସିବେ। ଏହି ୱେବସିରିଜ ଜରିଆରେ ପ୍ରଥମ କରି ଧର୍ମେନ୍ଦ୍ର ଓଟିଟିରେ ପାଦ ରଖିବାକୁ ଯାଉଛନ୍ତି। ମୋଗଲ ସାମ୍ରାଜ୍ୟ ସହିତ ଜଡ଼ିତ ବିଷୟବସ୍ତୁକୁ ୱେବସିରିଜରେ ଦର୍ଶକ ଦେଖିବାକୁ ପାଇବେ। ୱେବସିରିଜରେ ଧର୍ମେନ୍ଦ୍ର କିପରି ଦେଖାଯିବେ ସେ ନେଇ ଧର୍ମେନ୍ଦ୍ର ନିଜେ ପ୍ରଶଂସକଙ୍କୁ ଜଣାଇଛନ୍ତି। ସୁଫି ସନ୍ଥ ଗେଟ୍‌ଅପ୍ରେ ଥିବା ଫଟୋକୁ ଧର୍ମେନ୍ଦ୍ର ନିଜ ଇନଷ୍ଟାଗ୍ରାମ ହ୍ୟାଣ୍ଡେଲରେ ପୋଷ୍ଟ କରିଛନ୍ତି। ଏହି ଫଟୋକୁ ଶେଆର କରି କ୍ୟାପସନ୍ରେ ଲେଖିଛନ୍ତି, ‘ବନ୍ଧୁମାନେ ଏହି ତାଜ୍ ୱେବସିରିଜରେ ସୁଫି ସନ୍ଥ ଶେଖ ସଲିମ ଚିସ୍ତିଙ୍କ ଚରିତ୍ରରେ ଅଭିନୟ କରୁଛି। ଭୂମିକା ଛୋଟ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ରହିଛି। ଆପଣଙ୍କ ଆଶୀର୍ବାଦ ଜରୁରୀ।’ ଏହି ୱେବସିରିଜରେ ଧର୍ମେନ୍ଦ୍ରଙ୍କ ବ୍ୟତୀତ ବର୍ଷିଆନ ଅଭିନେତା ନାସିରୁଦ୍ଦିନ ଶାହା ମଧ ଅଛନ୍ତି। ଏଥିରେ ତାଙ୍କୁ ମୋଗଲ ବାଦଶାହ ଅକବର ଭୂମିକାରେ ଦେଖିବାକୁ ମିଳିବ, ଯିଏକି ନିଜ ଉତ୍ତରାଧିକାରୀଙ୍କୁ ଖୋଜିବାରେ ଲାଗିଛନ୍ତି। ମୋଗଲ ସାମାଜ୍ରାରେ ଘଟିଥିବା ସତ ଘଟଣା ଉପରେ ଏହି ୱେବ ସିରିଜଟି ଆଧାରିତ।

# ନିକ୍‌ଙ୍କୁ ଛାଡ଼ି ଆଉ ଜଣେ ହଲିଉଡ ଅଭିନେତାଙ୍କ ପ୍ରେମରେ ପଡ଼ିଲେ ପ୍ରିୟଙ୍କା !



**ମୁମ୍ବାଇ(ଏନ୍.ଏମ୍.) :** ଗ୍ଲୋବଲ ଷ୍ଟାର୍ ପ୍ରିୟଙ୍କା ଚୋପ୍ରା। ବଲିଉଡ ଠାରୁ ଆରମ୍ଭ କରି ହଲିଉଡ ଯାଏ, ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ତେବେ ଏହାରି ଭିତରେ ଏବେ ସେ ପୁଣି ଥରେ ପ୍ରେମରେ ପଡିଛନ୍ତି। ସ୍ୱାମୀ ତଥା ପପ୍‌ଷ୍ଟାର ନିକ୍ ଜୋନସ୍‌ଙ୍କୁ ଛାଡି ସେ ଆଉ ଜଣେ ହଲିଉଡ ଅଭିନେତାଙ୍କ ସହ ରୋମାଣ୍ଟିକ୍ ହୋଇଛନ୍ତି। ପ୍ରକୃତରେ ପ୍ରିୟଙ୍କା ହଲିଉଡ ଅଭିନେତା ସାମ୍ ହ୍ୟୁଗନ୍‌ଙ୍କ ପ୍ରେମରେ ପଡିଛନ୍ତି। ତେବେ ପ୍ରକୃତରେ ନୁହେଁ ଫିଲ୍ମରେ। ସାମ୍ନାକୁ ଆସିଛି ପ୍ରିୟଙ୍କା ଚୋପ୍ରାଙ୍କ ଅପକମିଂ ହଲିଉଡ ଫିଲ୍ମ ‘ଲଭ୍ ଏଗେନ୍’ର ଟ୍ରେଲର। ଏଥିରେ ସେ ନିକ୍ ଜୋନସ୍‌ଙ୍କୁ ଛାଡି ସାମ୍ ହ୍ୟୁଗନ୍‌ଙ୍କ ପ୍ରେମରେ ପଡିଛନ୍ତି। କ୍ୱାଣ୍ଟିକୋ ଭଳି ଶୋ’ କରି ହଲିଉଡରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିଛନ୍ତି ପ୍ରିୟଙ୍କା। ଏବେ ଦୀର୍ଘ ଦିନ ପରେ ପ୍ରିୟଙ୍କା ହଲିଉଡ ଫିଲ୍ମ ଲଭ୍ ଏଗେନ୍ ଜରିଆରେ ପୁଣି ଥରେ କମ୍‌ବ୍ୟାକ୍ କରିଛନ୍ତି। ଏହା ଏକ ରୋମାଣ୍ଟିକ୍ ଫିଲ୍ମ। ଏଥିରେ ଦେଶୀ ଗାର୍ଲ ପ୍ରିୟଙ୍କାଙ୍କ ଜବରଦସ୍ତ ଆକ୍ଟିଂ ଦେଖିବାକୁ ମିଳିଛି। ଏହି ଫିଲ୍ମରେ ମୀରା ଭୂମିକାରେ ନଜର ଆସିବେ ପ୍ରିୟଙ୍କା। ତାଙ୍କ ଅପୋଜିଟ୍ରେ ସାମ ହ୍ୟୁଗନ ଲିଡ୍ ରୋଲରେ ଅଛନ୍ତି। ରିଲିଜ ହୋଇଥିବା ୨ ମିନିଟ୍ ୨୮ ସେକେଣ୍ଡର ଟ୍ରେଲର୍ରେ ଫିଲ୍ମର ପୂରା କାହାଣୀର ଝଲକ ଦେଖିବାକୁ ମିଳିଛି। କେବଳ ସେତିକି ନୁହେଁ ଏହି ଫିଲ୍ମର ପ୍ରିୟଙ୍କା ଚୋପ୍ରାଙ୍କ ସ୍ୱାମୀ ନିକ୍ ଜୋନସ ମଧ ନଜର ଆସିଛନ୍ତି। ଏଥିରେ ତାଙ୍କର କେମିଓ ରୋଲ୍ ରହିଛି। ଏହି ଫିଲ୍ମ ଜରିଆରେ ପ୍ରଥମ କରି ପ୍ରିୟଙ୍କା ଓ ନିକ୍ ସ୍କ୍ରିନ୍ ଶେଆର କରିବାକୁ ଯାଉଛନ୍ତି । ଆସନ୍ତା ମେ’ ୧୨ ତାରିଖରେ ଫିଲ୍ମଟି ପରଦାକୁ ଆସିବ।

# କାର୍ ଭିତରେ ରୋମାଣ୍ଟିକ ହେଲେ ଭୂମି, ବୟଫ୍ରେଣ୍ଡଙ୍କ ସହ କଲେ ଲିପ୍ ଲକ୍



**ମୁମ୍ବାଇ(ଏଜେନ୍ସି) :** ବଲିଉଡ ଅଭିନେତ୍ରୀ ଭୂମି ପେଡନେକର। ତାଙ୍କୁ ନେଇ ଏବେ ବି-ଟାଉନ୍ରେ ଜୋରଦାର ଚର୍ଚ୍ଚା ଚାଲିଛି। ସେ ନିକଟରେ କାର୍ ଭିତରେ ହିଁ ରୋମାଣ୍ଟିକ୍ ହୋଇପଡିଛନ୍ତି। ଏପରିକି ସର୍ବସମ୍ମୁଖରେ ନିଜ ବୟଫ୍ରେଣ୍ଡ ସହ କାର୍ ଭିତରେ କରିଛନ୍ତି ଲିପ୍ ଲକ୍। ଯାହାର ଭିଡିଓ ଏବେ ସାମ୍ନାକୁ ଆସିବା ପରେ ସୋଶାଲ ମିଡିଆରେ ଏହା ଭାଇରାଲ ହେବାରେ ଲାଗିଛି। ଜବରଦସ୍ତ ଆକ୍ଟିଂ ପାଇଁ ଜଣାଶୁଣା ଭୂମି ପେଡନେକର୍ ନିଜ ଅଭିନୟ ଜାଦୁରେ ଲୋକଙ୍କ ହୃଦୟରେ ସେ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିଛନ୍ତି। ତେବେ କିଛି ଦିନ ହେବ ସେ ନିଜ ବୋଲ୍ଡ ଆଉ ବିନ୍ଦାସ ଲୁକ୍କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଯେବେଠୁ ସେ ନିଜ ଓଜନ କମାଇଛନ୍ତି ସେବେଠାରୁ ତାଙ୍କ ଡ୍ରେସିଂ ସେନ୍ସ ବଦଳି ଯାଇଛି। ଏବେ ଏହି ଅଭିନେତ୍ରୀ ନିଜର ଆଉ ଏକ ବୋଲ୍ଡ ଷ୍ଟେପ୍କୁ ନେଇ ଚର୍ଚ୍ଚାକୁ ଆସିଛନ୍ତି। ନିକଟରେ ଅଭିନେତା ସିଦ୍ଧାର୍ଥ ମଲହୋତ୍ରା ଓ କିଆରାଙ୍କ ୱେଡିଂ ରିସେପ୍ସନ୍ ପାର୍ଟିରେ ନଜର ଆସିଥିଲେ ଭୂମି ପେଡନେକର। ଏଠି ତାଙ୍କ ସହ ଜଣେ ମିଷ୍ଟ୍ରି ମ୍ୟାନ୍‌ଙ୍କୁ ଦେଖିବାକୁ ମିଳିଥିଲା। ତେବେ ସର୍ବସମ୍ମୁଖରେ ଏହି ମିଷ୍ଟ୍ରି ମ୍ୟାନ୍‌ଙ୍କୁ କାର୍ ଭିତରେ ଭୂମି ଲିପ୍ କିସ୍ କରୁଥିବା ଦେଖିବା ପରେ ଫ୍ୟାନ୍ସମାନେ ଚକିତ ହୋଇପଡିଥିଲେ। କିଆରାଙ୍କ ରିସେପ୍ସନ୍ ପାର୍ଟିରୁ ଅସିବା ପରେ କାର୍ ଭିତରେ ଏହି ମିଷ୍ଟ୍ରିମ୍ୟାନ୍‌ଙ୍କୁ କିସ୍ କରିଥିଲେ ଭୂମି। ଯାହାର ଭିଡିଓ ଏବେ ସାମ୍ନାକୁ ଆସିଛି। ଭୂମି ପେଡନେକର ତାଙ୍କ ବୟଫ୍ରେଣ୍ଡଙ୍କ ସହ ସିଦ୍ଧାର୍ଥ-କିଆରାଙ୍କ ବିବାହ ରିସେପ୍ସନରେ ପହଞ୍ଚିଥିଲେ। ଗୋଟିଏ ପଟେ, ଯେଉଁଠାରେ ଭୂମିଙ୍କର ବୋଲ୍ଡ ଲୁକ୍ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା, ଅନ୍ୟପଟେ ଲିପ୍ ଲକ୍ ଯୋଗୁଁ ସେ ଲାଇମଲାଇଟ୍କୁ ଆସିଥିଲେ। ଯଦିଓ ରିସେପସନରେ ତାଙ୍କ ବୟଫ୍ରେଣ୍ଡକୁ କେହି ଲକ୍ଷ୍ୟ କରିନଥିଲେ, କିନ୍ତୁ ଏହି କିସ୍ ଦୃଶ୍ୟ ପରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଓ ଭୂମିଙ୍କ ସହ ଥିବା ଏହି ବ୍ୟକ୍ତି କିଏ ବୋଲି ଜାଣିବାକୁ ଚାହିଁଥିଲେ। ଭୂମି ପେଡନେକର ଏବେ ବଡି ବିଲଡର ଯଶ କାଟାରିଆଙ୍କୁ ଡେଟ୍ କରୁଛନ୍ତି। ଉଭୟ ପରସ୍ପରର ରିଲେସନ୍ସିପ୍କୁ ନେଇ ବେଶ୍ ସିରିୟସ୍ ଅଛନ୍ତି। ୨୮ ବର୍ଷୀୟ ଯଶ୍ ପେସାରେ ଜଣେ ବିଜନେସ୍ମ୍ୟାନ୍, ଯିଏ ଭାରତରେ ହିଁ ରୁହନ୍ତି। ଭୂମି ସୋସିଆଲ ମିଡିଆରେ ଯଶଙ୍କୁ ଫଲୋ କରନ୍ତି। ଦୀର୍ଘ ଦିନ ଧରି ଭୂମି ଓ ଯଶ୍ ଲୁଚିଛପି ପରସ୍ପରକୁ ଡେଟ୍ ମଧ କରୁଥିବା ସୂଚନା ମିଳିଛି।

# ଜୀ-ସାର୍ଥକର ନୂଆ ଓଡିଆ ଫିଲ୍ମ ‘ବନ୍ଦିନୀ’ର ଅଡିଓ ଲୋକାର୍ପିତ




**ଭୁବନେଶ୍ୱର(ଏନ୍.ଏମ୍.) :** ଜୀ-ସାର୍ଥକ ଫିଲ୍ମସ ସବୁବେଳେ ନୂଆ ଓ ଭିନ୍ନ ଭିନ୍ନ କାହାଣୀରେ ନିର୍ମିତ ଚଳଚ୍ଚିତ୍ର ତାର ଦର୍ଶକଙ୍କୁ ଦେଇ ଆସିଛି। ଚିରାଚରିତ ପ୍ରେମ କାହାଣୀ ଠାରୁ ଭିନ୍ନ ଏକ ପ୍ରେମ ଓ ପ୍ରତିଶୋଧର ସସ୍ପେନ୍ସ କାହାଣୀକୁ ନେଇ ଏସପିପି ପ୍ରଡକ୍ଶନ୍ ହାଉସ୍ ନିର୍ମାଣ କରିଛି ‘ବନ୍ଦିନୀ’, ଯାହାକୁ ଦର୍ଶକମାନେ ଦେଖିପାରିବେ କେବଳ ଜୀ-ସାର୍ଥକରେ ଆସନ୍ତା ୧୯ ତାରିଖ ସନ୍ଧ୍ୟା ୬:୩୦ ରେ। ଭୁବନେଶ୍ୱରସ୍ଥିତ ଏକ ତାରକା ହୋଟେଲ୍ ରେ ଚଳଚ୍ଚିତ୍ର ‘ବନ୍ଦିନୀ’ର ଅଡିଓ ରିଲିଜ୍ ହୋଇଯାଇଛି।

ଏହି ଅବସରରେ ଜୀସାର୍ଥକ ବିଜିନେସ୍ ହେଡ୍ ପ୍ରତୀକ ସିଲ୍, ପ୍ରଯୋଜକ କ୍ଷୀରୋଦ ପଟ୍ଟନାୟକ, ନିର୍ଦ୍ଦେଶକ ପିନୁ ନାୟକ, ଅଭିନେତା ମଣ୍ଟୁ, ଅଭିନେତ୍ରୀ ରୀୟା, କଣ୍ଠଶିଳ୍ପୀ ସ୍ୱୟମ ପାଢ଼ୀ, ଅନ୍ତରା ଚକ୍ରବର୍ତ୍ତୀ, ଲିପ୍ସା ମହାପାତ୍ର, କାର୍ଯ୍ୟକାରୀ ପ୍ରଯୋଜକ ତନ୍ମୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଡକ୍ଟର ଜନ୍ମେଜୟ ପଣ୍ଡାଙ୍କ କାହାଣୀ, କ୍ଷୀରୋଦ ପଟ୍ଟନାୟକଙ୍କ ପ୍ରଯୋଜନା ଓ ପିନୁ ନାୟକଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଚଳଚ୍ଚିତ୍ର ପାଇଁ ନିର୍ମଳ ନାୟକ ଗୀତ ରଚନା କରିଛନ୍ତି ଓ ଅଭିଜିତ୍ ମଜୁମଦାର ଗୀତଗୁଡ଼ିକୁ ସଙ୍ଗୀତରେ ସଜେଇଛନ୍ତି। ଗାଇଛନ୍ତି ସ୍ୱୟମ ପାଢ଼ୀ, ଅନ୍ତରା ଚକ୍ରବର୍ତ୍ତୀ, ଏସ୍ ଜିତୁ, ଲିପ୍ସା ଓ ସସ୍ମିତ ଏବଂ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଲୁବୁନ୍ ଟୁବୁନ୍। ଓଡିଆ ଚଳଚିତ୍ର ଜଗତର ଦୁଇଜଣ ଲୋକପ୍ରିୟ ଅଭିନେତା ମଣ୍ଟୁ ଓ ରିୟା ଦେଙ୍କୁ ଏକାଠି ଏହି ରୋମାଞ୍ଚ ଭରା ଚଳଚ୍ଚିତ୍ର ‘ବନ୍ଦିନୀ’ରେ ଦେଖିବାକୁ ମିଳିବ। ଏହି ଦୁଇଜଣଙ୍କ ଛଡ଼ା ଓଡ଼ିଶାର ଆହୁରି ଅନେକ ଲୋକପ୍ରିୟ କଳାକାର ମାନଙ୍କ ମଧ୍ୟରେ ବବି ମିଶ୍ର, ସରୋଜ ଦାସ, ଶୁଭ୍ରାଂଶୁ ନାୟକ, କମେଡିଆନ୍ ଥିନ୍ ଓ ମନୀଷା ରଥ ଏହି ଚଳଚ୍ଚିତ୍ରରେ ନିଜର ଅଭିନୟର ଯାଦୁ ଦେଖାଇବେ। ଏକ ଭିନ୍ନ ସ୍ୱାଦ ଓ ସସ୍ପେନ୍ସ ଚଳଚ୍ଚିତ୍ର ଯାହା ବିଭିନ୍ନ ରୂପରେ ପ୍ରେମ, ଷଡଯନ୍ତ୍ର ଏବଂ ପାରିବାରିକ ସମ୍ପର୍କ ଦେଖାଉଥିବା କାହାଣୀ ଦର୍ଶକଙ୍କୁ ନିଶ୍ଚୟ ବାନ୍ଧି ରଖିବ ବୋଲି ପ୍ରଯୋଜନା ସଂସ୍ଥା, ଜୀ-ସାର୍ଥକ ଚାନେଲ୍ ମୁଖ୍ୟ ପ୍ରତୀକ ସିଲ୍ କହିଛନ୍ତି। କାହାଣୀ ଆରମ୍ଭ ହେଉଛି ଭଉଣୀ ବାହାଘର ପାଇଁ ପାରୋଲରେ ଜେଲରୁ ଆସୁଥିବା ନନ୍ଦିନୀ ଠାରୁ ହେଲେ। ବାହାଘରରେ ନ ପହଞ୍ଚି, ସମୟକ୍ରମେ ସେ ପହଞ୍ଚିଛି ଶୁଭମ୍ ଘରେ ଓ ସେଠାରେ ଏହି ଦୁଇଜଣଙ୍କୁ ଶୁଭମ୍‌ର ପରିବାର ବିବାହ ବନ୍ଧନରେ ବାନ୍ଧିବାକୁ ପୁରା ପ୍ରସ୍ତୁତ ହେଲାବେଳ କାହାଣୀରେ ଆସୁଛି ଏକ ଆକସ୍ମିକ ମୋଡ। କାହାଣୀରେ ପ୍ରବେଶ କରୁଛି ଜସ୍ମିନ୍। ସେ ପ୍ରତିଶୋଧ ନେବାକୁ ନନ୍ଦିନୀର ଅତୀତ ଜୀବନ ବିଷୟରେ ଖୋଜିବା ଆରମ୍ଭ କରେ ଆଉ ଯେଉଁ ତଥ୍ୟ ମିଳେ ତାହା ଅଦ୍ଭୁତ। ହେଲେ କାହିଁକି ଜସ୍ମିନ୍ ପ୍ରତିଶୋଧ ନେଉଛି, କାହିଁକି ନନ୍ଦିନୀ ଜେଲରେ ଥିଲା ? ନନ୍ଦିନୀଙ୍କ ସହିତ କ’ଣ ହେବ ? ସେ ପୁଣି ଜେଲକୁ ଯିବ କି ? ଏହି ସମସ୍ତ ପ୍ରଶ୍ନର ଉତ୍ତର କେବଳ କ୍ଲାଇମାକ୍ସରେ ହିଁ ମିଳିବ। ବାହାଘର ପରେ ରିୟାଙ୍କର ଏହା ପ୍ରଥମ ଚଳଚ୍ଚିତ୍ର ଭାବରେ ରିଲିଜ୍ ହେବ ତେଣୁ ସେ ବହୁତ ଉତ୍କଣ୍ଠାର ସହ ଚାହିଁ ବସିଛନ୍ତି ରିଲିଜ୍ ପାଇଁ ଓ ଆଶା କରିଛନ୍ତି ଦର୍ଶକ ମାନେ ଏହି ଚଳଚିତ୍ରଟିକୁ ମନଭରି ଉପଭୋଗ କରିବେ।

## ଏ ସପ୍ତାହର ଭାଗ୍ୟବିଚାର

**ମେଷ :** ସୋମବାର : ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର : ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ। ଶୁକ୍ର ଓ ଶନିବାର : ଶିକ୍ଷକଙ୍କର ସହଯୋଗ ପାଇବେ। ରବିବାର ପାରିବାରିକ ସୁଖ ମିଳିବ।

**ବୃଷ :** ସୋମବାର : ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର : ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ। ଶୁକ୍ର ଓ ଶନିବାର : ଘରର ପରିବେଶ ଭଲ ରହିବ। ରବିବାର : ଲାଭବାନ ହେବେ।

**ମିଥୁନ :** ସେମାବାର : ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ। ମଙ୍ଗଳ, ବୁଧ ଓ ଗୁରୁବାର : କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ। ଶୁକ୍ର ଓ ଶନିବାର : ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି। ରବିବାର :ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ।

**କର୍କଟ :** ସୋମବାର : ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ। ମଙ୍ଗଳ, ବୁଧ ଓ ଗୁରୁବାର : ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ। ଶୁକ୍ର ଓ ଶନିବାର : ବ୍ୟବସାୟରେ ବିକ୍ରୀ ବଢ଼ିବ। ରବିବାର : ମନବାଞ୍ଛା ପୂର୍ଣ୍ଣ ହେବ।

**ସିଂହ :** ସୋମବାର : ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ। ମଙ୍ଗଳ, ବୁଧ ଓ ଗୁରୁବାର : ମନ ଆଧାତ୍ମିକ ...ର ଲାଗି ରହିବ। ଶୁକ୍ର ଓ ଶନିବାର : କିଛିନା କିଛି ଇଚ୍ଛା ପୂରା ହେବ। ରବିବାର : ନୂତନ କାର୍ଯ୍ୟରେ ଯୋଗଦେବେ।

**କନ୍ୟା :** ସୋମବାର : କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର : ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ। ଶୁକ୍ର ଓ ଶନିବାର : ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ। ରବିବାର : କର୍ମକ୍ଷେତ୍ରକୁ ... ଚିନ୍ତିତ ରହିବେ।

**ତୁଳା :** ସୋମବାର : ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ। ମଙ୍ଗଳ, ବୁଧ ଓ ଗୁରୁବାର : ବେକାରଙ୍କୁ ରୋଜଗାର ମିଳିବ। ଶୁକ୍ର ଓ ଶନିବାର : ବିଶେଷ କାମରେ ବାଧା ଉପୁଜିପାରେ। ରବିବାର : ହଠାତ୍ ଅସୁସ୍ଥ ଅନୁଭବ କରିବେ।

**ବିଛା :** ସୋମବାର : ବ୍ୟବସାୟରେ ସବୁ ଭଲ ହେବ। ମଙ୍ଗଳ, ବୁଧ ଓ ଗୁରୁବାର : ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ। ଶୁକ୍ର ଓ ଶନିବାର : ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ। ରବିବାର : ବ୍ୟବସାୟରେ ଲାଭବାନ ...।

**ଧନୁ :** ସୋମବାର : କୌଣସି କାମରେ ଅଧିକ ସମୟ ବ୍ୟୟ ହେବ। ମଙ୍ଗଳ, ବୁଧ ଓ ଗୁରୁବାର : ନୂଆ ଲୋକଙ୍କ ସହିତ ସଂପର୍କ ହେବ। ଶୁକ୍ର ଓ ଶନିବାର : କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ। ରବିବାର : ...ରେ ସମୟ ଅତିବାହିତ ହେବ।

**ମକର :** ସୋମବାର : ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ। ମଙ୍ଗଳ, ବୁଧ ଓ ଗୁରୁବାର : ଉପାର୍ଜନ ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର : କାରବାରରେ ସଫଳତା ପାଇବେ। ରବିବାର : କୌଣସି ବନ୍ଧୁ ସହଯୋଗର ହାତ ...ବେ।

**କୁମ୍ଭ :** ସୋମବାର : ସାମାଜିକ କାର୍ଯ୍ୟରେ ସମୟ ଦେବେ। ମଙ୍ଗଳ, ବୁଧ ଓ ଗୁରୁବାର : ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର : ନୂଆ କାର୍ଯ୍ୟରେ ରୁଚି ବଢ଼ିବ। ରବିବାର : ଧର୍ମାନୁଷ୍ଠାନ କାର୍ଯ୍ୟରେ ... କଟିବ।

**ମୀନ :** ସୋମବାର : ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ। ମଙ୍ଗଳ, ବୁଧ ଓ ଗୁରୁବାର : ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ। ଶୁକ୍ର ଓ ଶନିବାର : ଆୟ ବୃଦ୍ଧି ହେବ। ରବିବାର : ଦୀର୍ଘ ଦିନ ଧରି ...କରିଥିବା ଫଳ ପ୍ରାପ୍ତି ହୋଇପାରେ।

# ‘କନ୍ତାରା’ ଫେମ୍ ରିଷଭ୍‌ଙ୍କୁ ଦାଦା ସାହେବ ଫାଲକେ ସମ୍ମାନ



**ମୁମ୍ବାଇ(ଏଜେନ୍ସି) :** ଦାଦା ସାହେବ ଫାଲକେ ସମ୍ମାନ ପାଇବେ ‘କନ୍ତାରା’ ଫେମ୍ ରିଷଭ ଶେଟ୍ଟୀ। ଗତବର୍ଷ ନିଜ ବ୍ଲକବଷ୍ଟର ଫିଲ୍ମ କନ୍ତାରା ଜରିଆରେ ଅନ୍ତର୍ଜାତୀୟ ଖ୍ୟାତି ଅର୍ଜନ କରିଥିବା ରିଷଭଙ୍କୁ ଦାଦାସାହେବ ଫାଲକେ ଆନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ୨୦୨୩ରେ ମୋଷ୍ଟ ପ୍ରମିସିଙ୍ଗ ଅଭିନେତା ପୁରସ୍କାରରେ ସମ୍ମାନିତ କରାଯିବ। କନ୍ନଡ ଫିଲ୍ମର ସୀମା ଅତିକ୍ରମ କରି ରିଷଭ ବର୍ତ୍ତମାନ ଅଖିଳଭାରତୀୟ ସ୍ତରର ଅଭିନେତା ହୋଇପାରିଛନ୍ତି। କେନ୍ଦ୍ରୀୟ ସେନ୍ସର ବୋର୍ଡର ସଦସ୍ୟ ତଥା ଦାଦାସାହେବ ଫାଲକେ ଆନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବର ସିଇଓ ଅଭିଷେକ ମିଶ୍ରା ଏକ ଚିଠି ମାଧ୍ୟମରେ ଏହି ଖବର ଘୋଷଣା କରିଛନ୍ତି। ଆସନ୍ତା ଫେବ୍ରୁଆରୀ ୨୦ ତାରିଖରେ ମୁମ୍ବାଇରେ ଏହି ପୁରସ୍କାର ସମାରୋହ ଆୟୋଜିତ ହେବ। ଫିଲ୍ମ କନ୍ତାରା ଜରିଆରେ ପୂରା ଭାରତରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଅଭିନେତା ତଥା ନିର୍ଦ୍ଦେଶକ ରିଷଭ ଶେଟ୍ଟୀଙ୍କୁ ତାଜ ଲ୍ୟାଣ୍ଡ ଆଣ୍ଡ ହୋଟଲ୍ରେ ପୁରସ୍କୃତ କରାଯିବ। ଏନେଇ ଅଭିଷେକ ମିଶ୍ରା ଚିଠି ମାଧ୍ୟମରେ ଜଣାଇଛନ୍ତି। ଏହାପୂର୍ବରୁ ସାଉଥର ଅନେକ ଅଭିନେତାଙ୍କୁ ଦାଦା ସାହେବ ଫାଲକେ ପୁରସ୍କାରରେ ସମ୍ମାନିତ କରାଯାଇସାରିଛି। ୨୦୧୯ରେ କେଜିଏଫ୍ ଚାପ୍ଟର-୧ ପାଇଁ ଅଭିନେତା ଯଶ୍‌ଙ୍କୁ ଦାଦା ସାହେବ ଫାଲକେ ଆୱାର୍ଡ ମିଳିଥିଲା। ଏହାପରେ ୨୦୨୦ରେ କିଚ୍ଚା ସୁଦୀପକୁ ଫିଲ୍ମ ଦବଙ୍ଗ-୩ ପାଇଁ ମୋଷ୍ଟ ପ୍ରମିସିଙ୍ଗ ଅଭିନେତା କ୍ୟାଟେଗୋରୀରେ ପୁରସ୍କୃତ କରାଯାଇଥିଲା। ନିକଟରେ ରିଷଭ ବେଙ୍ଗାଲୁରୁର ରାଜଭବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଥିଲେ। ନରେନ୍ଦ୍ର ମୋଦିଙ୍କ ସହ ସେ ରାତ୍ରୀ ଭୋଜନ କରିବାର ସୁଯୋଗ ପାଇଥିଲେ। ଏହି ସମୟରେ ସେ ମୋଦିଙ୍କ ସହ କନ୍ନଡ ଫିଲ୍ମ ଇଣ୍ଡଷ୍ଟ୍ରି ବିଷୟରେ ଆଲୋଚନା କରିଥିଲେ। ତାଙ୍କ ସହ କେଜିଏଫ୍ ଷ୍ଟାର୍ ଯଶ୍ ମଧ ସାମିଲ ଥିଲେ।

## ମା’ରାଣ ଦେହକୁ ନେବେନି...



ଶିବଲିଙ୍ଗେ ଭାଙ୍ଗି ଖଣ୍ଡଖଣ୍ଡ କଲି
ଜାଗରରେ କେତେ ନଡ଼ିଆ ...
ଜଳଶାୟୀ କରି ଶୁଖେଇ ଦେଲିଣି
ଆମ ଗାଁ ମୁଣ୍ଡ ଗାଡ଼ିଆ ...
କାଳିଙ୍କି ଯାଚିଛି ଫଡ଼ିଆ ...
କୁହଟିକେ ପ୍ରଭୁ ମୋ କଥା ବୁଝିବ
ଆମ ଏମେଲେଟା ଭଳି କୋଡ଼ିଆ ...

- ସସ୍ମିତ ସେନାପତି

# ବୋଉର ରୋଷେଇ ଘର

## ପନିର କର୍ଣ୍ଣ କଟଲେଟ୍



**ଆବଶ୍ୟକ ସାମଗ୍ରୀ :** ପନିର, ମକା, ବେସନ, କଟା ପିଆଜ ,ଅଦା-ରସୁଣ ପେଷ୍ଟ, କଟା କଞ୍ଚା ଲଙ୍କା, ଗୋଲ ମରିଚ ଗୁଣ୍ଡ, ଲେମ୍ବୁ ରସ, ଧନିଆ ପତ୍ର, ଚାଟ୍ ମସଲା ,ରିଫାଇନ୍ ତେଲ, ବ୍ରେଡ କ୍ରମ୍ବ ଓ ସ୍ୱାଦନୁସାରେ ଲୁଣ

**ପ୍ରସ୍ତୁତି ପ୍ରଣାଳୀ :** ପ୍ରଥମେ କିଛି ମକାକୁ ଗ୍ରାଇଣ୍ଡିଂ କରି ଏକ ପାତ୍ରରେ ରଖନ୍ତୁ। ମନେ ରଖନ୍ତୁ ମକାର ମିଶ୍ରଣକୁ ଚିକ୍କଣ କରି ନବାଟି ଖଣ୍ଡ ଖଣ୍ଡ ମକା ରଖିବେ । ଏହାପରେ ଏହି ମିଶ୍ରଣରେ ପନିର, ବେସନ, କଟା ପିଆଜ, କଟା କଞ୍ଚା ଲଙ୍କା, ଗୋଲମରିଚ ଗୁଣ୍ଡ ଅଦା-ରସୁଣ ପେଷ୍ଟ, ଲେମ୍ବୁ ରସ, ଧନିଆ ପତ୍ର,ଚାଟ୍ ମସଲା ଓ ଅଳ୍ପ ଲୁଣ ମିଶାଇ ଗୋଳାଇ ଏକ ପାତ୍ରରେ ରଖନ୍ତୁ। ଏହି ମିଶ୍ରଣକୁ ହାତରେ ଗୋଲ ଗୋଲ ଆକାରର ବଲ୍ ପ୍ରସ୍ତୁତ କରନ୍ତୁ । ଏହାପରେ ଏହି ବଲ୍ ଗୁଡିକ ବ୍ରେଡ କ୍ରମ୍ବ୍ ରେ କୋଟିଂ କରି ଏକ ପାତ୍ରରେ ରଖନ୍ତୁ।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର । ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା’ ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି । ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ ।




# ବାଂଲାଦେଶ ନିର୍ବାଚନରେ ଛାପ ଛାଡ଼ିଲା ବିଜେପି



ନୂଆଦିଲ୍ଲୀ (ଏଜେନ୍ସି) : ଜାନୁଆରୀ ୧୨ରେ ଶେଷ ହୋଇଛି ବାଂଲାଦେଶର ୧୩ତମ ସାଧାରଣ ନିର୍ବାଚନ। ଭୋଟିଂ ଶେଷ ହେବା ପରେ ଗଣତି ଆରମ୍ଭ ହୋଇଥିଲା ଓ ୧୩ ତାରିଖ ସୁଦ୍ଧା ଏହା ଶେଷ ହୋଇଛି। ଦୀର୍ଘ ୨୦ ବର୍ଷ ପରେ ବିଏନପି ବାଂଲାଦେଶରେ ସରକାର ଗଠନ କରିବାକୁ ଯାଉଥିବା ଜନାଦେଶରୁ ସ୍ପଷ୍ଟ ହୋଇଛି। ହେଲେ ବାଂଲାଦେଶର ୧୩ତମ ସାଧାରଣ ନିର୍ବାଚନ ରେ ନିଜର ଛାଡ଼ ଛାଡ଼ିଛି ବିଜେପି। ଏହା ଶୁଣି ଆପଣ ନିଶ୍ଚିତ ଆଶ୍ଚର୍ଯ୍ୟ ହେଉଥିବେ। କିନ୍ତୁ ଭାରତର କ୍ଷମତାସୀନ ବିଜେପି ସହ ଏହାର କୌଣସି ସମ୍ପର୍କ ନାହିଁ। କେବଳ ସଂକ୍ଷିପ୍ତ ନାମ ଭାରତୀୟଙ୍କୁ ଏକାଭଳି ଲାଗୁଛି। ଏହା ଛଡ଼ା ଭାରତ ସହ ଏହି ସଂକ୍ଷିପ୍ତ ଶବ୍ଦର କୌଣସି ଲିଙ୍କ ନାହିଁ। ବାସ୍ତବରେ ବାଂଲାଦେଶ ଜାତୀୟ ପାର୍ଟି (ବିଜେପି) ଦେଶର ୧୩ତମ ନିର୍ବାଚନରେ ନିଜର ଛାପ ଛାଡ଼ିଛି। ଦଳ ଗୋଟିଏ ଆସନ ଜିତିବାକୁ ସକ୍ଷମ ହୋଇଛି। ଭୋଲା-୧ ନିର୍ବାଚନ ମଣ୍ଡଳୀରୁ ବିଜେପିର ଆନ୍ଦଲିଭେ ରହମାନ ପାର୍ଥୋ ବିଜୟୀ ହୋଇ ଦଳ ପାଇଁ ଇତିହାସ ସୃଷ୍ଟି କରିଛନ୍ତି। ବାଂଲାଦେଶ ନିର୍ବାଚନ କମିଶନ ୨୯୭ଟି ଆସନର ରେଜଲ୍ଟକୁ ଘୋଷଣା କରିଛନ୍ତି। ଏହା ମଧ୍ୟରୁ ବିଏନପି ମୋଟ ୨୧୨ଟି ଆସନ ଜିତିଥିବା ବେଳେ ଜମାତ ମୋଟ ୭୭ଟି ଆସନ ଜିତିଛି। କେବଳ ବିଏନପି ଏକାକୀ ୨୦୯ଟି ଆସନରେ ବାଜିମାତ କରିଛି। ବିଏନପିର ସହଯୋଗୀ ଦଳ ଗାଓଁସାମହାତି ଆନ୍ଦୋଳନ, ବାଂଲାଦେଶ ଜାତୀୟ ପାର୍ଟି (ବିଜେପି) ଓ ଗଣ ଅଧିକାର ପରିଷଦ ଗୋଟିଏ ଲେଖାଏ ଆସନ ଜିତିଛନ୍ତି। ବିଏନପି ସରକାର ଗଠନ କରିବାକୁ ଯାଉଥିବା ବେଳେ ବିଜେପି ମଧ୍ୟ ଏଥିରେ ଭାଗିଦାରୀ କରିବ। ବାଂଲାଦେଶ ସରକାର ଗଠନରେ ବିଜେପି ମଧ୍ୟ ସାମିଲ ହେବ। ଅନ୍ୟପକ୍ଷରେ ଜମାତ ଏକାକୀ ୬୮ଟି ଆସନ ଜିତିଥିବା ବେଳେ ସହଯୋଗୀ ନ୍ୟାଶନାଲ ସିଟିଜେନ ପାର୍ଟି ବା ଏନସିପି ୬ଟି ଆସନ ଦଖଲ କରିଛି। ବାଂଲାଦେଶର ସାଧାରଣ ନିର୍ବାଚନ ୫୦ଟି ରାଜନୀତିକ ଦଳ ଓ ୨୦୨୮ ଜଣ ପ୍ରାର୍ଥୀ ନିଜର ଭାଗ୍ୟ ପରୀକ୍ଷା କରିଥିଲେ। ଏମାନଙ୍କ ମଧ୍ୟରେ ୨୭୩ ଜଣ ହେଉଛନ୍ତି ସ୍ୱାଧୀନ ପ୍ରାର୍ଥୀ। ବିଏନପି ସର୍ବାଧିକ ୨୯୧ ଜଣ ପ୍ରାର୍ଥୀ ଦେଇଥିଲା। ଏହା ବ୍ୟତୀତ ୮୩ ଜଣ ମହିଳା ନିର୍ବାଚନ ମୈଦାନକୁ ଓହ୍ଲାଇଥିଲେ। ବାଂଲାଦେଶ ଜାତୀୟ ପାର୍ଟି (ବିଜେପି)ର ପାର୍ଥୋ ୧,୦୫,୫୪୩ ଖଣ୍ଡ ଭୋଟ ପାଇ ଜମାତ ପ୍ରାର୍ଥୀ ମହମ୍ମଦ ନଜରୁଲ ଇସଲମାଙ୍କୁ ପରାସ୍ତ କରିଛନ୍ତି। ନଜରୁଲ ୭୫,୩୩୭ ଖଣ୍ଡ ଭୋଟ ପାଇଛନ୍ତି। ଫେବୃଆରୀ ୧୨ ନିର୍ବାଚନ ପୂର୍ବରୁ ଭୋଲା ନିର୍ବାଚନ ମଣ୍ଡଳୀକୁ ପାର୍ଥୋ ଗୋଟିଏ ତିଲୋତ୍ତମା ବା ଅତ୍ୟାଧୁନିକ ଓ ସୁନ୍ଦର ସହରରେ ପରିଣତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଭୋଲା-ବରିଶଲ ବ୍ରିଜ ତିଆରି କରିବା ସହ ମେଡିକାଲ କଲେଜ ପ୍ରତିଷ୍ଠା ଓ ପ୍ରତିଟି ଘରକୁ ଗ୍ୟାସ ସଂଯୋଗ କରିବେ ବୋଲି କହିଥିଲେ। ପାଥଇ ହେଉଛନ୍ତି ଜଣେ ରାଜନେତା, ଶିକ୍ଷାବିତ ଓ ଆଇନଜୀବୀ। ସେ ଭୋଲା-୧ର ପୂର୍ବତନ ସାଂସଦ। ଢାକାରେ ଥିବା ବ୍ରିଟିଶ ସ୍କୁଲ ଫ ଲ'ର ସେ ପ୍ରିନ୍ସିପାଲ ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି। ତାଙ୍କ ରାଜନୀତିକ କ୍ୟାରିୟରର ୨୦୦୮ରୁ ଆରମ୍ଭ ହୋଇଥିଲା। ସେ ବାଂଲାଦେଶର ୯ମ ସାଧାରଣ ନିର୍ବାଚନରେ ଭୋଲା-୧ ଆସନରୁ ନିର୍ବାଚନ ଲଢ଼ି ଆବାମୀ ଲିଗରର ୟୁସୁଫ ହୁସେନ ହୁମାୟୁନଙ୍କୁ ହରାଇଥିଲେ। ୨୦୦୯ରୁ ୨୦୧୪ ଯାଏ ସେ ସାଧାରଣ ପ୍ରଶାସନ ମନ୍ତ୍ରଣାର ଷ୍ଟାଣ୍ଡିଂ କମିଟିର ସଦସ୍ୟ ରହିଥିଲେ। ସେ ହେଉଛନ୍ତି ପୂର୍ବତନ ମନ୍ତ୍ରୀ ଓ ଭୋଲା-୧ ନିର୍ବାଚନ ମଣ୍ଡଳୀର ପୂର୍ବତନ ସାଂସଦ ନଜିଉର ରହମାନ ମଞ୍ଜୁ ଓ ଶେଖ ରେବା ରହମାନଙ୍କ ପୁଅ।

## ଅଟୋ ଓ କାର ଉପରେ ଖସିପଡ଼ିଲା ମେଟ୍ରୋ ପିଲାର୍

**ବଡ଼ ଅଘଟଣ**

**ନୂଆଦିଲ୍ଲୀ (ଏଜେନ୍ସି) :** ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇର ମୁଲୁଣ୍ଡରେ ଘଟିଛି ବଡ଼ ଅଘଟଣ। ଏଠାରେ ଚାଲିଥିବା ନିର୍ମାଣାଧୀନ ମେଟ୍ରୋ ଲାଇନ ର ଗୋଟିଏ ସିମେଣ୍ଟ ପିଲାର ବିଚ ରାସ୍ତାରେ ଖସି ପଡ଼ିଛି। ବିରାଟକାୟ ସିମେଣ୍ଟ ପିଲାରରେ ରାସ୍ତା ଯାଉଥିବା ଗୋଟିଏ ଅଟୋ ଓ କାର ଉପରେ ପଡ଼ିବାରୁ ୪ ଜଣ ଲୋକ ଆହତ ହୋଇଛନ୍ତି। ଅଟୋଟି ସଂପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ବେଳେ କାରର ଆଗ ପଟ ଅଂଶ ଛିନଛତ୍ର ହୋଇଯାଇଛି। ସ୍ଥାନୀୟ ଲୋକମାନେ ଅଟୋରେ ଫସି ରହିଥିବା ୪ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ପୂରା ଘଟଣା ଶନିବାର ଅପରାହ୍ନ ୧୨.୨୦ରେ ଘଟିଛି। ଜନସନ ଆଣ୍ଡ ଜନସନ ଫ୍ୟାକ୍ଟ୍ରୀ ସାମ୍ନାରେ ଥିବା ଏଲବିଏସ୍ ରାସ୍ତାରେ ଏପରି ଅଘଟଣ ଘଟିଛି। ଏଠାରେ ମେଟ୍ରୋ କାମ ଚାଲିଥିବା ବେଳେ ଗୋଟିଏ ବିରାଟକାୟ ସିମେଣ୍ଟ ପିଲାର ଖସିଥିଲା ଓ ସିଧା ରାସ୍ତାରେ ଯାଉଥିବା ଅଟୋ ଉପରେ ପଡ଼ିଥିଲା। ଅଟୋଟି ସଂପୂର୍ଣ୍ଣ ଭାବେ ସିମେଣ୍ଟ ପିଲାର ତଳେ ଚାପି ହୋଇ ଯାଇଥିବା ବେଳେ ଆଉ କାରର କିଛି ଅଂଶ ମଧ୍ୟ ସିମେଣ୍ଟ ପିଲାର ମାଡ଼ରେ କ୍ଷତିଗ୍ରସ୍ତ ହୋଇଛି। ସାଧାରଣ ଲୋକ ଓ ସ୍ଥାନୀୟ ପୌର ଅଧିକାରୀ ତୁରନ୍ତ ସିମେଣ୍ଟ ପିଲାର ତଳେ ଫସିଥିବା ଅଟୋରୁ ୪ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହସ୍ପିଟାଲକୁ ନେଇଛନ୍ତି। ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ଜଣେ ଅଧିକାରୀ କହିଛନ୍ତି, "ଗୋଟିଏ ସିମେଣ୍ଟ ସ୍ଲାବ ଭୁଶୁଡ଼ିବା ଥିଲା ଓ ତଳେ ଥିବା ଅଟୋ ରିକ୍ସା ଉପରେ ପଡ଼ିଥିଲା। ଏଥିଯୋଗୁ ଅଟୋଟି ସଂପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ଘଟଣାରେ ୩ରୁ ୪ ଜଣ ଆହତ ହୋଇଛନ୍ତି। ଅଗ୍ନିଶମ କର୍ମଚାରୀ, ପୁଲିସ୍ କର୍ମଚାରୀ ଓ ମେଟ୍ରୋ ରେଲ ରୁଟ (ଲେନ ୪)ର ଅଧିକାରୀମାନେ ଘଟଣା ସ୍ଥଳରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି। ଘଟଣାର ଯାଞ୍ଚ ମଧ୍ୟ ଆରମ୍ଭ ହୋଇଛି।" ମୁମ୍ବାଇ ଫାୟାର ବ୍ରିଗେଡ (ଏମଏଫବି), ଏକାଧିକ ଏଜେନ୍ସି ଘଟଣା ସ୍ଥଳରେ ରହିଛନ୍ତି। ଉଦ୍ଧାର କାର୍ଯ୍ୟରେ ଏକାଧିକ ଆମ୍ବୁଲାନ୍ସ ନିୟୋଜିତ ହୋଇଥିବା ମଧ୍ୟ ଦେଖିବାକୁ ମିଳିଛି।

**୩୩ ବର୍ଷୀୟ ମହିଳାଙ୍କୁ ମାରିଲା**

# ମଇଳାଟାଙ୍କିରେ ମୃତଦେହ ଫିଙ୍ଗିଲା ବିବାହିତ ପ୍ରେମିକ



ନୂଆଦିଲ୍ଲୀ (ଏଜେନ୍ସି) : ଜଣେ ୩୩ ବର୍ଷୀୟ ମହିଳାଙ୍କୁ ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା। ମହିଳାଙ୍କୁ ହତ୍ୟା କରିଛି ତାଙ୍କର ବିବାହିତ ପ୍ରେମିକ। ନିଜ ପ୍ରେମିକାଙ୍କୁ ହତ୍ୟା କରିବା ପରେ ମୃତଦେହକୁ ଗୋଟିଏ ପରିତ୍ୟକ୍ତ ପ୍ଲଟରେ ଥିବା ମଇଳା ଟାଙ୍କିରେ ସେ ଫିଙ୍ଗିଥିଲା। କିନ୍ତୁ ପୁଲିସ୍ ସେଠାରୁ ଅଧା ପୋଚି ଯାଇଥିବା ମୃତଦେହକୁ ଉଦ୍ଧାର କରିବା ପରେ ଘଟଣା ସାମ୍ନାକୁ ଆସିଛି। ମଧ୍ୟପ୍ରଦେଶର ଭୋପାଲ ଅନ୍ତର୍ଗତ ନିଶହାତପୁରା ଅଞ୍ଚଳରେ ଏପରି ଘଟଣା ଘଟିଛି। ମୃତଦେହ ଜବତ ହେବାର ୨୪ ଘଣ୍ଟା ମଧ୍ୟରେ ପୁଲିସ୍ ଘଟଣା ଉପରକୁ ପରାଦ ହଟାଇଛି। ଘଟଣା ପଛରେ ପ୍ରେମ, ପ୍ରତାରଣ, ବ୍ଲାମେଲ ଭଳି କାରଣ ରହିଥିବା ପୁଲିସ୍ ଜାଣିବାକୁ ପାଇଛି। ଇନଷ୍ଟାଗ୍ରାମରୁ ଆରମ୍ଭ ହୋଇଥିବା ପ୍ରେମ ଶେଷରେ ମଇଳା ଟାଙ୍କିରେ ଶେଷ ହୋଇଛି। ମୃତ ମହିଳା ଜଣଙ୍କ ହେଲେ ମହାରାଷ୍ଟ୍ରର ଗୋଣ୍ଡିଆ ଜିଲ୍ଲାର ଅଶରଫି ଓରଫ ସିୟା। ସୋମବାର ଦିନ ସିୟାଙ୍କୁ ତାଙ୍କ ପ୍ରେମିକ ସମୀର ତଣ୍ଟି ଚିପି ହତ୍ୟା କରିଥିଲା। ସମୀର ପୂର୍ବରୁ ବିବାହିତ ଥିଲେ ହେଁ ସିୟାଙ୍କ ସହ ସମ୍ପର୍କ ରଖିଥିଲା। ସିୟାଙ୍କୁ ମାରିବାରେ ସମୀରର ପରିବାର ଲୋକ ମଧ୍ୟ ସହାୟତା କରିଥିଲେ। ହତ୍ୟା ପରେ ମୃତଦେହକୁ ଗୋଟିଏ ଲୁହା ବାକ୍ସରେ ଭର୍ତ୍ତି କରାଯାଇଥିଲା ଓ କମଳା ନଗର ଘର ପାଖରେ ଥିବା ମଇଳା ଟାଙ୍କିରେ ଏହାକୁ ଫିଙ୍ଗି ଦିଆଯାଇଥିଲା। ସବୁ ପ୍ରମାଣ ନଷ୍ଟ ପାଇଁ ସମୀର ଓ ତା' ପରିବାର ଲୋକ ସବୁ ପ୍ରକାରର ଉଦ୍ୟମ କରିଥିଲେ। ଘଟଣାର ପ୍ରାୟ ବର୍ଷକ ତଳେ ଇନଷ୍ଟାଗ୍ରାମ ଜରିଆରେ ସିୟା ଓ ସମୀର ମଧ୍ୟରେ ସମ୍ପର୍କ ଗଢ଼ି ଉଠିଥିଲା। ପ୍ରଥମେ କଥାବାର୍ତ୍ତା ପରେ ସେମାନଙ୍କ ଭିତରେ ଆରମ୍ଭ ହୋଇଥିଲା ପ୍ରେମ। ସମୀରର ପ୍ରେମରେ ସିୟା ଏତେ ବୁଡ଼ି ଯାଇଥିଲେ ଯେ ସେ ସବୁ କିଛି ଭୁଲି ୩ ମାସ ତଳେ ନିଜ ଘର ମହାରାଷ୍ଟ୍ରରୁ ସିଧା ଭୋପାଳ ଚାଲି ଯାଇଥିଲେ। ସେ ସୀମର ସହ ସେଠାରେ ରହିବା ସହ ନିଜ ଜୀବନର ନୂଆ ଅଧ୍ୟାୟ ଆରମ୍ଭ କରିଥିବା ଭାବି ନେଇଥିଲେ। କିନ୍ତୁ ସମୀର ପୂର୍ବରୁ ବିବାହିତ ଥଲା ଓ ତା'ର ୨ଟି ପିଲା ମଧ୍ୟ ଥିଲେ। ତଥାପି ସିୟା କମଳା ନଗର ସ୍ଥିତ ସମୀରର ଘରେ ରହିବା ଆରମ୍ଭ କରିଥିଲେ। କିଛି ଦିନ ରହିବା ପରେ ସମୀରର ପତ୍ନୀ ଓ ସିୟାଙ୍କ ମଧ୍ୟରେ ପ୍ରତିଦିନ ପାଟିତୁଣ୍ଡ ଆରମ୍ଭ ହୋଇଯାଇଥିଲା। ସିୟାଙ୍କୁ ସମୀର ଅନେକ କଥା ଲୁଚାଇଥିବାରୁ ପାରିବାରିକ ଅଶାନ୍ତି ଧୀରେଧୀରେ ବଢ଼ିବାରେ ଲାଗିଥିଲା। ସମୀରର ଘରେ ସିୟା ରହୁଥିଲେ ହେଁ ଏଯାଏ ସେମାନଙ୍କ ବାହାଘର ହୋଇ ନଥିଲା। ତେଣୁ ସିୟା ପ୍ରତିଦିନ ବାହାଘର ପାଇଁ ସମୀର ଉପରେ ଚାପ ପକାଇବା ଆରମ୍ଭ କରିଥିଲେ। ଏପରି କି ସେ ସମୀରକୁ ୫ ଲକ୍ଷ ଟଙ୍କା ମାଗିଥିଲେ ଓ ଟଙ୍କା ନ ମିଳିଲେ ଆଇନଗତ କାର୍ଯ୍ୟାନୁଷ୍ଠାନର ଧମକ ଦେଇଥିଲେ। ଏହାକୁ ନେଇ ସ୍ଥିତି ଆହୁରି ବିଗିଡ଼ି ଯାଇଥିଲେ। ସ୍ଥିତିକୁ ସମ୍ଭାଳି ନ ପାରି ସମୀରର ପତ୍ନୀ ଘର ଛାଡ଼ି ନିଜର ବାପ ଘରକୁ ଚାଲି ଯାଇଥିଲେ। ସୋମବାର ସନ୍ଧ୍ୟାରେ ସିୟା ଓ ସୀମର ମଧ୍ୟରେ ପୁଣି ପାଟିତୁଣ୍ଡ ହୋଇଥିଲା। ଏଥିରେ ରାଗି ଯାଇ ସମୀର ସିଧା ସିୟାଙ୍କ ତଣ୍ଟି ଚିପି ହତ୍ୟା କରିଥିଲା। ପ୍ରମାଣ ନଷ୍ଟ ଓ ନିଜ ଅପରାଧକୁ ଲୁଚାଇବା ପାଇଁ ସମୀର ନିଜ ଭାଇ, ମା' ଓ ଭଉଣୀଙ୍କ ସହାୟତା ଲୋଡ଼ିଥିଲା। ସମସ୍ତେ ମିଳିତ ଭାବେ ମୃତଦେହକୁ ଗୋଟିଏ ଲୁହା ବାକ୍ସରେ ଭର୍ତ୍ତି କରି ସିଲ କରିଦେଇଥିଲେ। ଏହାପରେ ସେମାନଙ୍କ ଘର ପାଖରେ ଥିବା ଗୋଟିଏ ଖାଲି ପ୍ଲଟର ମଇଳା ଟାଙ୍କିରେ ଫିଙ୍ଗି ଦେଇଥିଲେ। ତେବେ ଗୁରୁବାର ସେଠାରେ ପିଲାମାନେ ଖେଳୁଥିବା ବେଳେ ପ୍ରବଳ ଦୁର୍ଗନ୍ଧ ହେଉଥିବା ଜାଣିବାକୁ ପାଇଥିଲେ। ସ୍ଥାନୀୟ ଲୋକମାନେ ମଇଳା ଟାଙ୍କିରେ ଗୋଟିଏ ଲୁହା ବାକ୍ସ ଭାସୁଥିବା ଦେଖି ତୁରନ୍ତ ପୁଲିସ୍‌କୁ ଖବର ଦେଇଥିଲେ। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଲୁହା ବାକ୍ସକୁ ଟାଙ୍କିରୁ ବାହାର କରିଥିଲା। ଏହାକୁ ଖୋଲିବା କ୍ଷଣି ଭିତରୁ ବାହାରିଥିଲା ସିୟାଙ୍କ ଅଧା ଶଢ଼ା ମୃତଦେହ। ମୃତଦେହଟି ପୋଚି ଯାଇଥିବାରୁ ପ୍ରଥମେ ପୁଲିସ୍ ? ମହିଳାଙ୍କ ପରିଚୟ ହାସଲ କରିପାରି ନଥିଲା। କିନ୍ତୁ ହାତରେ ଥିବା ଟାଟୁ ଓ ଏଥିରେ ଲେଖା ଥିବା ୨୬ ମେ' ୧୯୯୨କୁ ଦେଖି ପୁଲିସ୍ ଏହାକୁ ଚିହ୍ନଟ କରିଥିଲା। ତଦନ୍ତରୁ ଜଣାପଡ଼ିଛି ଯେ ସିୟାଙ୍କ ଅତୀତ ମଧ୍ୟ ବେଶ ବିବାଦୀୟ ରହିଥିଲେ। ସେ ସମୀର ପ୍ରେମ ପଡ଼ିବା ପୂର୍ବରୁ ୩ ଥର ବିବାହ କରିଥିଲେ। ମହାରାଷ୍ଟ୍ର ଓ ରାଜସ୍ଥାନରେ ତାଙ୍କର ବାହାଘର ହୋଇଥିଲା। କିନ୍ତୁ ସେ କାହିଁକି ସ୍ୱାମୀମାନଙ୍କୁ ଛାଡ଼ି ଦେଇଥିଲେ, ସେକଥା ସ୍ପଷ୍ଟ ହୋଇନି।

**ଅହମ୍ମଦାବାଦ ବିମାନ ଦୁର୍ଘଟଣା ନେଇ ନୂଆ ଖୁଲାସା**

# ମୃତକଙ୍କ ପରିବାରକୁ ୨୦ ଲକ୍ଷ ଯାଚିଥିଲା ଏୟାର ଇଣ୍ଡିଆ



ଲଣ୍ଡନ/ନୂଆଦିଲ୍ଲୀ (ଏଜେନ୍ସି) : ଅହମ୍ମଦାବାଦ ବିମାନ ଦୁର୍ଘଟଣା ନେଇ ନୂଆ ଖୁଲାସା। ପ୍ଲେନ୍ କ୍ରାସ୍ ରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରକୁ ଅତିରିକ୍ତ କ୍ଷତିପୂରଣ ନେଇ ମାମଲା ଛାଡ଼ିବାକୁ ପ୍ରସ୍ତାବ ଦେଇଥିଲା ଏୟାର ଇଣ୍ଡିଆ। ଗୁଜରାଟର ଅହମ୍ମଦାବାଦରେ ଗତବର୍ଷ ଜୁନ୍ ୧୨ରେ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ଶିକାର ହୋଇଥିଲା। ଏଥିରେ ୨୭୦ ଲୋକଙ୍କ ମୃତ୍ୟୁ ହୋଇଥିଲା। ଏବେ ଏହାକୁ ନେଇ ଲଣ୍ଡନଭିତ୍ତିକ ସମ୍ବାଦପତ୍ର 'ଦ ଇଣ୍ଡିପେଣ୍ଡେଣ୍ଟ' ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। ଏହି ରିପୋର୍ଟରେ ଏୟାର ଇଣ୍ଡିଆ ଟଙ୍କା ଯାଚିଥିବା ନେଇ ଖୁଲାସା ହୋଇଛି। ରିପୋର୍ଟ ମୁତାବକ, ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରକୁ ଏୟାର ଇଣ୍ଡିଆ ଅତିରିକ୍ତ କ୍ଷତିପୂରଣ ନେଇ ମାମଲା ଛାଡ଼ିବାକୁ ପ୍ରସ୍ତାବ ଦେଇଥିଲା। ଏୟାରଲାଇନ ପରିବାରଗୁଡ଼ିକୁ ୧୦ ଲକ୍ଷ ଟଙ୍କା ଦେବାକୁ ଅଫର ଦେଇଥିଲା। କିଛି ମାମଲାରେ ୨୦ ଲକ୍ଷ ଟଙ୍କା ବି ଯଚାଯାଇଥିଲା। ଭବିଷ୍ୟତରେ ସେମାନେ ଦୁର୍ଘଟଣା ସହ ଜଡ଼ିତ କୌଣସି ଦାବି କରିବେ ନାହିଁ। ସମସ୍ତ ଆଇନଗତ ଦାୟିତ୍ୱରୁ କମ୍ପାନିକୁ ମୁକ୍ତ କରିବେ। ଏହି ରିହାତି ଯେ କୌଣସି ଦେଶ କିମ୍ବା କୋର୍ଟରେ ଲାଗୁ ହେବ। ତେବେ ଏୟାର ଇଣ୍ଡିଆର ଏହି ପ୍ରସ୍ତାବକୁ ୧୩୦ ପୀଡ଼ିତ ପରିବାରର ଲିଗାଲ୍ ଟିମ୍ ବିରୋଧ କରିଥିବା ରିପୋର୍ଟ ଦର୍ଶାଇଛି। ସେପଟେ ଏହି ଦୁର୍ଘଟଣା ବୈଷୟିକ ତ୍ରୁଟି ଯୋଗୁଁ ନୁହେଁ ଜାଣିଶୁଣି ହୋଇଥିଲା ବୋଲି କୁହାଯାଉଛି। ଏପରିକି ପାଇଲଟ ବିମାନର ଫୁଏଲ୍ ସ୍ୱିଚ୍ ବନ୍ଦ କରି ଦେଇଥିବା ଦାବି କରାଯାଉଛି। ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ୟୁରୋ ଗୁରୁବାର ଏକ ବିବୃତ୍ତି ଜାରି କରି ଏହି ବିଷୟକୁ ସ୍ପଷ୍ଟ କରିଛି। ଏଏଆଇବି ଏହାର ଅଧିକାରିକ ବିବୃତ୍ତିରେ କହିଛି ଯେ, ଅହମ୍ମଦାବାଦରେ ହୋଇଥିବା ଭୟଙ୍କର ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଏପର୍ଯ୍ୟନ୍ତ ସମାପ୍ତ ହୋଇନାହିଁ ଏବଂ କୌଣସି ଚୂଡ଼ାନ୍ତ ନିଷ୍କର୍ଷରେ ପହଞ୍ଚିନାହିଁ। ତେଣୁ ଚୂଡ଼ାନ୍ତ ନିଷ୍କର୍ଷରେ ପହଞ୍ଚିବା ପୂର୍ବରୁ କୌଣସି ବ୍ୟକ୍ତି କିମ୍ବା କାରଣକୁ ଦୋଷ ଦେବା ଅନୁଚିତ ହେବ। ତଦନ୍ତ ଏଜେନ୍ସି କହିଛି ଯେ, ଦୁର୍ଘଟଣାର ତଦନ୍ତ ସମାପ୍ତ ହୋଇଛି ବୋଲି ଦାବି କରୁଥିବା କିଛି ଗଣମାଧ୍ୟମ ରିପୋର୍ଟ ମିଥ୍ୟା ଏବଂ ଅନୁମାନ ଉପରେ ଆଧାରିତ। ଏହି ଗମ୍ଭୀର ମାମଲାରେ କେବଳ ସରକାରୀ ବିବୃତ୍ତି ଏବଂ ଚୂଡ଼ାନ୍ତ ତଦନ୍ତ ରିପୋର୍ଟ ପାଇଁ ଅପେକ୍ଷା କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।

# ବାଂଲାଦେଶରେ ତାରିକ ସରକାର



ନୂଆଦିଲ୍ଲୀ (ଏଜେନ୍ସି) : ବାଂଲାଦେଶର ସାଧାରଣ ନିର୍ବାଚନ ରେ ତାରିକ ରହମନଙ୍କ ଦଳ ବିଏନପି ଐତିହାସିକ ବିଜୟ ହାସଲ କରିବା ଏକ ପ୍ରକାରର ନିଶ୍ଚିତ ହୋଇଛି। ଐତିହାସିକ ବିଜୟ ସହ ଦୀର୍ଘ ୨୦ ବର୍ଷ ପରେ ବିଏନପି ବାଂଲାଦେଶରେ ସରକାର ଗଠନ କରିବାକୁ ଯାଉଛି। ସେହିପରି ୨୦୦୮ରୁ ୨୦୨୫ ଯାଏ ଲଣ୍ଡନରେ ନିର୍ବାସନ ଦଣ୍ଡ ଭୋଗିଥିବା ତାରିକ ରହମନ ବାଂଲାଦେଶର ପ୍ରଧାନମନ୍ତ୍ରୀ ମଧ୍ୟ ହେବେ। ବାଂଲାଦେଶରେ ବିଏନପିର ବିଜୟ ପରେ ବଡ଼ କଥା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେ ଐତିହାସିକ ବିଜୟ ପାଇଁ ବିଏନପିକୁ ଶୁଭେଚ୍ଛା ଜଣାଇଛନ୍ତି। କୂଟନୀତିକ ତିକ୍ତତା ସତ୍ତ୍ୱେ ଭାରତ ପୂର୍ବଭଳି ଗୋଟିଏ ଗଣତାନ୍ତ୍ରିକ ବାଂଲାଦେଶକୁ ସମର୍ଥନ କରିବା ଜାରି ରଖିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ସୋଶାଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ବିଏନପିକୁ ବିଜୟ ଟିକା ପିନ୍ଧାଇଥିବା ତାରିକଙ୍କୁ ଆବେଗ ଭରା ଶୁଭେଚ୍ଛା ଜଣାଇଛନ୍ତି ମୋଦି। ସେ କହିଛନ୍ତି, "ବାଂଲାଦେଶର ସଂସଦୀୟ ନିର୍ବାଚନରେ ବିଏନପିକୁ ନିର୍ଣ୍ଣାୟକ ଜିତ ଦେଇଥିବା ତାରକ ରହମନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି। ଏହି ବିଜୟ ଆପଣଙ୍କ ନେତୃତ୍ୱରେ ବାଂଲାଦେଶବାସୀଙ୍କ ବିଶ୍ୱାସ ରହିଥିବା କଥାକୁ ଦର୍ଶାଉଛି। ଭାରତ ସବୁବେଳେ ଲୋକତାନ୍ତ୍ରିକ, ପ୍ରଗତିଶୀଳ ଓ ସମାବେଶୀ ବାଂଲାଦେଶର ସମର୍ଥନରେ ଛିଡ଼ା ହେବ। ମୁଁ ଆମର ସମ୍ପର୍କକୁ ଆହୁରି ମଜବୁତ କରିବା ଓ ଆମର ସମୂହ ବିକାଶ ଲକ୍ଷ୍ୟକୁ ଆଗକୁ ବଢ଼ାଇବା ଦିଗରେ ଆପଣଙ୍କ ସହ କାମ କରିବାକୁ ବେଶ ଉତ୍ସାହିତ।" ମୋଦିଙ୍କ ଏହି ଶୁଭେଚ୍ଛା ପୋଷ୍ଟକୁ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ମଧ୍ୟ ରିପୋଷ୍ଟ କରିଛନ୍ତି। ବିଏନପି ବାଂଲାଦେଶର ୩୦୦ ଲୋକସଭା ଆସନରୁ ୨୦୯ଟିରେ ଜିତିବାକୁ ଯାଉଥିବା ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ କରିବା ପରେ ମୋଦିଙ୍କ ଶୁଭେଚ୍ଛା ମେସେଜ ସାମ୍ନାକୁ ଆସିଛି। ବାଂଲାଦେଶରେ ସରକାର ଗଠନ ପାଇଁ ୧୫୧ ସଂସଦଙ୍କ ସମର୍ଥନ ଆବଶ୍ୟକ। ଏହାଠାରୁ ବିଏନପି ଯଥେଷ୍ଟ ଅଧିକ ଆସନ ଜିତିଥିବାରୁ ଦେଶରେ ସରକାର ଗଠନ କରିବାକୁ ଯାଉଛି। ବିଏନପି ମିଡିଆ ସେଲ ପକ୍ଷରୁ ମଧ୍ୟ ଦଳ ବିପୁଳ ଆସନ ଜିତି ବାଂଲାଦେଶରେ ପରବର୍ତ୍ତୀ ସରକାର ଗଠନ କରିବାକୁ ଯାଉଥିବା ମଧ୍ୟ କହିଛି।

**ମଳକୁଣ୍ଡରୁ ଖପୁରୀ ମିଳିଲା**

# ଧରାପଡ଼ିଲା ପ୍ରେମ, ବିବାହ ଓ ପ୍ରତାରଣର ଭୟଙ୍କର କାହାଣୀ



ଦେଓରୀ (ଏଜେନ୍ସି): ସୋଶାଲ ମିଡିଆରୁ ଆରମ୍ଭ ହୋଇଥିବା ପ୍ରେମ କେମିତି ପ୍ରତାରଣା ଓ ଭୟଙ୍କର ହତ୍ୟାର ରୂପ ନେଇଥିଲା, ସେକଥା ଅଳିଆ ଓ ମଳକୁଣ୍ଡ ଭିତରୁ ପୁଲିସ୍ ଖୋଜି ପାଇଛି। ମଧ୍ୟପ୍ରଦେଶର ଦେଓରି ସହରରେ ୬ ମାସ ତଳେ ଜଣେ ଯୁବକଙ୍କ ନିଖୋଜ ଘଟଣାର ପର୍ଦ୍ଦାଫାସ କରିବା ବେଳେ ପୁଲିସ୍ ଭୟଙ୍କର ହତ୍ୟାକାଣ୍ଡ ର ସୁରାକ ପାଇଛି। ୬ ମାସ ତଳେ ଜଣେ ୨୨ ବର୍ଷୀୟ ଯୁବକ ହଠାତ୍ ନିଖୋଜ ହୋଇଯାଇଥିଲେ। ଏବେ ତାଙ୍କ ନିଖୋଜ ଉପରୁ ପରଦା ହଟିଛି। ଅଭିଯୁକ୍ତର ଘର ପଛରେ ଥିବା ମଳକୁଣ୍ଡ ବା ସେପଟିକ ଟାଙ୍କି ଖୋଲି ପୁଲିସ୍ ଗୋଟିଏ ମଣିଷ ଖପୁରୀ ଓ କିଛି ହାଡ଼ ଠାବ କରିଥିଲା। ଏହି ଖପୁରୀ ହିଁ ନିଖୋଜ ଯୁବକଙ୍କ ସମ୍ପର୍କରେ ପୁଲିସ୍‌କୁ ସୁରାକ ଦେଇଛି। ସାଗର ଜିଲ୍ଲାରେ ରହୁଥିବା ପ୍ରିନ୍ସ ବାଲ୍ମିକ ନିଖୋଜ ହୋଇଯାଇଥିବା କଥା ଅଗଷ୍ଟ ୨୦ରେ ତାଙ୍କ ପତ୍ନୀ ତୁଳସୀ ପ୍ରଥମେ ପୁଲିସ୍‌ରେ ଅଭିଯୋଗ କରିଥିଲେ। ପ୍ରଥମେ ଘଟଣାରେ ପୁଲିସ୍‌କୁ କୌଣସି ଲିଡ ମିଳି ନଥିଲା। ପୁଲିସ୍‌ର ତଦନ୍ତରେ ମଧ୍ୟ ସେତେଟା ସକ୍ରିୟତା ଦେଖା ଯାଇ ନଥିଲା। କିନ୍ତୁ ପ୍ରିନ୍ସଙ୍କ ପରିବାର ଲୋକ କ୍ରମାଗତ ଭାବେ ନିଖୋଜ ଘଟଣାକୁ ନେଇ ସନ୍ଦେହ କରି ଚାଲିଥିଲେ। ସେମାନେ ପୁଲିସ୍‌ର ଦ୍ୱାରସ୍ଥ ହୋଇ ବାରମ୍ବାର ତଦନ୍ତ ସମ୍ପର୍କରେ ପଚାରୁଥିଲେ। ଶେଷରେ ପୁଲିସ୍ ନିଖୋଜ ଘଟଣାରେ ଟେକ୍ନିକାଲ ସର୍ଭେଲାନ୍ସ ଓ ମୋବାଇଲ ଲୋକେସନକୁ ଟ୍ରାକ କରି ନରସିଂହପୁରରୁ ଶୋଏବ ନାମକ ଜଣେ ଯୁବକଙ୍କୁ ଗିରଫ କରିଥିଲା। ଜେରା ବେଳେ ସେ ପ୍ରିନ୍ସ ସମ୍ପର୍କରେ ଦେଇଥିବା ଚାଞ୍ଚଲ୍ୟକର ତଥ୍ୟ। ପ୍ରେମ ଜନିତ ବ୍ୟାପାର ଯୋଗୁ ସେ ପ୍ରିନ୍ସଙ୍କୁ ନିଶା ଦେବା ପରେ ହତ୍ୟା କରିଥିବା ପୁଲିସ୍‌କୁ କହିଛି। ପୁଲିସ୍ ଅଧିକ ତଦନ୍ତ କରି ଜାଣିବାକୁ ପାଇଛି ଯେ ପ୍ରିନ୍ସଙ୍କୁ ବାହା ହେବା ପୂର୍ବରୁ ତୁଳସୀ ଓ ଶୋଏବଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ସୋଶାଲ ମିଡିଆରେ ସମ୍ପର୍କ ଓ ତା' ପରେ ପ୍ରିନ୍ସଙ୍କୁ ବାହା ହୋଇଥିଲେ ତୁଳସୀ। କିନ୍ତୁ ବାହାଘର ପରେ ବି ଶୋଏବ ସହ ଅନୈତିକ ସମ୍ପର୍କ ରଖିବାକୁ ପଛାଉ ନଥିଲେ ତୁଳସୀ। ବାହାଘରର ପ୍ରାୟ ଗୋଟିଏ ମାସ ପରେ ତୁଳସୀଙ୍କ ବ୍ୟବହାର ବଦଳି ଯାଇଥିଲା। ଏହାକୁ ନେଇ ଘରେ ଅଶାନ୍ତି ବଢ଼ିଥିଲା। ଶେଷରେ ତୁଳସୀ ଦେଓରି ସ୍ଥିତ ନିଜ ବାପ ଘରକୁ ଚାଲି ଯାଇଥିଲେ। ପ୍ରିନ୍ସ ମଧ୍ୟ ସେଠାରେ ତାଙ୍କ ସହ ରହିଥିଲେ। ଏହାପରେ ଯାହା ଘଟିଥିଲା, ତାହା ଥିଲା ଅତ୍ୟନ୍ତ ସାଂଘାତିକ। ଦେଓରିରେ ରହିବା ବେଳେ ବେଶ ଚତୁରତାର ସହ ପ୍ରିନ୍ସଙ୍କ ସହ ବନ୍ଧୁତା ରଖିବା ଆରମ୍ଭ କରିଥିଲା ଶୋଏବ। ତଦନ୍ତରୁ ଜଣାପଡ଼ିଛି ଯେ ଶୋଏବ ବିଭିନ୍ନ ପ୍ରକାରର ନିଶା ସେବନ କରେ। ଧୀରେଧୀରେ ପ୍ରିନ୍ସଙ୍କୁ ମଧ୍ୟ ସେ ନିଶାର ଜାଲରେ ଫସାଇଥିଲା। ପ୍ରିନ୍ସଙ୍କୁ ନିଶା ଖାଇବାକୁ ଦେବା ପରେ ଶୋଏବ ଅତ୍ୟନ୍ତ ଗୁପ୍ତ ଭାବେ ତୁଳସୀଙ୍କୁ ଭେଟୁଥିଲା। ବେଶ କିଛି ଦିନ ଧରି ଏମିତି ଚାଲିବା ପରେ ପ୍ରିନ୍ସ ସବୁ କିଛି ଜାଣି ଦେଇଥିଲେ। ସେ ଏହାକୁ ବିରୋଧ କରିବା ସହ ଘଟଣାକୁ ନେଇ ଦୁଇ ଜଣଙ୍କ ମଧ୍ୟରେ ବିବାଦ ତୀବ୍ର ହୋଇଥିଲା। ତଥାପି ତୁଳସୀ ଓ ଶୋଏବ ପରସ୍ପର ସହ ସମ୍ପର୍କ ରଖିବାକୁ ଆଦୌ ପଛାଇ ନଥିଲେ। ଏପରି କି ପ୍ରିନ୍ସଙ୍କୁ ସବୁ ଦିନ ପାଇଁ ରାସ୍ତାରୁ ହଟାଇ ଦେବାକୁ ଯୋଜନା କରିଥିଲେ। ଯୋଜନା ଅନୁସାରେ ଅଗଷ୍ଟ ୨୦ରେ ଶୋଏବ ପ୍ରଥମେ ପ୍ରିନ୍ସଙ୍କୁ ପ୍ରବଳ ନିଶା ଖାଇବାକୁ ଦେଇଥିଲା। ଏହାପରେ ତାଙ୍କୁ ହତ୍ୟା କରିଥିଲା। ହତ୍ୟା କରିବା ପରେ ମୃତଦେହକୁ ନିଜ ଘର ପଛରେ ଥିବା ମଳକୁଣ୍ଡରେ ପକାଇ ଦେଇଥିଲା। ସବୁ କିଛି ଲୁଚାଇବା ପାଇଁ ସେ ଏହାକୁ ଅଳିଆ ପକାଇ ଘୋଡ଼ାଇଥିଲା। ପ୍ରମାଣ ନଷ୍ଟ କରିବା ପାଇଁ ପ୍ରାୟ ଗୋଟିଏ ମାସ କାଳ ଶୋଏବ ଉକ୍ତ ସ୍ଥାନ ଉପରେ ନଜର ରଖିଥିଲା ଓ ଶବକୁ ଶୀଘ୍ର ନଷ୍ଟ କରିବା ପାଇଁ ଲୁଣପାଣି ମଧ୍ୟ ପକାଇ ଚାଲିଥିଲା। ଶୋଏବ ଠାରୁ ସବୁ କିଛି ଶୁଣିବା ପରେ ପୁଲିସ୍ ମଳକୁଣ୍ଡକୁ ଖୋଲି ଖପୁରୀ ଓ ଅନ୍ୟ ହାଡ଼ ଜବତ କରିଛି। ଏହାର ପରିଚୟ ହାସଲ କରିବା ପାଇଁ ସେଗୁଡ଼ିକୁ ଡିଏନଏ ଟେଷ୍ଟ ପାଇଁ ପଠାଯାଇଛି। ହତ୍ୟା ଘଟଣା ପରେ ଶୋଏବ ଓ ତୁଳସୀ ଗୁଜରାଟ ଚାଲି ଯାଇଥିଲେ। ସେଠାରେ ସେମାନେ ଏକାଠି ରହିଥିଲେ। କିନ୍ତୁ ସେଠାରେ ଉଭୟଙ୍କ ଗୋଟିଏ ରିଲ୍ସ ପ୍ରିନ୍ସଙ୍କ ପରିବାର ଲୋକଙ୍କ ପାଖରେ ପହଞ୍ଚିବାରୁ ସେମାନେ ସନ୍ଦେହ ଆରମ୍ଭ କରିଥିଲେ। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୁଲିସ୍ ଶୋଏବକୁ ନରସିଂହପୁର ଜିଲ୍ଲାରୁ ଗିରଫ କରିଥିଲା। ଏହାପରେ ପୂରା ଘଟଣା ସାମ୍ନାକୁ ଆସିଛି।

ସୋମବାର,୧୬ ରୁ ୨୨ ଫେବୃୟାରୀ,୨୦୨୬

ନିଷ୍କର୍ଷ
NISHKARSHA




# ସମାଲୋଚନା ଅପରାଧ ନୁହେଁ

ଗଣତନ୍ତ୍ରର ଶ୍ୱାସ ପ୍ରଶ୍ୱାସ ନିର୍ଭର କରେ ମତ ପ୍ରକାଶର ସ୍ୱାଧୀନତା ଉପରେ। ସେହି ସ୍ୱାଧୀନତା ଯଦି କେବଳ ପ୍ରଶଂସା ଭିତରେ ସୀମାବଦ୍ଧ ରୁହେ ସ୍ୱାଧୀନତା ବୋଲି କିଛି ଆଉ ରୁହେନା। ତାହା ହୋଇଯାଏ ଆନୁଗତ୍ୟ। ଗଣମାଧ୍ୟମ ଯୁଗରେ ଏହି ସତ୍ୟ ଆହୁରି ତୀକ୍ଷ୍ଣ ହୋଇ ଉଠିଛି। କାରଣ ଅଧୁନା ନାଗରିକମାନଙ୍କ କଣ୍ଠରେ ସିଧାସଳଖ ପହଞ୍ଚିଯାଏ ଜନତା ପରିସର ଭିତରେ; ମଝିରେ କେବଳ ପ୍ରଥାଗତ ସମ୍ପାଦକୀୟ ଫିଲଟରକୁ ଛାଡ଼ି ଦେଇ। ଠିକ ଏହି କାରଣରୁ ହିଁ କ୍ଷମତାସୀନ ରାଷ୍ଟ୍ର ଯନ୍ତ୍ର ସହିତ ନାଗରିକମାନଙ୍କର ମତ ପ୍ରକାଶର ସଂଘାତ ବଢୁଛି ଆଉ ସେହି ସଂଘାତର ନିଷ୍ପତ୍ତିକୁ ନେଇ ଅଦାଲତର ଭୂମିକା ହୋଇ ଉଠିଛି। କ୍ରମଶଃ ଗୁରୁତ୍ୱପୂର୍ଣ୍ଣ।

ଏହି ପରିପ୍ରେକ୍ଷୀରେ ତାତ୍ପର୍ଯ୍ୟପୂର୍ଣ୍ଣ ତେଲେଙ୍ଗାନା ହାଇକୋର୍ଟର ସେହି ରାୟ ଯାହାକୁ ସମ୍ପ୍ରତି ସୁପ୍ରିମକୋର୍ଟ ବି ବହାଲ ରଖିଛନ୍ତି। ଗଣମାଧ୍ୟମରେ କଡ଼ା ରାଜନୈତିକ ସମାଲୋଚନା ବା ସରକାରଙ୍କ ବିରୋଧରେ ମତ ପ୍ରକାଶ କଲେ ପୋଲିସ ଯାନ୍ତ୍ରୀକ ଭାବେ ଏଫଆଇଆର ଦାୟର କରିପାରିବ ନାହିଁ; ଏହି ସ୍ପଷ୍ଟ ବାର୍ତ୍ତା। କେବଳ ଗୋଟିଏ ମାମଲାର ନିଷ୍ପତ୍ତି ନୁହେଁ ବରଂ ବୃହତ୍ତର ନାଗରିକ ସ୍ୱାଧୀନତାର ପ୍ରଶ୍ନର ଏକ ଗୁରୁତ୍ୱପୂର୍ଣ୍ଣ ବିଚାରନୈତିକ ଅବସ୍ଥାନ। ଘଟଣାର ସୂତ୍ରପାତ ଜୈନିକ ନାଲ୍ଲାବାଲୁର ଏକ୍ସ ହ୍ୟାଣ୍ଡଲରେ ପ୍ରଦତ୍ତ କିଛି ପୋଷ୍ଟକୁ ନେଇ ହୋଇଛି। ତେଲେଙ୍ଗାନା ଶାସକଦଳ କଂଗ୍ରେସକୁ ସମାଲୋଚନା କରି ସେ ଏହି ମନ୍ତବ୍ୟଗୁଡ଼ିକୁ ଏକ୍ସରେ ପୋଷ୍ଟ କରିଥିଲେ। ଫଳରେ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରାରେ ତାଙ୍କ ବିରୁଦ୍ଧରେ ତିନୋଟି ଏଫଆଇଆର ଦାୟର କରାଯାଏ। ପୋଲିସ ସକ୍ରିୟତାର ଏହି ପ୍ରବଣତା ନୂଆ କିଛି ନୁହେଁ। କିନ୍ତୁ ତେଲେଙ୍ଗାନା ହାଇକୋର୍ଟ ସ୍ପଷ୍ଟ ଭାଷାରେ ଜଣାଇଦିଏ- ଏହି ପୋଷ୍ଟ ଗୁଡ଼ିକ ବୈଧ। ରାଜନୈତିକ ପ୍ରତିକ୍ରିୟା ଅନ୍ତର୍ଭୁକ୍ତ ମନ୍ତବ୍ୟ। ଏଗୁଡ଼ିକୁ ଅପରାଧ ହିସାବରେ ଦେଖାଯିବାର କୌଣସି ଆଇନଗତ ଭିତ୍ତି ନାହିଁ। ଫଳରେ ଏହି କ୍ଷେତ୍ରରେ ଫୌଜଦାରୀ ଚାଲିବା ମାନେ ହିଁ ବିଚାର ବ୍ୟବସ୍ଥାର ଅପବ୍ୟବହାର। ଏହି ପର୍ଯ୍ୟାୟରେ ହାଇକୋର୍ଟ ଆହୁରି କେଇପାଦ ଆଗେଇ ଯାଇ ପୋଲିସ ଓ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମାନଙ୍କ ପାଇଁ ଗୋଟିଏ ଆଚରଣ ବିଧି ନିର୍ଦ୍ଦିଷ୍ଟ କରିଦିଏ। ଉଦ୍ଦେଶ୍ୟ ଗୋଟିଏ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ପୋଷ୍ଟକୁ କେନ୍ଦ୍ରକରି ଦାୟର କରାଯାଉଥିବା ଫୌଜଦାରୀ ମାମଲା ଉପରେ ରୋକ ଲଗାଇବ। ଏହି ନିର୍ଦ୍ଦେଶନାମାକୁ ଆପତ୍ତି ଜଣାଇ ତେଲେଙ୍ଗାନା ସରକାର ସୁପ୍ରିମକୋର୍ଟରେ ଦ୍ୱାରସ୍ଥ ହୁଅନ୍ତି। ସେମାନଙ୍କ ଯୁକ୍ତିଥିଲା ହାଇକୋର୍ଟର ଗାଇଡ଼ଲାଇନ ପରସ୍ପର ବିରୋଧୀ ଏବଂ ସୁପ୍ରିମ କୋର୍ଟର ହସ୍ତକ୍ଷେପ ପ୍ରୟୋଜନ। କିନ୍ତୁ ସୁପ୍ରିମ କୋର୍ଟ ବିଚାରପତି ଜେ.ବି. ପାରଦିୱାଲା ଓ ବିଚାରପତି ବିଜୟ ବିଷ୍ଣୋଇଙ୍କ ବେଞ୍ଚ ସ୍ପଷ୍ଟଭାବରେ ଜଣାଇ ଦିଅନ୍ତି ଯେ, ହାଇକୋର୍ଟର ରାୟ ଓ ଆଚରଣବିଧିକୁ ପରୀକ୍ଷା ନିରୀକ୍ଷା କରି ଦେଖାହୋଇଛି। ଏଥିରେ ହସ୍ତକ୍ଷେପ କରିବାର କୌଣସି କାରଣ ନାହିଁ। ଅର୍ଥାତ ଗଣମାଧ୍ୟମରେ ରାଜନୈତିକ ମତ ପ୍ରକାଶକୁ ଅପରାଧ ଭାବେ ଗ୍ରହଣ କରିବାକୁ ସୁପ୍ରିମ କୋର୍ଟ କାର୍ଯ୍ୟତଃ ଲଗାମ ଲଗାଇଦେଲେ।

ଏହି ରାୟର ତାତ୍ପର୍ଯ୍ୟ ଏଇଠି ଆଦୌ ଶେଷ ହୁଏନା। ଏହା ପୂର୍ବରୁ ଏକାଧିକ ମାମଲାକୁ ମଧ୍ୟ ତର୍ଜମା କରାଯାଇଛି। ସରକାରଙ୍କ ବିରୋଧରେ ମତ ପ୍ରକାଶ କଲେ ଅଭିଯୁକ୍ତକୁ ଦେଶଦ୍ରୋହୀର ବା ତଦ୍‌ରୂପ ଆଖ୍ୟା ଦିଆଯାଇଛି। ସୁପ୍ରିମକୋର୍ଟ ସେହିସବୁ କ୍ଷେତ୍ରରେ ସ୍ପଷ୍ଟ କରିଦେଇଛନ୍ତି, ସରକାର ବିରୋଧୀ ଅର୍ଥ ଦେଶ ଦ୍ରୋହୀ ନୁହେଁ। ଗଣତନ୍ତ୍ର ଶାସନରେ ସରକାରଙ୍କୁ ସମାଲୋଚନା କରିବାର ଅଧିକାର ନାଗରିକର ମୌଳିକ ଅଧିକାର ପରିସର ଭୁକ୍ତ, ଏକଥା ସୁପ୍ରିମକୋର୍ଟ ସ୍ପଷ୍ଟଭାବରେ ଜଣାଇ ଦେଇଛନ୍ତି। ସମସ୍ୟା ହେଉଛି, ପ୍ରଶାସନିକସ୍ତରରେ ସେହି ବିଚାରନୈତିକ ବୋଧ ବର୍ତ୍ତମାନ ସମାନଭାବରେ ପ୍ରତିଫଳିତ ହୁଏ ନାଁହିଁ। ସାମାଜିକ ଗଣମାଧ୍ୟମରେ ଗୋଟିଏ ପୋଷ୍ଟ, ଗୋଟିଏ ବ୍ୟଙ୍ଗ ବା ଗୋଟିଏ କଡା ମନ୍ତବ୍ୟକୁ ଆଇନ ଶୃଙ୍ଖଳା ପାଇଁ ଧମକ ବୋଲି ଚିହ୍ନିତ କରିବାର ପ୍ରବଣତା କ୍ରମଶଃ ବଢ଼ିଚାଲିଛି। ଏହା ଫଳରେ ମତପ୍ରକାଶ ଉପରେ ଏକ ପ୍ରକାର ଶୀତଳ ସନ୍ତ୍ରାସ ପ୍ରସ୍ତୁତ ହେଉଛି; ଯେଉଁଠି ନାଗରିକ ନିଜେ ଚିନ୍ତା କରିବା ଆରମ୍ଭ କରେ, କିଛି କହିଲେ ବିପଦ ସୃଷ୍ଟି ହୋଇପାରେ।

ତେଲେଙ୍ଗାନା ହାଇକୋର୍ଟଙ୍କ ରାୟ ଏବଂ ସୁପ୍ରିମ କୋର୍ଟଙ୍କ ସିଲ ମୋହର ସେଇ ଭୟର ସଂସ୍କୃତ ବିରୁଦ୍ଧରେ ଏକ ଜରୁରୀକାଳୀନ ପ୍ରତିରୋଧ। ଏହି ରାୟ ପୁଲିସକୁ ଚେତାବନୀ ଦେଉଛି ଯେ, ସେମାନେ ଆଇନର ରକ୍ଷକ, କ୍ଷମତାର ରକ୍ଷକ ନୁହଁନ୍ତି। ଏଥି ସହିତ ପ୍ରଶାସନକୁ ମଧ୍ୟ ସ୍ମରଣ କରାଇ ଦେଇଛନ୍ତି ଯେ, ଏଫଆଇଆର ଗ୍ରହଣ ବା ଅନୁମୋଦନ କୌଣସି ଯାନ୍ତିକ ପ୍ରକ୍ରିୟା ନୁହେଁ, ତାହା ସହିତ ଯୋଡ଼ି ହୋଇ ରହିଛି ସାମ୍ବିଧାନିକ ଦାୟିତ୍ୱ।

ଗଣତନ୍ତ୍ରର ସ୍ୱାସ୍ଥ୍ୟକୁ ବିଚାର କରିବାକୁ ଗଲେ କେବଳ ନିର୍ବାଚନ ଦିଗକୁ ଦେଖିଲେ ଚଳିବ ନାହିଁ। ଦେଖିବାକୁ ପଡ଼ିବ ଭିନ୍ନମତ କେତେ ନିରାପଦ, ସମାଲୋଚନା କେତେଟା ସହନୀୟ। ସେହି ପରୀକ୍ଷାରେ ଭାରତୀୟ ଗଣତନ୍ତ୍ର ଆଜି ନାନାଦି ପ୍ରଶ୍ନର ସମ୍ମୁଖୀନ। ଏହି ରାୟ ସେହି ପ୍ରଶ୍ନଗୁଡ଼ିକର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ତର। ଅନ୍ତତଃ ପକ୍ଷେ ଆଦାଲତର ଦରଜାକୁ ଆସି ନଗରିକର କଣ୍ଠସ୍ୱର ଯେ, ଏବେ ବି ସମ୍ପୂର୍ଣ୍ଣ ରୂପେ କଣ୍ଠରୁଦ୍ଧ ହୋଇ ଯାଇନି; ଏହି ବାର୍ତ୍ତା ହିଁ ଆଜି ସବୁଠୁ ବେଶୀ ପ୍ରୟୋଜନୀୟ। ସମାଲୋଚନା ଅପରାଧ ନୁହେଁ। ଏହି ସହଜ ସତ୍ୟକୁ ମନେ ପକାଇ ଦେବା ପାଇଁ ସୁପ୍ରିମକୋର୍ଟକୁ ଅଶେଷ ଧନ୍ୟବାଦ ଏବେ ଦେଖିବାକୁ ବାକି ରହିଲା, ପ୍ରଶାସନ ସେହି ଶିକ୍ଷାକୁ କେତେଟା ଗ୍ରହଣ କରୁଛି !

- ଡକ୍ଟର ନୀଳମଣି ସୁତାର
ଖାନନଗର, କଟକ

## କବିତା ଗୁଚ୍ଛ

### ଅଶ୍ରୁ

ଅଶ୍ରୁ, ତୁମେ ତ ଏକ ରଙ୍ଗିନ ପ୍ରିଜିମ,
ଧରିଅଛ କାଳ ଓ କୋମଳ ଚକ୍ଷୁ,
ଲଟକି ରହିଥିବା ପଥର ପରି, ନୁହଁ ତୁମେ ଲେପିଜ ଲେଜୁଲି
ତୁମେ ଏକ ଅନନ୍ତର ଜଳଚିହ୍ନ, କେବଳ ଥାଅ ମୃତ ଚକ୍ଷୁରେ।
ମଣିଷ ଦେଖିବ ଏ ଚକ୍ଷୁର ସମୁଦ୍ର- ସ୍ଥିତ ଏକ ଜୀବନର ଜଳ,
ଯାହା କେବେ ମଧ୍ୟ ଝରିବା ଶିଖିନି, ଅସ୍ୱୀକାର କରିଅଛ ନଦୀ ଧାରା ହୋଇ।
ଯେମିତି ପରିହାସ କରୁଛି ଆତ୍ମମାନଙ୍କୁ,
ଯେଉଁମାନେ ବଞ୍ଚିଅଛୁ ଏହି ଅଶ୍ରୁ ଦେଖି
ଆଉ ଶବ୍ଦହୀନ ଏହି ଅଶ୍ରୁ ଯେମିତି କୁହେ- ହେ ମଣିଷ ଭଲତ ହୋଇଛି,
ତୁମମାନଙ୍କ ଠାରୁ ଚାଲି ଯିବାଟା, ଏବେ ମୃତ୍ୟୁ ହିଁ ହେଉ, ମୋର ଜୀବନ
ହେ ଜୀବିତ ଗଣ, ତୁମେମାନେ ବଞ୍ଚିଥାଅ ହତ୍ୟା ମହିମା ନେଇ ଆଜିବନ

# ଡକ୍ଟର ମୁଖତାର ଅହମଦ୍ ଅନସାରୀ : ଶବ୍ଦ ଅପେକ୍ଷା ସଂସ୍ଥା ଗଢ଼ିଥିବା ଜାତୀୟତାବାଦୀ

ଯେତେବେଳେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ପ୍ରାୟତଃ ଗିରଫଦାରୀ କିମ୍ବା ଉତ୍ତେଜନାମୂଳକ ଭାଷଣ ପାଇଁ ସ୍ମରଣ କରାଯାଉଥିଲା, ସେତେବେଳେ ଡକ୍ଟର ମୁଖତାର ଅହମଦ୍ ଅନ୍‌ସାରୀ ଭାରତର ରାଷ୍ଟ୍ର ନିର୍ମାଣ ପ୍ରକ୍ରିୟାରେ ଏକ ଶାନ୍ତ, ଗଭୀର ଏବଂ ସ୍ଥାୟୀ ଅବଦାନର ପ୍ରତୀକ ଭାବେ ପରିଚିତ ଥିଲେ। ନିଜର ନୈତିକ ସାହସ, ଅନ୍ତର୍ଭୁକ୍ତିମୂଳକ ଜାତୀୟତାବାଦ ଓ ଶିକ୍ଷାଗତ ସଂସ୍କାର ମାଧ୍ୟମରେ ସେ ମୂଳ ଅନୁଷ୍ଠାନଗୁଡିକୁ ସୁଦୃଢ଼ କରିଥିଲେ। ପେଶାରେ ଜଣେ ଡାକ୍ତର, ଆସ୍ଥାରେ ଜଣେ ସ୍ୱାଧୀନତା ସଂଗ୍ରାମୀ ଏବଂ ସ୍ୱଭାବରେ ଜଣେ ଜାତୀୟତାବାଦୀ ଥିବା ଡକ୍ଟର ଅନ୍‌ସାରୀ ଏହିପରି ନେତା ମାନଙ୍କ ମଧ୍ୟରେ ଥିଲେ, ଯେଉଁମାନେ ଦୃଢ଼ଭାବେ ବିଶ୍ୱାସ କରୁଥିଲେ ଯେ ଶିକ୍ଷିତ ଓ ସାମାଜିକ ସଚେତନ ନାଗରିକମାନଙ୍କ ବିନା ଭାରତର ସ୍ୱାଧୀନତା ମୂଲ୍ୟହୀନ।

୧୮୮୦ ମସିହାରେ ଗାଜିପୁର ଜିଲ୍ଲାର ୟୁସୁଫପୁରରେ ଜନ୍ମ ଗ୍ରହଣ କରିଥିବା ଡକ୍ଟର ମୁଖତାର ଅହମଦ୍ ଅନ୍‌ସାରୀ ସେହି ଭାରତୀୟ ମୁସଲମାନ ପିଢ଼ିର ପ୍ରତିନିଧି ଥିଲେ ଯେଉଁମାନେ ନିଜ ଧାର୍ମିକ ପରିଚୟ ଓ ଏକ ସଂଯୁକ୍ତ, ସ୍ୱାଧୀନ ଭାରତ ପ୍ରତି ନିଷ୍ଠା ମଧ୍ୟରେ କୌଣସି ବିରୋଧାଭାସ ଦେଖୁନଥିଲେ। ଇଂଲଣ୍ଡରେ ଡାକ୍ତରୀ ଶିକ୍ଷା ଗ୍ରହଣ କରି ଏକ ପ୍ରଶିକ୍ଷିତ ଚିକିତ୍ସକ ଭାବେ ସେ ଚାହିଁଥିଲେ ବିଦେଶରେ ଏକ ସୁରକ୍ଷିତ ଓ ସମୃଦ୍ଧ ବୃତ୍ତିଗତ ଜୀବନ ଗଢ଼ିପାରିଥାନ୍ତେ। କିନ୍ତୁ ଏପରି ଏକ ସମୟରେ ସେ ଭାରତକୁ ଫେରିବାକୁ ସ୍ଥିର କରିଥିଲେ ଯେତେବେଳେ ସ୍ୱାଧୀନତା ଆନ୍ଦୋଳନ ସହ ନିଜକୁ ସମନ୍ୱିତ କରିବା ଆର୍ଥିକ ଅନିଶ୍ଚିତତା ଏବଂ ସାମାଜିକ ବିପତ୍ତି ଥିଲା। ଜାତୀୟ କର୍ତ୍ତବ୍ୟ ପାଇଁ ବ୍ୟକ୍ତିଗତ ଆରାମକୁ ତ୍ୟାଗ ଦେବାର ନିଷ୍ପତ୍ତି ତାଙ୍କର ପ୍ରଥମ ମହତ୍ତ୍ୱପୂର୍ଣ୍ଣ ସାଧନା ଥିଲା। ଡକ୍ଟର ଅନ୍‌ସାରୀ ଖୁବ୍ ଶୀଘ୍ର ମହାତ୍ମା ଗାନ୍ଧୀଙ୍କ ଜଣେ ବିଶ୍ୱସ୍ତ ସହଯୋଗୀ ଭାବେ ଏବଂ ଭାରତୀୟ ଜାତୀୟ କଂଗ୍ରେସର ଏକ ପ୍ରମୁଖ ନେତୃତ୍ୱ ରୂପେ ଉଭା ହୋଇଥିଲେ। ଅସହଯୋଗ ଆନ୍ଦୋଳନରେ ସକ୍ରିୟ ଭୂମିକା ଗ୍ରହଣ କରି ସେ ଭାରତୀୟମାନଙ୍କୁ ବ୍ରିଟିଶ ଉପନିବେଶୀ ପ୍ରତିଷ୍ଠାନ ଗୁଡ଼ିକୁ ବର୍ଜନ କରିବା ଏବଂ ସ୍ୱଦେଶୀ, ଆତ୍ମନିର୍ଭର ବିକଳ୍ପ ଗଢ଼ିବା ପାଇଁ ପ୍ରେରିତ କରିଥିଲେ। ତାଙ୍କ ଦୃଷ୍ଟିରେ ରାଜନୈତିକ ପ୍ରତିରୋଧ ନୈତିକ ଶୃଙ୍ଖଳାରୁ ଅଲଗା ନୁହେଁ, ବରଂ ତାହାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଥିଲା। ସେ ଦୃଢ଼ ଭାବେ ବିଶ୍ୱାସ କରୁଥିଲେ ଯେ ସ୍ୱାଧୀନତା କେବଳ ପ୍ରତିବାଦ ଓ ଆନ୍ଦୋଳନ ମାଧ୍ୟମରେ ନୁହେଁ, ବରଂ ଆତ୍ମସମ୍ମାନ, ତ୍ୟାଗ ଏବଂ ନୀତିଗତ ସାର୍ବଜନୀନ ଜୀବନର ଅଭ୍ୟାସ ମାଧ୍ୟମରେ ଅର୍ଜନ କରିବାକୁ ପଡ଼ିବ।

୧୯୨୦ ମସିହାରେ ଜାମିଆ ମିଲିଆ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠିତ ହେବାରେ ଡକ୍ଟର ଅନ୍‌ସାରୀଙ୍କ ସଫଳ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ଏହା କେବଳ ଏକ ବିଶ୍ୱବିଦ୍ୟାଳୟ ନଥିଲା, ବରଂ ଜାତୀୟ ଶିକ୍ଷାର ଏକ ସାହାସିକ ପରିକ୍ଷଣ ଥିଲା, ଯାହା ଭାରତୀୟଙ୍କ ଉପରେ ଉପନିବେଶବାଦୀ ନିୟନ୍ତ୍ରଣକୁ ବିରୋଧ କରି ପରିକଳ୍ପିତ ହୋଇଥିଲା। ହାକିମ ଅଜମଲ ଖାନ, ମୌଲାନା ମହମ୍ମଦ ଅଲି ଗୌହର ଏବଂ ଡକ୍ଟର ଜାକିର ହୁସେନଙ୍କ ପରି ଦୂରଦ୍ରଷ୍ଟାଙ୍କ ସହିତ ଡକ୍ଟର ଅନ୍‌ସାରୀ ଜାମିଆକୁ ଏକ ଅନୁଷ୍ଠାନ ଭାବରେ ଗଢ଼ିତୋଳିବାରେ ସାହାଯ୍ୟ କରିଥିଲେ ଯାହା ଆଧୁନିକ ଜ୍ଞାନକୁ ଭାରତୀୟ ମୂଲ୍ୟବୋଧ, ସାମାଜିକ ଦାୟିତ୍ୱ ଏବଂ ଜାତୀୟ ଚେତନା ସହିତ ମିଶ୍ରଣ କରିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ଯେତେବେଳେ ଜାମିଆ ଆର୍ଥିକ ସଙ୍କଟ ଏବଂ ପ୍ରଶାସନିକ ସମସ୍ୟାର ସମ୍ମୁଖୀନ ହୋଇଥିଲା, ସେତେବେଳେ ଡକ୍ଟର ଅନସାରୀଙ୍କ କୁଳପତି (ଶେଖ-ଉଲ-ଜାମିଆ) ନେତୃତ୍ୱ ହିଁ ଅନୁଷ୍ଠାନକୁ ବଞ୍ଚେଇ ରଖୁଥିଲା। ସେ ସମ୍ବଳ ସଂଗ୍ରହ କରିବା ସହିତ ଜାମିଆକୁ ରାଜନୈତିକ ଚାପରୁ ରକ୍ଷା କରିଥିଲେ। ଆଜି ଶିକ୍ଷାଗତ ଉତ୍କୃଷ୍ଟତା ଏବଂ ସାମାଜିକ ସମ୍ପର୍କ ପାଇଁ ଜଣାଶୁଣା ଜାମିଆ ମିଲିଆ ଇସଲାମିଆ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଡକ୍ଟର ଅନସାରୀଙ୍କ ସର୍ବଶ୍ରେଷ୍ଠ ଜୀବନ୍ତ ସ୍ମାରକୀ ଭାବରେ ଠିଆ ହୋଇଛି।

ହେଉଛି ୧୯୨୭ (ମାଡ୍ରାସ ଭାବରେ କାର୍ଯ୍ୟ କରିବା। ଉପନିବେଶବାଦୀ ରଣନୀତି କରୁଥିଲା, ଡକ୍ଟର ଅନ୍‌ସାରୀ ତାଙ୍କ ଜୀବନର ଆଉ ଏକ ଐତିହାସିକ ସଫଳତା ଅଧିଶନ)ରେ ଭାରତୀୟ ଜାତୀୟ କଂଗ୍ରେସର ସଭାପତି ଯେତେବେଳେ ସମ୍ପ୍ରଦାୟିକ ଉତ୍ତେଜନା ବଢୁଥିଲା ଏବଂ ଭାରତୀୟମାନଙ୍କୁ ଧାର୍ମିକ ଆଧାରରେ ବିଭକ୍ତ କରିବାକୁ ଚେଷ୍ଟା ନିରନ୍ତର ଭାବରେ ହିନ୍ଦୁ-ମୁସଲିମ ଏକତାକୁ ଏକ ରାଜନୈତିକ ଏବଂ ନୈତିକ ଆବଶ୍ୟକତା ଭାବରେ ସମର୍ଥନ କରୁଥିଲେ। ସେ ବିଚ୍ଛିନ୍ନତାବାଦୀ ଚିନ୍ତାଧାରାକୁ ପ୍ରତ୍ୟାଖାନ କରିବା ସହିତ ମୁସଲମାନ ମାନଙ୍କୁ ଭୋଟ୍ ବ୍ୟାଙ୍କ ଭାବରେ ବ୍ୟବହାର କରିବା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ। ତାଙ୍କ ମତରେ, ମୁସଲମାନ ମାନେ ଭାରତର ସ୍ୱାଧୀନତା ସଂଗ୍ରାମରେ ଅତିଥ୍ୟ ନଥିଲେ ବରଂ ଏହାର ସମାନ ଭାଗୀଦାର ଥିଲେ। ଡକ୍ଟର ଅନ୍‌ସାରୀ ଭାରତୀୟଙ୍କ ସ୍ୱାର୍ଥ ପାଇଁ ଆନ୍ତର୍ଜାତୀୟ ସ୍ତରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ବିଶ୍ୱସ୍ତରୀୟ ମଞ୍ଚରେ ତାଙ୍କର ଅଂଶ ଗ୍ରହଣ ଭାରତକୁ ଏକ ପ୍ରତିଯୋଗିତାମୂଳକ ସମ୍ପ୍ରଦାୟର ସଂଗ୍ରହ ସମୂହ ପରିବର୍ତ୍ତେ ଏକ ସ୍ୱ-ଶାସନ ଯୋଗ୍ୟ ରାଷ୍ଟ୍ର ଭାବରେ ପରିଚିତ କରିଥିଲା। ଚିକିତ୍ସା ପୃଷ୍ଠଭୂମି ପାଇଁ ଥିବା ବୈଜ୍ଞାନିକ ମନୋଭାବ ଏବଂ ରାଜନୈତିକ କାର୍ଯ୍ୟ ଦ୍ୱାରା ପ୍ରତିଫଳିତ ନୈତିକ ସଂଯମତା ତାଙ୍କ ସମୟର ଏକ ବିରଳ ମିଶ୍ରଣ ଥିଲା। ଡକ୍ଟର ମୁଖତାର ଅହମଦ୍ ଅନ୍‌ସାରୀଙ୍କ ରାଜନୀତି ଏବଂ ସମସାମୟିକ ସାର୍ବଜନୀନ ଜୀବନ ମଧ୍ୟରେ ଥିବା ବିପରୀତତା ହିଁ ତାଙ୍କୁ ବିଶେଷ ଭାବରେ ପ୍ରାସଙ୍ଗିକ କରିପାରିଛି। ସେ ପ୍ରଦର୍ଶନ ଅପେକ୍ଷା ସେବା, ବ୍ୟକ୍ତି ଅପେକ୍ଷା ଅନୁଷ୍ଠାନ ଏବଂ କ୍ଷଣସ୍ଥାୟୀ ପ୍ରଶଂସା ଅପେକ୍ଷା ଦୀର୍ଘକାଳୀନ ଜାତୀୟ ସ୍ୱାର୍ଥରେ ବିଶ୍ୱାସ କରୁଥିଲେ। ସେ ନିଜ ପରିଚୟକୁ ଅସ୍ତ୍ର ପରିବର୍ତ୍ତେ ମାନବିକ କରିଥିଲେ। ତାଙ୍କର ଇସଲାମ ଭିତ୍ତିକ ଦୃଷ୍ଟିକୋଣ ନୀତିମୂଲ୍ୟରେ ଦୃଢ଼, ଅନ୍ତର୍ଭୁକ୍ତିମୟ ଏବଂ ଭାରତୀୟ ମାଟିରେ ଗଭୀର ଭାବରେ ଜଡ଼ିତ ଥିଲା; ଯେଉଁଠି ସଂଘର୍ଷ ନୁହେଁ, ସହଯୋଗକୁ ସେ ଆତ୍ମବିଶ୍ୱାସର ସହିତ ଆଗରେ ରଖିଲେ। ଭାରତ ସ୍ୱାଧୀନତା ପାଇବାର ଏକ ଦଶନ୍ଧି ପୂର୍ବରୁ ୧୯୩୬ ମସିହାରେ ଡକ୍ଟର ଅନ୍‌ସାରୀଙ୍କ ମୃତ୍ୟୁ ହୋଇଥିଲା। ତଥାପି, ସ୍ୱାଧୀନତାର ମୁହୂର୍ତ୍ତରେ ତାଙ୍କର ଅନୁପସ୍ଥିତି ସେହି ସ୍ୱାଧୀନତାକୁ ସାଫଲ୍ୟ କରିବାରେ ତାଙ୍କର ଭୂମିକାକୁ ଏଡ଼ାଇ ଦିଆଯାଇନପାରେ। ତାଙ୍କ ପରି ନେତା ମାନେ ବୌଦ୍ଧିକ ଏବଂ ନୈତିକ ମୂଳଦୁଆ ସ୍ଥାପନ କରିଥିଲେ ଯାହା ଉପରେ ସ୍ୱାଧୀନ ଭାରତ ନିର୍ମିତ ହୋଇଥିଲା। ଡକ୍ଟର ମୁଖତାର ଅହମଦ୍ ଅନ୍‌ସାରୀ ଆମକୁ ମନେପକାଇ ଦିଅନ୍ତି ଯେ ପ୍ରକୃତ ଦେଶପ୍ରେମ ସର୍ବଦା ସ୍ଲୋଗାନ ଦବାରେ ନଥାଏ। କେତେକ ସମୟରେ ଏହା ଆମକୁ ଶିକ୍ଷା ଦିଏ, ନିର୍ମାଣ କରେ, ଏବଂ ଏକତ୍ର କରେ। ଏପରି ଏକ ସମୟରେ ଯେତେବେଳେ ଇତିହାସ ଦ୍ୱିପାକ୍ଷିକ ହୋଇଯାଏ, ଡକ୍ଟର ଅନସାରୀଙ୍କର ଜୀବନ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦିଏ ଯେ ଭାରତର ଶକ୍ତି ସର୍ବଦା ସେଇମାନଙ୍କଠାରୁ ଆସେ ଯେଉଁମାନେ ବିଭକ୍ତ ଭବିଷ୍ୟତ ଅପେକ୍ଷା ସହଭାଗୀ ଭବିଷ୍ୟତରେ ବିଶ୍ୱାସ କରନ୍ତି।

ଇନସା ୱାରସୀ
ଫ୍ରାଙ୍କଫୋନ ଏଣ୍ଡ ଜର୍ନାଲିଜମ୍ ଷ୍ଟଡିଜ୍
ଜାମିଆ ମିଲିଆ ଇସଲାମିଆ

# ଆଇଲ୍ୟାଣ୍ଡ ଅଫ୍ ଥ୍ରିଭସ୍

ପ୍ରକୃତରେ ଏହି ଗଳ୍ପଟିର ସ୍ରଷ୍ଟା ସ୍ୱର୍ଗତ ବିଶ୍ୱନାଥ ପରିଡା। କେବଳ ଏହି ଗଳ୍ପ ନୁହେଁ, ସମ୍ପୂର୍ଣ୍ଣ ଗଳ୍ପ ସଂକଳନର ସେ ସୃଷ୍ଟିକର୍ତ୍ତା। ତାଙ୍କ ଆବର୍ତ୍ତମାନରେ ତାଙ୍କର ସୁପୁତ୍ର ଶୁଭାଶୀଷ ପରିଡା ତାଙ୍କ ପିତାଙ୍କ ଅପ୍ରକାଶିତ ପାଣ୍ଡୁଲିପିର ମୁଦ୍ରଣକରି ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ଉଦ୍ୟମ କରୁଥିଲା ବେଳେ ବିଶ୍ୱାନାଥବାବୁଙ୍କ ପୁରୁଣା ଖାତାରୁ ଏହି ଗଳ୍ପଟିକୁ ଖୋଜିପାଇଛନ୍ତି। କିନ୍ତୁ ଗଳ୍ପଟିର ନାମକରଣରେ ଆକୃଷ୍ଟହୋଇ ଗଳ୍ପଟିକୁ ଆମୂଳଚୁଳ ପାଠକରିବାକୁ ସ୍ଥିରକରି ପଢିବା ଆରମ୍ଭ କରିଛନ୍ତି।

ମର୍ମୁଗୋଆରୁ ଯତୀନଙ୍କର ନିଜ ଗୃହକୁ ଫେରିବା ଏହା ମଧ୍ୟରେ ଛଅ ମାସ ଅତିକ୍ରାନ୍ତ। କ୍ୟାପଟେନ୍ ଭାବେ ବ୍ଲୁସାର୍କ ଜାହାଜରେ ତାଙ୍କର ପ୍ରଥମ ଜଳଯାତ୍ରା ସଫଳ ହେବା ପରେ ଅନେକେ ତାଙ୍କର ଭୁରିଭୁରି ପ୍ରଶଂସା କରିଥିଲେ। ନାଉରୁ ଦ୍ୱୀପରୁ ଉର୍ବରକ ବୋଝେଇକରି ଫେରିବା ପଥରେ ସମସ୍ତ ବିପର୍ଯ୍ୟୟକୁ ଆଡେଇ ଯେଉଁ ଅଦମ୍ୟ ସାହସ ବଳରେ ସେ ପୁନର୍ବାର ମର୍ମଗୋଆ ବନ୍ଦରରେ ପହଞ୍ଚିଥିଲେ ତାହା ଭାରତୀୟ ଜଳଯାତ୍ରା ଇତିହାସରେ ଏକ ମାଇଲ ଖୁଣ୍ଟ ସଦୃଶ ଲିପିବଦ୍ଧ ହୋଇ ରହିଗଲା। ତାଙ୍କର ଏହି ସାଫଲ୍ୟରେ ଖୁସିହୋଇ ଜାହାଜ କମ୍ପାନୀ କର୍ତ୍ତୃକ୍ଷ ତାଙ୍କୁ ବାର୍ଷିକ ଛୁଟି ପ୍ରଦାନକରି ଘରକୁ ପଠାଇ ଦେଲେ। ଦୀର୍ଘ ଏକ ବର୍ଷଧରି ନିଜର ପ୍ରିୟ ପରିଜନଙ୍କ ଠାରୁ ବିଚ୍ଛେଦରେ ରହିବା ପରେ ପୁଣି ଥରେ ସେମାନଙ୍କର ନିକଟତର ହୋଇ ଯତୀନ ଖୁବ ଉଲ୍ଲସିତ ହୋଇଥିଲେ। ଢେରଦିନ ପରେ ପୁତ୍ରର ମୁହଁ ଚାହିଁ ବେଶି ଆନନ୍ଦିତ ହୋଇଥିଲେ ଯତୀନଙ୍କର ବୋଉ। ଦୀର୍ଘ ଦିନର ଅବରୋଧ ହୋଇ ରହିଥିବା କୋହ ତାଙ୍କର ଦୁଇ ନୟନରୁ ଲୋତକର ଧାରା ହୋଇ ବହିବାକୁ ଲାଗିଲା। ଯତୀନଙ୍କୁ କୁଣ୍ଢାଇ ଧରି କେତେ ଆଶୀର୍ବାଦ କରିବାକୁ ଲାଗିଲେ। ତାଙ୍କର ଆସିବା ଖବର ଶୁଣି ଗାଁରୁ ମଧ୍ୟ ଆବାଳ ବୃଦ୍ଧ ବନୀତା ତାଙ୍କର କୁଶଳ ସମାଚାର ବୁଝିବାକୁ ଘରେ ଗହଳି କରିବାକୁ ଲାଗିଲେ। ଯତୀନ ମଧ୍ୟ ଏହି ଗହଳି ଦେଖି ନିଜକୁ ବହୁତ ଭାଗ୍ୟବାନ ମନେକଲେ। ପ୍ରବାସରେ ଥିବା ବେଳେ ନିଜ ଗାଁକୁ ଯେ କେତେ ହରାଉଥିଲେ ଏବେ ତାହା ମନେପଡି ନୟନ ଅଶ୍ରୁସିକ୍ତ ହୋଇପଡୁଥିଲା। ତେବେ ଯାତ୍ରା ଜନିତ କ୍ଳାନ୍ତିରୁ ତାଙ୍କୁ ବିଶ୍ରାମ ଦେବା ପାଇଁ ସମସ୍ତେ ତାଙ୍କ ଗୃହରେ ଆଉ ଭିଡ ନ କରି ଅପରାହ୍ନରେ ଆସି ତାଙ୍କର ସାଗର ଯାତ୍ରାର ଅଭିଜ୍ଞତା ଶୁଣିବାର ପରିକଳ୍ପନା ଜଣାଇ ଚାଲିଯାଇଥିଲେ। ଅନେକଦିନ ପରେ ନିଜର ବାଲ୍ୟ ସାଥୀମାନଙ୍କ ସହାଚାର୍ଯ୍ୟ ପାଇ ଯତୀନଙ୍କର ଜୀବନ ବେଶ ଉପଭୋଗ୍ୟ ହୋଇପଡିଲା। ସାଙ୍ଗମାନଙ୍କ ସହିତ କେତେ ଭୋଜି ଭାତ, ଗାଁର ଉନ୍ନତିକଳ୍ପେ କେତେ ଯୋଜନାର ରୂପାୟନ କେତେ ପରିକଳ୍ପନାର ସ୍ୱପ୍ନ ମଧ୍ୟରେ କେତେବେଳେ ଯେ ଛଅ ମାସ ଅତିବାହିତ ହୋଇଗଲା ତାଙ୍କୁ ଆଉ ଜଣାପଡିନାହିଁ। ସମୟ ଯେ କାହାକୁ ଅପେକ୍ଷା କରେ ନାହିଁ। ନିଜର ଦୈନନ୍ଦିନୀ କାର୍ଯ୍ୟ ସମ୍ପାଦନ କଲା ବେଳକୁ ଆଉ କାହାରି ସୁଖ ଦୁଃଖ ଦେଖିବାକୁ କାଳର ମାନସିକତା ରହେ ନାହିଁ। ବେଳେବେଳେ ଗଭୀର ରାତ୍ରୀରେ ତାଙ୍କର ମନେହୁଏ ଯେମିତି ଅଦୂରର ଅକୁପାର ଗର୍ଜନ କରି ତାଙ୍କୁ ଡାକ ଛାଡୁଛି। ଯତୀନଙ୍କର ମନ ଅଥୟ ହେବାକୁ ଲାଗିଲା। ପୁଣିଥରେ ସାଗର ବକ୍ଷରେ ଲମ୍ଫମାରି ଘୁରି ବୁଲିବାକୁ ସେ ବ୍ୟାକୁଳ ହେବାକୁ ଲାଗିଲେ। ସଦା ସର୍ବଦା ତାଙ୍କ ଆଖି ଆଗରେ ସୁନୀଳ ପାରାବାର ଏବଂ ତା ବକ୍ଷରେ ସୃଷ୍ଟ ହେଉଥିବା ଫେନୀଳ ଉର୍ମିମାଳା ନାଚିବାକୁ ଲାଗିଲା। ଆଖି ଆଗରେ ପୁଣି ନାଚିଯାଉଥିଲା ଦରିଆ ମଝିରେ ସଂଘର୍ଷକରି ତିଷ୍ଠି ରହିଥିବା ତାଙ୍କର ସ୍ୱପ୍ନର ଅଜଣା ଦ୍ୱୀପ ସମୂହ। ଏଣୁ ସେହି ସ୍ୱପ୍ନର ଦେଶମାନଙ୍କରେ ପହଞ୍ଚିବାକୁ ଦିନେ ସେ ଗୃହଠାରୁ ମେଲାଣି ନେଇ ପୁଣିଥରେ ବାହାରିଗଲେ ପ୍ରବାସକୁ। ମର୍ମ ଗୋଆରେ ପହଞ୍ଚିବାପରେ ଯତୀନ ଜାହାଜ କମ୍ପାନୀରେ ନିଜର କାର୍ଯ୍ୟରେ ଯୋଗଦେବାର ପତ୍ର ଦାଖଲ କଲେ। ଏଥର କମ୍ପାନୀ କର୍ତ୍ତୃପକ୍ଷ ଯତୀନଙ୍କୁ ଅନ୍ୟ ଏକ ନୂତନ ଯାତ୍ରୀଜାହାଜର ଦାୟିତ୍ୱ ପ୍ରଦାନ କରି ବ୍ରିସବେନ ଅଭିମୁଖେ ଯାତ୍ରାକରିବାକୁ ଆଦେଶ ଦେଲେ। ଯଦିଓ ଯତୀନଙ୍କର ସାଗର ଯାତ୍ରାରେ ଯଥେଷ୍ଟ ଅଭିଜ୍ଞତା ଥିଲା କିନ୍ତୁ ଏକ ଯାତ୍ରୀ ଜାହାଜ ପରିଚାଳନାରେ ତାଙ୍କର କୌଣସି ଜ୍ଞାନ ନଥିଲା। କିନ୍ତୁ ତାଙ୍କର ସହକାରୀ ଅମୃତ ବିଜୟନଙ୍କ ଏ ସମ୍ବନ୍ଧରେ ବହୁ ଅଭିଜ୍ଞତା ଥିଲା। ଯତୀନଙ୍କର ଚିନ୍ତିତ ମୁଖମଣ୍ଡଳ ଦେଖି ତାଙ୍କ ଚିନ୍ତା ଦୂର କରିବାକୁ ବିଜୟନ କହିଲେ "ସାର ! ଆପଣ ଅଯଥା ଚିନ୍ତା କରିବେନି। ଯାତ୍ରୀ ପରିବହନରେ ମୋର ଦଶବର୍ଷର ଅଭିଜ୍ଞତା ରହିଛି। ତା ଛଡା ଏହି ଜାହାଜର ଯାତ୍ରୀ ପରିବହନ କ୍ଷମତା ମଧ୍ୟ ସେତେ ଅଧିକ ନୁହେଁ। ଆମେ ଅନାୟାସରେ ଦୁଇଶହ କିମ୍ବା ତିନିଶହ ଯାତ୍ରୀଙ୍କୁ ତାଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବାରେ କୌଣସି ସମସ୍ୟା ସୃଷ୍ଟି ହେବ ନାହିଁ। ଆମର ଯାତ୍ରା ପଥରେ ଆମେ ୟାଙ୍ଗୁନ, ଜାକର୍ତ୍ତା ବନ୍ଦର ହୋଇ ସିଧାସଳଖ ପୂର୍ବ ତିମୋର ଦ୍ୱୀପ ଅତିକ୍ରମକରି ବ୍ରିସବେନ ଯାତ୍ରା କରିବା। ମୁଁ ମଧ୍ୟ ଯାତ୍ରୀ ତାଲିକାରୁ ଯାହା ଦେଖୁଥିଲି ଅନେକ ଯାତ୍ରୀ ୟାଙ୍ଗୁନ ଏବଂ ଜାକର୍ତ୍ତା ବନ୍ଦରରେ ଅବତରଣ କରିବେ। ତଥାପି ବଳକା ଶତାଧିକ ଯାତ୍ରୀଙ୍କୁ ନେଇ ଆମକୁ ବ୍ରିସବେନ ଯିବାକୁ ପଡିବ। ପୁଣି ବ୍ରିସବେନରୁ ଆମେ ସିଧା ଫ୍ରେଞ୍ଚ ପଲିନେସିଆ ଅନ୍ତର୍ଗତ ତହିତିର ପପିତେ ବନ୍ଦର ଯିବାର କାର୍ଯ୍ୟକ୍ରମ ଭ୍ରମଣ ସୂଚୀରେ ଉଲ୍ଲେଖ ରହିଛି। "ଯତୀନ କହିଥିଲେ "ଠିକ ଅଛି, ବିଜୟନ! ଆମର ଏହି ଜାହାଜ ସାଗର କନ୍ୟାଟି ଏକ କ୍ଷୁଦ୍ର ଯାତ୍ରୀବାହୀ ଜାହାଜ। ଏହାର କ୍ୟାବିନଗୁଡିକ ପାଖକୁ ପାଖ ରହିଛି। ଏଣୁ ଯାତ୍ରା କାଳରେ ସେମାନଙ୍କର ଭଲ ମନ୍ଦ ବୁଝିବାରେ ବିଶେଷ ସମସ୍ୟା ସୃଷ୍ଟି ହେବ ନାହିଁ। ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ କେତେଦିନ ଅବା ଲାଗିବ! ସମସ୍ତେ ମୌଜମଜଲିସ କରି ଗୋଟିଏ ପରିବାର ଭଳି ଚଳିଗଲେ ସମୁଦ୍ର ଯାତ୍ରାଜନିତ କ୍ଳାନ୍ତି, ବିଷାଦ କିମ୍ବା ଏକାକୀତ୍ୱ ଜଣାପଡିବନି। କିନ୍ତୁ ମୁଁ ଭାବୁଛି ଆମେ ବ୍ରିସବେନ ଠାରୁ ତହିତି ଯିବା ବାଟରେ କିଛିଟା ସମସ୍ୟାର ସମ୍ମୁଖୀନ ହୋଇପାରୁ। ସେହି ଜଳପଥଟି ଭୀଷଣ କୁହେଳିକାପୂର୍ଣ୍ଣ। ସମ୍ପୂର୍ଣ୍ଣ ଜାହାଜଟିକୁ ଆମୋଦପ୍ରମୋଦ ନିମନ୍ତେ ଭଡାରେ ନେବା କ୍ୱଚିତ ଦେଖାଯାଏ। ଏଥିରୁ ହିଁ ଏ ବସୁଧାରେ ଥିବା ଅର୍ଥନୈତିକ ଅସମାନତା ସ୍ପଷ୍ଟ ବାରିହୋଇପଡେ। ଧନିକମାନଙ୍କର ବିଳାସପୂର୍ଣ୍ଣ ଜୀବନଯାପନ ନିମନ୍ତେ ଅର୍ଥ ବିନର୍ବ୍ୟୟ ସେମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରୁନଥିବା ବେଳେ ଏହି ପୃଥିବୀରେ ଅଗଣିତ ନିର୍ଦ୍ଧନ ହାହାକାର ମଧ୍ୟରେ କାଳ କାଟୁଛନ୍ତି। କାହାରି ବାସ ନାହିଁ ତ କାହା ନିକଟରେ ପେଟପୂରା ଖାଦ୍ୟ ଖାଇବାକୁ ସମ୍ବଳ ନାହିଁ। କେହି ଅର୍ଥାଭାବରୁ ଚିକିତ୍ସା ନପାଇ ଅକାଳରେ ମୃତ୍ୟୁ ଲଭୁଛି ତ କେହି ତମାମ ଜୀବନ, ଯନ୍ତ୍ରଣାରେ ଜର୍ଜରିତ ହୋଇ ମନସ୍ତାପରେ ଦିନ କାଟୁଛି। ଛାଡ ସେ କଥା। ସେ ସବୁ ଦର୍ଶନତତ୍ତ୍ୱ ବିଶ୍ଳେଷଣ କରିବାକୁ ଆମଭଳି ମଣିଷର ଯୋଗ୍ୟତା ନାହିଁ। ଏବେ ଆମର ଭବିଷ୍ୟତ କର୍ମପନ୍ଥା ଉପରେ କଥାହେବା। କେଉଁଦିନ ସାଗରକନ୍ୟା ତା'ର ଜଳଯାତ୍ରା ଆରମ୍ଭ କରିବାକୁ ସ୍ଥିରହୋଇଛି ? " ବିଜୟନ ତତକ୍ଷଣାତ୍ ଉତ୍ତର ଦେଲେ "ସାର! ଭାରତ ମହାସାଗରରେ ଯାତ୍ରୀ ଜାହାଜଗୁଡିକ ସାଧାରଣତ ନଭେମ୍ବର ମାସରୁ ଯାତ୍ରାକରିବା ସୁବିଧାଜନକ ହୋଇଥାଏ। ଏଣୁ ସାର! ଯେଣୁ ଆଜି ନଭେମ୍ବର ମାସର ପହିଲା ଏଣୁ ପାଞ୍ଚ ତାରିଖରୁ ଏହି ଜାହାଜଟି ଆରବ ସାଗରରେ ଭାସି ତାର ଯାତ୍ରା ଅନୁକୂଳ କରିବ।" ଯତୀନ ମନେମନେ କଣ ଭାବିଲେ କେଜାଣି ସାଥେ ସାଥେ ସେ ବନ୍ଦରରୁ ଗତ ରୋମାଞ୍ଚକର ଜଳଯାତ୍ରାର ତାଙ୍କର ଅନ୍ୟତମ ସାଥୀ ଉଇଲିୟମ କୁଲିନାନଙ୍କୁ ଫୋନକରି ଜଣାଇଦେଲେ। ଯେହେତୁ ଏଥର ତାଙ୍କ ଯାତ୍ରା ପଥରେ ସିଙ୍ଗାପୁର ବନ୍ଦର ରହୁନାହିଁ, ଏଣୁ ସେ କୁଲିନାନଙ୍କୁ ଅନ୍ୟ ଅବଲମ୍ବନରେ ଜାକର୍ତ୍ତା ବନ୍ଦରକୁ ଆସନ୍ତା କୋଡିଏ ଦିନ ମଧ୍ୟରେ ଚାଲିଆସିବାକୁ ଅନୁରୋଧ କଲେ।

ନିର୍ଦ୍ଦିଷ୍ଟ ଦିନଟି ଆସି ଉପସ୍ଥିତ ହେଲା। ୧୯୪୯ ମସିହା ନଭେମ୍ବର ମାସ ପାଞ୍ଚ ତାରିଖ। ସେଦିନ ଶନିବାର, ସୁନ୍ଦର ସକାଳଟି ସୁନେଲୀ ସୂର୍ଯ୍ୟାଲୋକରେ ଆହୁରି ମନୋରମ ଦେଖାଯାଉଥାଏ। ସୁନୀଳ ଅମ୍ବର ମଧ୍ୟ ମେଘମୁକ୍ତ ରହି ମନରେ ସକରାତ୍ମକ ଚିନ୍ତା ଆଣୁଥାଏ। କ୍ୟାପଟେନ ଯତୀନ ତାଙ୍କର ସହକାରୀ ବିଜୟନଙ୍କ ସାଥୀରେ ସାଗର କନ୍ୟା ଜାହାଜକୁ ଆରୋହଣ କଲେ। ସମସ୍ତ ଯାତ୍ରୀମାନେ ଯଥେଷ୍ଟ ସମୟର ଅବ୍ୟବହିତ ପୂର୍ବରୁ ଆରୋହଣ କରି ନିଜ ନିଜର କ୍ୟାବିନରେ ଉପବେଶନ କରିସାରିଥିଲେ। ପୂର୍ବ ପ୍ରସ୍ତୁତ ନାବିକମାନେ କେବଳ କ୍ୟାପଟେନଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରି ରହିଥିଲେ। ଯତୀନ ଆଉ କାଳ ବିଳମ୍ବ ନକରି ନାବିକମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କଲେ। କ୍ଷଣିକରେ ସାଗର କନ୍ୟାର ପୁଙ୍ଗାଟି ତୀବ୍ର ସ୍ୱରରେ ବାଜି ଉଠିବା ସାଥେ ସାଥେ ଜାହାଜଟି ଦୋହଲିବାକୁ ଲାଗିଲା। ଜାହାଜର ସମସ୍ତ ଯାତ୍ରୀ ଏବଂ କର୍ମଚାରୀମାନେ ସେମାନଙ୍କର ଯାତ୍ରା ସଫଳ କରିବାକୁ ଭଗବାନଙ୍କୁ ପ୍ରାର୍ଥନା କରିବାକୁ ଲାଗିଲେ। ଯତୀନ ମଧ୍ୟ ଭକ୍ତିପୁତ ଭାବେ ତାଙ୍କର ଏବଂ ଜନ୍ମମାଟି ଉତ୍କଳର ଇଷ୍ଟଦେବତା ଜଗନ୍ନାଥଙ୍କୁ ପ୍ରଣାମ ଜଣାଇ ନିରାପଦ ଜଳଯାତ୍ରା ନିମନ୍ତେ ଆଶୀଷ ଭିକ୍ଷା କଲେ। କ୍ୟାପ୍ଟେନ୍ ଯତୀନଙ୍କ ଆକଳନ ସମ୍ପୂର୍ଣ୍ଣ ନିର୍ଭୁଲ ଥିଲା। ତିନି ଦିନ ମଧ୍ୟରେ ବିଶାଳ ସମୁଦ୍ରର ଦୀର୍ଘ ପଥକୁ ଅତିକ୍ରମ କରି ତାଙ୍କ ଜାହାଜ ସାଗର କନ୍ୟା ବ୍ରିସବେନ ବନ୍ଦରର ଡକ୍ ୟାର୍ଡରେ ପ୍ରବେଶ କଲା। ପ୍ରାୟ ଏକ ମାସରୁ ଉର୍ଦ୍ଧ ସମୟ ଧରି ସମୁଦ୍ରରେ ଛଅ ହଜାର ସାତ ଶହ ନଟିକାଲ ମାଇଲ ପଥ ଅତିକ୍ରମ କରିବାପରେ ପୁଣି ଥରେ ସ୍ଥଳଭୂମି ସ୍ପର୍ଶ କରିବାରେ ଯାତ୍ରୀମାନଙ୍କର ଆନନ୍ଦ କହିଲେ ନସରେ। ଯାତ୍ରୀମାନେ ଯେ ଯାହା ବାଟରେ ଚାଲିଯିବାକୁ ଲାଗିଲେ। ଜାହାଜର କର୍ମଚାରୀମାନଙ୍କ ଆଚାର ବ୍ୟବହାରରେ ମୁଗଧ ହୋଇଥିବା କିଛି ଯାତ୍ରୀ ଜାହାଜର କର୍ମଚାରୀ ବିଶେଷ କରି ଯତୀନ ଏବଂ ବିଜୟନଙ୍କୁ ଅଶେଷ ଧନ୍ୟବାଦ ଜଣାଇବାକୁ ଭୁଲିଲେନି। ଏହିଭଳି ହିଁ ହୋଇଥାଏ। ମଣିଷ ନିଜର ଆଚାର ବ୍ୟବହାର ଦ୍ୱାରା ଅନ୍ୟମାନଙ୍କ ଠାରେ ନିଜର ଏକ ଛାପ ଛାଡିପାରେ। ମାତ୍ର ଏକ ମାସ ରହଣୀ ମଧ୍ୟରେ ଯତୀନ ସାଗର କନ୍ୟାର ପ୍ରାୟ ସମସ୍ତ ଯାତ୍ରୀମାନଙ୍କ ଉପରେ ଯେଉଁ ମାୟା ଲଗାଇଥିଲେ ତାର ପ୍ରତିଫଳନ ଏହି ବିଦାୟ ବେଳାରେ ଦେଖିବାକୁ ମିଳିଲା। ପରଦିନର ପ୍ରାତଃକାଳଟି ଅନ୍ୟଦିନ ତୁଳନାରେ ଯଥେଷ୍ଟ ଉଷ୍ମ ଜଣାପଡୁଥାଏ। କ୍ୟାବିନ ମଧ୍ୟରେ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେବାରୁ ଯତୀନଙ୍କର ନିଦ ଭାଙ୍ଗିଗଲା। ସେ ତତକ୍ଷଣାତ କ୍ୟାବିନ ବାହାରକୁ ଚାଲିଆସିଲେ। ତଥାପି ଅନ୍ଧକାର ବିରାଜମାନ କରୁଥିଲା ସମୁଦ୍ରର ଛାତି ଉପରେ। ଆକାଶଟା ଅସ୍ୱାଭାବିକ ଭାବେ ନାରଙ୍ଗି ଦେଖାଯାଉଥାଏ। ଯତୀନ ଭାବିଲେ ସିନ୍ଦୁରା ଫାଟିବା ବେଳ ହୋଇଥିବାରୁ ଅନ୍ତରୀକ୍ଷର ଏହି ରୂପ। ଉଦିତ ସୂର୍ଯ୍ୟଙ୍କ ବାଳୁତ ରୂପ ଦେଖିବାକୁ ଆଗ୍ରହଭରେ ପୂର୍ବାକାଶକୁ ଚାହିଁଲେ। ଆକାଶରେ ତପନ ଉଇଁ ନଥିବା ସତ୍ତ୍ୱେ ପୂର୍ବାକାଶ ସେହି ନାରଙ୍ଗି ରୂପ ଧାରଣ କରିଥାଏ। ମନେ ହେଉଥାଏ ଯେମିତି ପୂର୍ବ ଦିଗବଳୟରେ ନିଆଁ ଲାଗିଯାଇଛି। ଶାନ୍ତ ରହିଥିବା ସାଗର ବକ୍ଷରେ ହଠାତ ଆସିଲା ଉଚ ଉର୍ମିମାଳା। ସେହି ଢେଉରୁ କିଛି କିଛି ପାଣି ଛିଟିକି ଡେକ୍ ଉପରେ ପଡିବାରୁ ତାର ସ୍ପର୍ଶରେ ଯତୀନ ଚମକି ପଡିଲେ। ତାଙ୍କର ମନେହେଲା ଯେମିତି ଏହି ବିଶାଳ ସାଗରକୁ କେହି ପ୍ରବଳ ଉତ୍ତାପରେ ସନ୍ତୁଳିଦେଉଛି। ଏହାର କାରଣ ଜାଣିବାକୁ ପ୍ରୟାସ କରିବା ପୂର୍ବରୁ ଏକ ବିଶାଳ ଅତ୍ୟୁଚ ଲହଡିରେ ତାଙ୍କ ଜାହାଜଟିର ମୋଡ ବଦଳିଗଲା। ସାଗର କନ୍ୟା ସମ୍ପୂର୍ଣ୍ଣ ଭାବେ ଦୋହଲି ପ୍ରବଳ ସାମୁଦ୍ରିକ ସ୍ରୋତରେ ବୀପରିତ ଦିଗକୁ ଭାସି ଚାଲିବାକୁ ଲାଗିଲା। ନାବିକମାନଙ୍କ ଶତ ଚେଷ୍ଟା ଜାହାଜଟିକୁ ପୂର୍ବ ଗତିପଥରେ ରଖିବା ଅସମ୍ଭବ ହୋଇପଡିଲା। ତତ୍ପର ଦିନ ଆଦ୍ୟ ପ୍ରଭାତରେ ଯତୀନଙ୍କ ନିଦ ଭାଙ୍ଗିଗଲା। କ୍ୟାବିନରୁ ସେ ସିଧାସଳଖ ଡେକ୍ ଉପରକୁ ଚାଲି ଆସିଲେ। ପୂର୍ବ ଦିଗନ୍ତରୁ ଉଦଭାସିତ ହେଉଥିବା ଉଦିତ ସୂର୍ଯ୍ୟଙ୍କ ଦର୍ଶନକରି ଦିନଟି ଭଲରେ କଟିବାକୁ ସକଳ ଶକ୍ତିର ଆଧାର ଆଦିତ୍ୟଙ୍କୁ ପ୍ରାର୍ଥନା କଲେ। ଗତ ଦିନର ଅକ୍ଳାନ୍ତ ପରିଶ୍ରମରେ ଦୁର୍ବଳ ବୋଧ କରୁଥିବା ନାବିକମାନଙ୍କ ମଧ୍ୟରୁ ଅନେକେ ଶଯ୍ୟା ତ୍ୟାଗ କରିନଥାନ୍ତି। କିଛି ସମୟ ଅନ୍ତରେ କୁଲିନାନ ଆସି ଉପସ୍ଥିତ ହୁଅନ୍ତେ ଯତୀନ କହିଲେ "ବନ୍ଧୁ କୁଲିନାନ! ବ୍ରେକ ଫାଷ୍ଟ ପରେ ଚାଲ ଆମେ ଦ୍ୱୀପର ଅଭ୍ୟନ୍ତରକୁ ଯାଇ ବୁଲି ଦେଖିବା। ଯଦିଓ ଗତ ରାତିରେ ଆମେ ଏହି ଦ୍ୱୀପରେ ଅନେକ ଗଧିଆ ଥିବାର ଦେଖିଛୁ କିନ୍ତୁ ଏଠାରେ ମଣିଷ ଅଛନ୍ତି କି ନା ତାହା ଅନୁସନ୍ଧାନ ସାପେକ୍ଷ।" କୁଲିନାନ କହିଲେ "ଓକେ ସାର! ଆମେ ନିଶ୍ଚୟ ଯିବା ଏବଂ ସମସ୍ତ ପ୍ରସ୍ତୁତି ସହ।" ସାଗର କନ୍ୟାରେ ଖାଦ୍ୟର ଅଭାବ ନଥିଲା। ବ୍ରେକଫାଷ୍ଟ ଭାବେ ଦୁଇଖଣ୍ଡ ଟୋଷ୍ଟ ଏବଂ ଗୋଟିଏ କପ ରଅ ଲିକର୍ ପିଇବା ପରେ କୁଲିନାନଙ୍କ ସହିତ ଯତୀନ ଜାହାଜରୁ ଓହ୍ଲାଇ ଆସିଲେ। ତାଙ୍କ ସହକାରୀ ବିଜୟନଙ୍କୁ ଜାହାଜର ରକ୍ଷଣାବେକ୍ଷଣ କାର୍ଯ୍ୟର ତଦାରଖ କରିବାକୁ କହି ଜାହାଜର ବୈଷୟୀକ ତ୍ରୁଟି ସଜାଡିବା ଦାୟିତ୍ୱରେ ରହିଥିବା ଅଧିକାରୀଙ୍କୁ ଆବଶ୍ୟକୀୟ ମରାମତି ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦେବାକୁ ମଧ୍ୟ ଭୁଲିଲେନି। କୁଲିନାନଙ୍କ ପରାମର୍ଶରେ ତାଙ୍କର ବ୍ୟାକ୍ ପ୍ୟାକ୍ ବ୍ୟାଗରେ କିଛି ଡବଲ ରୋଟି, ଶୁଖିଲା ଫଳ ଏବଂ କେତେ ଗୁଡିଏ ପାନୀୟ ଜଳ ବୋତଲ ଆଣି ରଖିଲେ। ପ୍ରକୃତରେ ଏକ ଅଜଣା ସ୍ଥାନ ପରିଦର୍ଶନ କଲାବେଳକୁ ସମସ୍ତ ପ୍ରସ୍ତୁତି ଶେଷକରି ଯିବା ଉଚିତ। କିଏ ଜାଣେ ସେହି ସ୍ଥାନର ଅବସ୍ଥିତି କିଭଳି ହୋଇଥିବ, ହୁଏତ ଜୀବନ ବଞ୍ଚାଇବାକୁ ଆବଶ୍ୟକ ସାମାନ୍ୟ ଖାଦ୍ୟ ପାନୀୟର ମଧ୍ୟ ଅଭାବ ହୋଇପାରେ। ସେ ଯାହା ହେଉ ଯତୀନ ଏବଂ କୁଲିନାନ ଖୁବ ସତର୍କ ଭାବେ ଦ୍ୱୀପଟିର କଠିନ ପ୍ରସ୍ତର ସୈକତରେ ଧୀରେ ଧୀରେ ପୂର୍ବ ଦିଗନ୍ତକୁ ଲକ୍ଷ୍ୟ ରଖି ଆଗକୁ ଯିବାକୁ ଲାଗିଲେ। କିଛି ଦୂର ଅତିକ୍ରମ କରିବା ପରେ ଦେଖିଲେ ତାଙ୍କର ଅନୁମାନ ମୁତାବକ ଏକ ସଂକୀର୍ଣ୍ଣ ଗିରିପଥ ପାହାଡ ଦେହରୁ ସାଗର କୂଳ ନିକଟକୁ ଲମ୍ବିଛି। ଏଣୁ ଦୁହେଁ ସେହି ଗିରିପଥରେ ଅତି ସତର୍କତାର ସହିତ ଆଗକୁ ବଢିବାକୁ ଲାଗିଲେ। ଯେଣୁ ସେହି ପଥ ବିଭିନ୍ନ ଗୁଳ୍ମରେ ପରିପୂର୍ଣ୍ଣ ହୋଇଥିଲା ଏଣୁ ଯତୀନ ନିଶ୍ଚିତ ହେଲେ ଯେ ଏହା ଏକ ମାନବ ବିବର୍ଜିତ ଦ୍ୱୀପ। ତଥାପି ଅଦମ୍ୟ ସାହସକୁ ପାଥେୟ କରି ଦୁହେଁ ସେହି ଗିରି ପଥରେ ଯିବାକୁ ଲାଗିଲେ। ସେହି କଠିନ ପ୍ରସ୍ତର ସ୍ତୁପ ମଧ୍ୟରେ ଥିବା ଗିରିପଥରେ ବେଶ କିଛି ଦୂର ଅତିକ୍ରମ କଲାପରେ ପାହାଡଟିର ଅବଶାନ ଘଟି ଏକ ଅରଣ୍ୟ ଦୃଷ୍ଟି ଗୋଚରିତ ହେଲା। ମନେ ହେଉଥିଲା ଏହା ଏକ ଶୀତଳ ଜଳବାୟୁ ଦ୍ୱାରା ପ୍ରଭାବିତ ଅରଣ୍ୟ। ଦେଖିବାକୁ ପାଇଲେ ଏକାଧିକ ପାଇନ ଗଛର ଶୀର୍ଷରେ ହାଲକା ତୁଷାର ପ୍ରଲେପ ଲାଗିଛି। ଅବଶ୍ୟ ଗତକାଲି ରଜନୀରେ ସାଗର କନ୍ୟାର କ୍ୟାବିନ ମଧ୍ୟରେ ସାମାନ୍ୟ ଥଣ୍ଡା ଅନୁଭୁତ ହୋଇଥିଲା କିନ୍ତୁ ଏ ଅଞ୍ଚଳଟା ଯେ ଶୀତଳ ଜଳବାୟୁର ଅନ୍ତର୍ଭୁକ୍ତ ସେ ଭାବନା ତାଙ୍କ ମନକୁ ଆଦୌ ଆସି ନଥିଲା। ଯତୀନଙ୍କ ହାତକୁ କୁଲିନାନ ସାମାନ୍ୟ ଝିଙ୍କିଦେବାରୁ ସେ ଚାହିଁ ଦେଖିଲେ ଯେ ଏକ ଲୋମଶ ଗଧିଆଟିଏ ଅରଣ୍ୟ ମଧ୍ୟରେ ଅଦୃଶ୍ୟ ହୋଇଗଲା। ଏହିଭଳି ଅରଣ୍ୟର ଗୁଳ୍ମଲତା ଆଦି ଆଡେଇ ଦକ୍ଷିଣ ମୁହାଁ ହୋଇ ଯିବାବେଳେ ଏକାଧିକ ଗଧିଆଙ୍କୁ ଦେଖିବାକୁ ପାଇଲେ। ମଝିରେ ମଝିରେ ଛୋଟ ଛୋଟ ଠେକୁଆଙ୍କୁ ମଧ୍ୟ ଦେଖିବାକୁ ପାଇଲେ ଯେଉଁମାନେ କି ଏମାନଙ୍କୁ ଦେଖି ଭୟରେ ବୁଦା ମଧ୍ୟରେ ଲୁଚିଯାଉଥିଲେ। ଅରଣ୍ୟରେ ଯେ ଗଧିଆଙ୍କୁ ବଳି ଆଉ ଅଧିକ ବଳବାନ ହିଂସ୍ର ଜୀବ ନଥିବା ଜାଣି ଯତୀନ ଆଶ୍ୱସ୍ତ ହେଲେ। ସେତେବେଳକୁ ସମୟ ମଧ୍ୟାହ୍ନ ହୋଇଯାଇଥାଏ। ସକାଳେ ମାତ୍ର ଦୁଇଖଣ୍ଡ ଟୋଷ୍ଟ ଖାଇ ଅନେକ ପଥ ଘୁରି ସାରିଥିବାରୁ ଦେହରେ କ୍ଳାନ୍ତି ଆସିଯାଇଥିଲା। କ୍ଷୁଧା ନିର୍ବାପନ ସହିତ ସାମାନ୍ୟ ବିଶ୍ରାମ ଟିକେ ନେଇ ପୁଣିଥରେ ଆଗେଇବାକୁ ସ୍ଥିରକରି ଯତୀନ କହିଲେ "କୁଲିନାନ! ଆସ ସେହି ପାଇନ ଗଛ ତଳେ ଥିବା ପଥର ଖଣ୍ଡ ଉପରେ ବସି କିଛି ସମୟ କ୍ଳାନ୍ତି ମେଣ୍ଟାଇବା ସହିତ ମଧ୍ୟାହ୍ନ ଭୋଜନ କରିନେବା।"

ଯତୀନ ଭଗ୍ନ ମନୋରଥ ନେଇ ଫେରି ଆସିବାକୁ ଲାଗିଲେ ଆଇଲ୍ୟାଣ୍ଡ ଅଫ ଥ୍ରିଭସର ଉପକୂଳକୁ। ସେମାନଙ୍କର ତରୀଟି ଯଥା ସ୍ଥାନରେ ନିରାପଦରେ ରହିଥିଲା। ଦୁହେଁ ନୌକାଟିକୁ ଆଇଲ୍ୟାଣ୍ଡ ଅଫ ଓଲଭସ ଉପକୂଳ ଦିଗକୁ ବାହିବାକୁ ଲାଗିଲେ।

ବସନ୍ତ କୁମାର ଘୋଷ
ବହୁଗ୍ରାମ, କଟକ
ପିନ – ୭୫୪୨୦୦
ମୋ.-୯୯୩୯୭୯୨୧୫୨




## ମଣ୍ଡଳସ୍ତରୀୟ ଭିବିଜି ରାମଜୀ କର୍ମଶାଳା ଅନୁଷ୍ଠିତ

# ଶଙ୍ଖ ଛାଡି ପଦ୍ମରେ ସାମିଲ ହେଲେ ବିଜେଡି କର୍ମୀ




ବୈପାରିଗୁଡ଼ା(ଏନ୍.ଏମ୍.): କୋଟପାଡ଼ ନିର୍ବାଚନ ମଣ୍ଡଳୀର ବୈପାରିଗୁଡ଼ା ବ୍ଲକ ଅନ୍ତର୍ଗତ ରାମଗିରି ଓ ଦଣ୍ଡାବାଡ଼ି ମଣ୍ଡଳ ସ୍ତରୀୟ ଭିବିଜି ରାମଜୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି ମଣ୍ଡଳ ସ୍ତରୀୟ ଭିବିଜି ରାମଜୀ କର୍ମଶାଳା କାର୍ଯ୍ୟ କ୍ରମରେ କୋଟପାଡ଼ ବିଧାୟକ ରୂପୁଭତ୍ରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କୋରାପୁଟ ଜିଲ୍ଲା ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ରଥ, କୋରାପୁଟ ଆଦିବାସୀ ମୋର୍ଚ୍ଚା ସଭାପତି ନରେନ୍ଦ୍ର କାନ୍ଦୁଲିଆ, କୋଟପାଡ଼ ବିଧାୟକ ପ୍ରତିନିଧି ବିନାୟକ ଆଚାର୍ଯ୍ୟ,କୁନ୍ଦୁରା ବ୍ଲକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ, ରାମଗିରି ମଣ୍ଡଳ ସଭାପତି ଦୈତାରୀ ବାରିକ, ଦଣ୍ଡାବାଡ଼ି ମଣ୍ଡଳ ସଭାପତି ରାମ ଚେର୍କିଆ, ରାମଗିରି ସରପଞ୍ଚ କୁମନ ମୁଦୁଲି,କୋଲାର ପ୍ରଭାରୀ ଉମେଶ ପଟ୍ଟନାୟକ, ଦଣ୍ଡାବାଡ଼ି ପ୍ରଭାରୀ ସୁନ୍ଦ୍ର ମାଳି, ରାମଗିରି ପ୍ରଭାରୀ ବେଣୁଧର ପାତ୍ର ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ଭାରତୀୟ ଜନତା ପାର୍ଟିର ପଞ୍ଚାୟତ କମିଟି ଗଠନ କରିବା ସହ ଭାରତୀୟ ଜନତା ପାର୍ଟି କିପରି ଭାବେ ବୈପାରିଗୁଡ଼ା ବ୍ଲକରେ ସରପଞ୍ଚ, ସମିତି, ଜିଲ୍ଲା ପରିଷଦ ବିଜୟ ଲାଭ କରିବ ତାହାକୁ ନେଇ କୋଟପାଡ଼ ବିଧାୟକ ଅଭିଭାଷଣରେ ପ୍ରକାଶ କରିଥିଲେ । ଏହି ପରିପ୍ରେକ୍ଷୀରେ ସମସ୍ତ ସଦସ୍ୟଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା । ରାଜ୍ୟ ସରକାରଙ୍କ କାର୍ଯ୍ୟକଳାପକୁ ଅନୁପ୍ରାଣିତ ହୋଇ କଂଗ୍ରେସ ଓ ବିଜେଡି ଦଳର ପ୍ରାୟ ୩୦ ରୁ ଉର୍ଦ୍ଧ୍ୱ ଲୋକ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ କୋଟପାଡ଼ ବିଧାୟକ ପ୍ରତିନିଧି ସି ଏଚ ପ୍ରଭାକର ରାଓ ମଞ୍ଚ ପରିଚାଳନା କରିଥିବା ବେଳେ ଜଗତ ଆର୍ଲବ, ତିଲୋକ ନାୟକ, ସୁବାଷ ଖରା, ବାସୁ ଗଲରି, ନିର୍ମଳ ବାରିକ, ଲମ୍ବୁ ଦୂରୁଆ, ବିକାଶ ମୁଦୁଲି, ବଳରାମ ବାରିକ, ବଲବ ମହୁରୀଆ,ମାଧୁରୀ ରାଉତଙ୍କ ସମେତ କୋଟପାଡ଼ ନିର୍ବାଚନ ମଣ୍ଡଳୀ ତଥା ବୈପାରିଗୁଡ଼ ବ୍ଲକର ୯ଗୋଟି ଗ୍ରାମ ପଞ୍ଚାୟତର ସହ ସହ ମହିଳା ଯୋଗ ଦେଇଥିଲେ ।

# ଘର ପିଣ୍ଡାରେ ଚାଲିଛି ପ୍ରାକ୍ ଶିକ୍ଷାଦାନ

## ଗୋନ୍ଧିଗୁଡାରେ ଏଯାଏଁ ହୋଇପାରିଲାନି ଅଙ୍ଗନବାଡି ଗୃହ ନିର୍ମାଣ

କୋରୁକୋଣ୍ଡା (ଏନ୍.ଏମ୍.) :ଦେଶ ସ୍ୱାଧୀନ ହୋଇ ସାତ ଦଶନ୍ଧି ଅତିକ୍ରମ କରି ଆଠ ଦଶନ୍ଧିକୁ ଛୁଇଁବାକୁ ଯାଉଛି । ହେଲେ ଆଜି ମଧ୍ୟ ମାଲକାନଗିରି ଜିଲ୍ଲାରେ ବିକାଶ ଅନେକ ସ୍ଥାନରେ ବାଟ ହୁଡିଛି । ବିକାଶର ଡିଣ୍ଡିମ ପିଟୁଥିବା ଓ ରାଜ୍ୟରେ ପଛୁଆ ଅଞ୍ଚଳରେ ବିକାଶ ଏବଂ ଓଡିଆ ଅସ୍ମିତା କଥା କହୁଥିବା ରାଜ୍ୟ ସରକାର କେବଳ କାଗଜ କଲମରେ କିଛି ବିକାଶ ହେଉଛି ବୋଧ ହୁଏ । ମିଳିଥିବା ତଥ୍ୟ ଅନୁଯାୟୀ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଗୋନ୍ଧିଗୁଡା ଗ୍ରାମରେ ଆଜି ଯାଏଁ ଏକ ଅଙ୍ଗନବାଡି ଗୃହ ନିର୍ମାଣ ହୋଇପାରିନି । ଫଳରେ ଖରା ବର୍ଷା ଏଠାକାର କୋମଳମତି ପିଲାଏ ଘର ବାରଣ୍ଡାରେ ବସି ପ୍ରାକ ଶିକ୍ଷା ଲାଭ କରୁଛନ୍ତି । ତେବେ ସରକାର ଓ ପ୍ରଶାସନର ଅବହେଳା ଯୋଗୁ ଆଜି ଯାଏଁ ଏଠାରେ ଅଙ୍ଗନବାଡି ଗୃହ ନିର୍ମାଣ ହେଉ ନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏହି ଅଞ୍ଚଳରେ ଅନେକ ଡିଡାୟୀ ଜନଜାତିର ଲୋକେ ରହୁଥିବା ବେଳେ ଅଞ୍ଚଳରେ ଶିକ୍ଷାର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଏହି ସବୁ ଅସୁବିଧା ଯୋଗୁଁ ଗ୍ରାମବାସୀ ନିଜ ପିଲାଙ୍କୁ ପାଠ ପଢାଇବାକୁ ଇଚ୍ଛୁକ ଥିଲେ ବି ନିରାଶା ଅନୁଭବ କରୁଛନ୍ତି । ଏଠାରେ ଅଙ୍ଗନବାଡି କର୍ମୀ ନିଯୁକ୍ତି ହୋଇଥିବା ବେଳେ ସେ ନିଜ ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଉଛନ୍ତି ସତ, କିନ୍ତୁ ଘର ବାରଣ୍ଡାରେ ପିଲାଙ୍କୁ ପଢାଇବା ଓ ସୁଷମ ଖାଦ୍ୟ ପ୍ରଦାନ କରିବାରେ ନାନା ସମସ୍ୟା ଭୋଗୁଥିବା ଦେଖିବାକୁ ମିଳିଛି । ତେବେ ଅଞ୍ଚଳରେ ଏକ ଅଙ୍ଗନବାଡି ଗୃହ ନିର୍ମାଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଥିବା ବେଳେ ଏନେଇ ଆମେ କୋରୁକୋଣ୍ଡା ସିଡିପିଓ ରେଖାରାଣୀ ବାରିକଙ୍କୁ ଯୋଗାଯୋଗ କରିବାରୁ ସେ ପ୍ରକାଶ କରିଛନ୍ତି ଯେ, କେଉଁ କାରଣରୁ ଅଙ୍ଗନବାଡ଼ି ଘର ନିର୍ମାଣ ହୋଇନି ଓ ପ୍ରକୃତ ସମସ୍ୟା କଣ ତାହାର ତଦାରଖ କରି ପଦକ୍ଷେପ ନେବେ ।



# ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ

ପୁରୁଷୋତ୍ତମପୁର(ଏନ୍.ଏମ୍.): ଗଂଜାମ ଜିଲ୍ଲା ପୁରୁଷୋତ୍ତମପୁର-ସ୍ଥାନୀୟ ହିନ୍ଦୀ ପ୍ରଚାର ସଭା ଠାରେ ଗଂଜାମ ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ସଂଘର ୧୭ତମ ବାର୍ଷିକ ଉତ୍ସବ ସଭାପତି ପ୍ରଫୁଲ୍ଲ କୁମାର ରଥଙ୍କ ସଭାପତିତ୍ୱରେ ପାଳନ




କରାଯାଇଛି । ଏହି ସମ୍ମିଳନୀରେ ବିଭିନ୍ନ ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ଯଥା କୋଦାଳ,ବ୍ରହ୍ମପୁର, ପୋଲସରା ଓ କବିସୂର୍ଯ୍ୟନଗର ଅଂଚଳରୁ ଆସିଥିବା ଅନେକ ଅବସର ପ୍ରାପ୍ତ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ । ସଭାରେ ମୁଖ୍ୟ ଅତିଥି ଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷ କୃଷ୍ଣ ଚନ୍ଦ୍ର ପଣ୍ଡା,ମୁଖ୍ୟ ବକ୍ତା ଭାବେ ବରିଷ୍ଠ ନାଗରିକ ସଂଘର ରାଜ୍ୟ ସମ୍ପାଦକ ଶ୍ୟାମସୁନ୍ଦର ଖାଡ଼ଙ୍ଗା ଏବଂ ସମ୍ମାନିତ ଅତିଥି ଭାବେ ପୁରୁଷୋତ୍ତମପୁର ପଞ୍ଚାୟତ ସମିତି ଅଧକ୍ଷା ପିଙ୍କି ବେହେରା ଓ ବରିଷ୍ଠ ନାଗରିକ ସଂଘର ଜିଲ୍ଲା ସଭାପତି ଦୀପକ କୁମାର ସାହୁ ମଞ୍ଚାସୀନ ଥିଲେ । ମୁଖ୍ୟ ବକ୍ତା ଶ୍ୟାମସୁନ୍ଦର ଖାଡ଼ଙ୍ଗା ସଂଘର ମୂଳ ଉଦ୍ଦେଶ୍ୟ ଉପରେ ଆଲୋକପାତ କରି କହିଥିଲେ ଯେ ଅବସରପ୍ରାପ୍ତ କର୍ମଚାରୀମାନଙ୍କର ଅଧିକାର ସୁରକ୍ଷା,ସାମାଜିକ ସୁରକ୍ଷା ଏବଂ ସମ୍ମାନଜନକ ଜୀବନ ନିଶ୍ଚିତ କରିବା ଏହି ସଂଘର ପ୍ରମୁଖ ଲକ୍ଷ୍ୟ । ପେନ୍ସନ,ସ୍ୱାସ୍ଥ୍ୟ ସୁବିଧା,ସରକାରୀ ଯୋଜନା ସହ ଜଡିତ ବିଭିନ୍ନ ସମସ୍ୟା ବିଷୟରେ ସଦସ୍ୟମାନଙ୍କୁ ସଚେତନ କରି ସେଗୁଡିକୁ ପ୍ରଶାସନ ସମ୍ମୁଖରେ ଉପସ୍ଥାପନ କରାଯାଉଛି ବୋଲି ସେ କହିଥିଲେ । ଜିଲ୍ଲା ସଭାପତି ପ୍ରଦୀପ କୁମାର ସାହୁ କହିଥିଲେ ଯେ ସଂଘ ମାଧ୍ୟମରେ ବରିଷ୍ଠ ନାଗରିକମାନେ ପରସ୍ପର ସହଯୋଗ,ଅନୁଭବ ବିନିମୟ ଓ ସାମାଜିକ ସଂପୃକ୍ତତା ଲାଭ କରି ମାନସିକ ଓ ସାମାଜିକ ଭାବେ ନିଜକୁ ସକ୍ରିୟ ରଖୁଛନ୍ତି । ଏହି ଉତ୍ସବରେ ସ୍ଥାନୀୟ ସଂଘର ଉପସଭାପତି ଏ.ରାଜୁ ଗୋପାଳ ରାଓ, ସମ୍ପାଦକ ହରିହର ପଣ୍ଡା, ସହ ସମ୍ପାଦକ ମୋତିରାମ ଦାଶ, କୋଷାଧକ୍ଷ ମନମୋହନ ତ୍ରିପାଠୀ ସହିତ ପୂର୍ବତନ ସଭାପତି ଜଟେଶ୍ୱର ମହାପାତ୍ର,ରାମଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ବର୍ତ୍ତମାନ ସଂଘରେ ୧୬୦ରୁ ଅଧିକ ସକ୍ରିୟ ସଦସ୍ୟ ରହିଛନ୍ତି । ବରିଷ୍ଠ ନାଗରିକ ମାନେ ଏକତ୍ରିତ ହୋଇ ଏହି ସୁନ୍ଦର ପୋଗ୍ରାମ କରିଥିବାରୁ ଜନସାଧାରଣ ଆନନ୍ଦରେ ବିମୋହିତ ହୋଇଥିଲେ ।

# ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ପ୍ରଶିକ୍ଷଣ

## ଏପ୍ରିଲ ୧୬ରୁ ମେ ୧୫ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ଗୃହତାଲିକା ଓ ଗୃହ ଗଣନା କାର୍ଯ୍ୟହେବ ଆରମ୍ଭ

ବାରିପଦା(ଏନ୍.ଏମ୍.): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକଙ୍କ ଅଧକ୍ଷତାରେ ୨୦୨୭ ଜନଗଣନା ପାଇଁ ଜିଲ୍ଲା ସ୍ତରୀୟ ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବାରିପଦା ଉପଜିଲ୍ଲାପାଳ ଡ଼ ଦୟାସିନ୍ଧୁ ପରିଡା, କପ୍ତିପଦା ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ଭୁବନେଶ୍ୱର ଜନଗଣନା ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ଦାସ, ପରିସଂଖ୍ୟାନ ଅନୁସନ୍ଧାନକାରି ମୋହନ ଚନ୍ଦ୍ର ପୁରୁଧୁଲ ଓ ତନ୍ମୟ ଗୁପ୍ତା ଯୋଗ ଦେଇଥିଲେ । ଏହି ଅବସରରେ ସହକାରୀ ନିର୍ଦ୍ଦେଶକ ଶ୍ରୀ ଦାସ କହିଥିଲେ ଯେ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ପ୍ରତ୍ୟେକ ୧୦ ବର୍ଷରେ ଦେଶରେ ଜନଗଣନା କରାଯାଇଥାଏ । ଶେଷ ଥର ପାଇଁ ଏହା ୨୦୧୧ ମସିହାରେ ଅନୁଷ୍ଠିତ ହୋଇଥିଲା । ମହାମାରୀ କୋଭିଡ ପାଇଁ ୨୦୨୧ ମସିହାରେ ଜନଗଣନା ହୋଇ ପାରିନଥିଲା ଯାହାକି ୨୦୨୭ ମସିହାରେ ହେବାକୁ ଯାଉଛି । ଜନଗଣନା ମୁଖ୍ୟତଃ ୨ଟି ପର୍ଯ୍ୟାୟରେ ହେବ । ପ୍ରଥମ ପର୍ଯ୍ୟାୟରେ ଜନଗଣନା ହେବା ପୂର୍ବରୁ ଏହାର ପ୍ରଥମ ଉପକ୍ରମ ଭାବେ ଏକ ବର୍ଷ ପୂର୍ବରୁ ଗୃହ ଜନଗଣନା କାର୍ଯ୍ୟ ହେବ ଯାହାକି ଚଳିତ ବର୍ଷ ୧୬ ଏପ୍ରିଲ ରୁ ମେ ମାସ ୧୫ ତାରିଖ ପର୍ଯ୍ୟନ୍ତ ୩୦ ଦିନ ମଧ୍ୟରେ ହେବ ଏହି କ୍ରମରେ ଗୃହ ତାଲିକା ଓ ଗୃହ ଗଣନା ହେବ । ଜଣେ ନାଗରିକ ଚାହିଁଲେ ସେନସସ ପୋର୍ଟାଲରେ ରେ ଲଗଇନ କରି ନିଜ ତଥ୍ୟ ଅପଲୋଡ଼ କରି




ଆମ୍ ଗଣନା କରିପାରିବେ । ଜଣେ ସଚେତନ ନାଗରିକ ହିସାବରେ ନିଜର ସମସ୍ତ ତଥ୍ୟ ସଠିକ ଓ ସ୍ୱଚ୍ଛ ଭାବେ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ ।ଏହି ଆମ୍ ଗଣନା ସୁବିଧା ପୋର୍ଟାଲରେ ଚଳିତ ବର୍ଷ ଏପ୍ରିଲ ୧ତାରିଖ ରୁ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ହେବ । ଏହା ପରଠାରୁ ନିୟୋଜିତ ହୋଇଥିବା ଅଧିକାରୀଙ୍କ ଦ୍ୱାରା ମୋବାଇଲ ଆପ ଜରିଆରେ ଘରକୁ ଘର ଯାଇ ତଥ୍ୟ ଅଣାଯିବ ।

ସେହିପରି ଦ୍ୱିତୀୟ ପର୍ଯ୍ୟାୟ ରେ ଆସନ୍ତା ୨୦୨୭ ମସିହା ଫେବୃଆରୀ ୯ ତାରିଖ ରୁ ୨୮ ତାରିଖ ପର୍ଯ୍ୟନ୍ତ ଜନଗଣନା ହେବ ଏବଂ ୧ ମାର୍ଚ୍ଚ ରୁ ୫ ମାର୍ଚ୍ଚ ପର୍ଯ୍ୟନ୍ତ ସଂଶୋଧନ ରାଉଣ୍ଡ ଅନୁଷ୍ଠିତ ହେବ । ମାତ୍ର ବର୍ତ୍ତମାନ ପାଇଁ ଗୃହ ଗଣନା ପରିପ୍ରେକ୍ଷୀରେ ମୁଖ୍ୟ କାର୍ଯ୍ୟ ହେଉଛି ଗୃହତାଲିକା ବ୍ଲକ ପ୍ରସ୍ତୁତି । ଏହି କାର୍ଯ୍ୟ ପାଇଁ ୭୦୦ ରୁ ୮୦୦ ଜନସଂଖ୍ୟା ବିଶିଷ୍ଟ କିମ୍ବା ୧୫୦ ରୁ ୧୮୦ ଗୃହଥିବା ଗ୍ରାମ କୁ ଗୋଟିଏ ଗୃହତାଲିକା ବ୍ଲକ ଭାବେ ନେଇ ପ୍ରତ୍ୟେକ ୬ଟି ଗୃହତାଲିକା ବ୍ଲକ କୁ ନେଇ ଗୋଟିଏ ସାର୍କଲ ପ୍ରସ୍ତୁତ ହେବ । ଜଣେ ସୁପରଭାଇଜର ଅଧୀନରେ ୬ ଜଣ ଗଣନାକାରି ରହିବେ । ଗୃହଗଣନା କାର୍ଯ୍ୟରେ ଯଦି କିଛି ପ୍ରତିବନ୍ଧକ ଦେଖାଦେବ ତେବେ ଚାର୍ଜ ଅଫିସର ସ୍ଥାନୀୟ ଅଂଚଳରେ ଆର ଆଇ, ଅମିନ, କାଉନସିଲର ମାନଙ୍କ ସହାୟତା ନେଇ ଏହାର ସମାଧାନ କରିବେ । ଗୃହ ତାଲିକା ବ୍ଲକ ପ୍ରସ୍ତୁତ ସମୟରେ ଅପହଞ୍ଚ ଓ ଦୁର୍ଗମ ଅଂଚଳ ପ୍ରତି ମଧ୍ୟ ଧ୍ୟାନ ଦିଆଯିବ । ଏହାର ସୁପରିଚାଳନ ପାଇଁ ପିରାମିଡ଼ ଆଧାରରେ ଜାତୀୟ ପ୍ରଶିକ୍ଷକ, ମାଷ୍ଟର ପ୍ରଶିକ୍ଷକ, କ୍ଷେତ୍ର ପ୍ରଶିକ୍ଷକ, ଗଣନାକାରି ଓ ସୁପରଭାଇଜର ନିୟୋଜିତ କରାଯିବା ବ୍ୟବସ୍ଥା ରହିଛି ।

ଆଗାମୀ ଦିନରେ ମାଷ୍ଟର ଟ୍ରେନରମାନଙ୍କ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ପରେ ଜିଲ୍ଲା ସ୍ତରୀୟ ନିୟୋଜିତ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ତାଙ୍କ କାର୍ଯ୍ୟ ସମ୍ବନ୍ଧୀୟ ପର୍ଯ୍ୟାୟ କ୍ରମେ ତାଲିମ ଦିଆଯିବ । ଜିଲ୍ଲାର ବରିଷ୍ଠ ଅଧିକାରୀ ମାନଙ୍କୁ ମାଷ୍ଟର ଟ୍ରେନର ଭାବେ, ତହସିଲ ଓ ସହରାଞ୍ଚଳ ସ୍ତରୀୟ ଅଧିକାରୀ ମାନଙ୍କୁ କ୍ଷେତ୍ରୀୟ ଟ୍ରେନର ଭାବେ ଏବଂ ପ୍ରାଥମିକ ସ୍କୁଲ ଶିକ୍ଷକ ମାନଙ୍କୁ ଗଣନାକାରି ଓ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ମାନଙ୍କୁ ସୁପରଭାଇଜର ଭାବେ ନିୟୋଜିତ କରାଯିବ ବୋଲି କହିଥିଲେ । ତତ ସହିତ ଏହି ଜନଗଣନା କାର୍ଯ୍ୟର ସବୁଠାରୁ ଗୁରତ୍ୱପୂର୍ଣ୍ଣ ବିଷୟ ହେଉଛି ଏହାର ସମସ୍ତ ପ୍ରକ୍ରିୟା ନିର୍ଦ୍ଧାରିତ ସମୟ ରେଖା ଏବଂ ସମୟ ଅବଧି ମଧ୍ୟରେ ସମ୍ପୂର୍ଣ୍ଣ ହେବ । ଏଥର ଦେଶରେ ପ୍ରଥମ କରି ଡିଜିଟାଲ ଗଣନା ହେଉଥିବାରୁ ବୈଷୟିକ ଜ୍ଞାନ କୌଶଳକୁ ବିଶେଷ ଗୁରୁତ୍ୱ ଦିଆଯାଇଛି । ଏହି ଗଣନା କେବଳ ବ୍ୟକ୍ତିବିଶେଷଙ୍କ ଗଣନା ନୁହେଁ ବରଂ ପ୍ରତ୍ୟେକ ପରିବାରର ଆର୍ଥିକ, ସାମାଜିକ ଅବସ୍ଥାର ପୂର୍ଣ୍ଣ ବିବରଣୀ ରହିବ । ସମସ୍ତେ ଯେପରି ନିଜର ସଠିକ ତଥ୍ୟ ପ୍ରଦାନ କରିବେ ସେଥିପାଇଁ ସଚେତନତା କରିବା ପାଇଁ ପରାମର୍ଶ ଦେଇଥିଲେ ।

ତେଣୁ ସମସ୍ତ ଅଧିକାରୀ ନିଜ ନିଜ ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ କରିବା ନେଇ ଆଶା ପ୍ରକଟ କରିଥିଲେ ଏବଂ ଏଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଆଜିର କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଅତିରିକ୍ତ ତହସିଲଦାର, ଅତିରିକ୍ତ ଉପଜିଲ୍ଲାପାଳ, ପୌରପାଳିକା ଓ ବିଜ୍ଞାପିତ ଅଂଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜନଗଣନା କାର୍ଯ୍ୟରେ ସଂଶ୍ଳିଷ୍ଟ ସହକାରୀ କର୍ମଚାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ସାଧାରଣ ଓ ବିବିଧ ବିଭାଗର ସହକାରୀ ଜିଲ୍ଲାପାଳ ମାନସୀ ତରାଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ମାଲକାନଗିରି ଜିଲ୍ଲାରେ ଆରମ୍ଭ ହେଲା ସନ୍ତରଣ ପ୍ରଶିକ୍ଷଣ ଶିବିର



ମାଲକାନଗିରି(ଏନ୍.ଏମ୍.): ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ଆନୁକୂଲ୍ୟରେ ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ବଣ୍ଡା ବାକୁଲି ବନ୍ଧ ଠାରେ ସନ୍ତରଣ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଯାଇଛି । ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଦୀପ୍ତି ରଞ୍ଜନ ସାହୁ ଉପସ୍ଥିତ ଥିଲେ । ପାଣିରେ ବୁଡ଼ି କୌଣସି ପ୍ରାଣହାନି ଜନିତ ଦୁର୍ଘଟଣାକୁ ଏଡ଼ାଇବା ନିମନ୍ତେ ରାଜ୍ୟ ସରକାରଙ୍କ ଏହି ପ୍ରୟାସ ଯୁବପିଢୀଙ୍କ ପାଇଁ ଉପଯୋଗୀ ହେବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଏହି ଚତୁର୍ଥ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିରରେ ୩୦ ଜଣିଆ ଅଂଶ ଗ୍ରହଣକାରୀଙ୍କୁ ଓଡରାଫ୍ ଟିମ୍ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବ । ଜରୁରୀକାଳୀନ ବିଭାଗ ବରିଷ୍ଠ ରାଜସ୍ୱ ସହାୟକ କୁନା ନାୟକ ଏହି କାର୍ଯ୍ୟକ୍ରମ ଆୟୋଜନ କରିବାରେ ସହଯୋଗ କରିଥିଲେ ।

# ବିଭିନ୍ନ ଦାବି ନେଇ ଦକ୍ଷିଣାଞ୍ଚଳ ଆରଡିସିଙ୍କୁ ସ୍ମାରକ ପତ୍ର



ବ୍ରହ୍ମପୁର(ଏନ୍.ଏମ୍.): ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ଏକ ପ୍ରତିନିଧି ମଣ୍ଡଳୀ ସଭାପତି ସଞ୍ଜୀବ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଆଜି ଦକ୍ଷିଣାଞ୍ଚଳ ରାଜସ୍ୱ ଡିଭିଜନ କମିଶନର ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ସାକ୍ଷାତ କରି ଗଞ୍ଜାମ ଜିଲ୍ଲା ବିଶେଷ କରି ବ୍ରହ୍ମପୁରର ବିକାଶ ଓ ଅଭିବୃଦ୍ଧି ନିମନ୍ତେ ଆବଶ୍ୟକୀୟ ଥିବା ଗମନାଗମନ ଭିତ୍ତିଭୂମି ଯଥା ସଡ଼କ ପଥ, ରେଳ ପଥ, ଆକାଶ ପଥ ଓ ଜଳ ପଥର ବିକାଶ ,କମିଶନରେଟ୍ ପୋଲିସ ଓ ଶିଳ୍ପ ସ୍ଥାପନ ପ୍ରଭୃତି ଅନେକ ପ୍ରସଙ୍ଗରେ ସକାରାତ୍ମକ ପରିବେଶ ମଧ୍ୟରେ ଦୀର୍ଘ ଏକ ଘଣ୍ଟା କାଳ ଖୋଲା ଆଲୋଚନା ଓ ବିଚାର ବିମର୍ଶ କରିଥିଲେ । ଏହା ସହ କମିଶନରେଟ୍ ପୋଲିସ ଏବଂ ରେଳୱେ ଭିତ୍ତିଭୂମି ବିକାଶ ସମ୍ବନ୍ଧୀୟ ସମୁଦାୟ ଚାରୋଟି ଦାବି ପତ୍ର ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା । ଆଲୋଚନା ସମୟରେ ବ୍ରହ୍ମପୁରରେ ପୂର୍ଣ୍ଣାଙ୍ଗ ଗ୍ରୀନ ଫିଲ୍ଡ ବିମାନ ବନ୍ଦର ସ୍ଥାପନ ପ୍ରସଙ୍ଗ ସ୍ଥାନ ପାଇଥିଲା ଆଜିର ପ୍ରତିନିଧି ମଣ୍ଡଳୀରେ ସଭାପତିଙ୍କ ବ୍ୟତୀତ ଉପ ସଭାପତି ଦେବୀ ପ୍ରସାଦ ଦାସ,କାର୍ଯ୍ୟାଳୟ ସମ୍ପାଦକ ଦିଗାମ୍ବର ସାମନ୍ତରାୟ, ସଂଯୋଜକ ସି ଏଚ ରାମ କ୍ରିଷ୍ଣା ଦାସ, ଉପଦେଷ୍ଟା କାଳିନ୍ଦୀ ଚରଣ ନାୟକ ଓ ଗୌରୀ ପ୍ରସାଦ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକର୍ତ୍ତା ସାମିଲ ଥିଲେ ।

## ଟେଣ୍ଡର ସରେଣ୍ଡର ପାଇଁ ଆଣ୍ଟି ସୋସିଆଲଙ୍କ ଧମକ

# ପରଦା ପଛରେ ଗୋଟି ଚଳାଉଛନ୍ତି କାଉନସିଲରଙ୍କ ସ୍ୱାମୀ

କେନ୍ଦ୍ରାପଡ଼ା(ଏନ୍.ଏମ୍.): କେନ୍ଦ୍ରାପଡ଼ାରେ ଆଉ ନାହାଁନ୍ତି ହାଇଦର କି ସୁଲେମାନ କି ଟିଟୋ । କାରଣ ହାଇଦର ଓ ସୁଲେମାନଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଟିଟୋ କେନ୍ଦ୍ରାପଡ଼ାରେ ରହୁନାହିଁ । ହେଲେ ଏମାନଙ୍କ ଅନୁପସ୍ଥିତିରେ କେତେକ ଅସାମାଜିକ ଗୋଷ୍ଠୀ ଏବେ ମୁଣ୍ଡ ଟେକିଛନ୍ତି । ଏହି ଅସାମାଜିକ ଗୋଷ୍ଠୀଙ୍କୁ ଖୋରାକ ଯୋଗାଉଛନ୍ତି ଜଣେ କାଉନସିଲରଙ୍କ ସ୍ୱାମୀ । ସେ ଅସାମାଜିକଙ୍କୁ ଲଗାଇ ଠିକାଦାରମାନଙ୍କୁ ଧମକ ଦେଉଛନ୍ତି । କେନ୍ଦ୍ରାପଡ଼ା ପୌରପାଳିକାଙ୍କ ଉଦ୍ୟମକ୍ରମେ ଟେଣ୍ଡର ପ୍ରକ୍ରିୟା ସ୍ୱଚ୍ଛ ହୋଇଛି । ଏଥିରେ ପୂର୍ବରୁ ଯେଉଁ ସରକାରୀ ଗଫୁଲତି (୧୪.୯୯ ପତିଶତ ଲେସରେ କାମ କରିବା) ରହିଥିଲା ସେ ଗଫୁଲତିକୁ ହଟାଇ ସ୍ୱଚ୍ଛ ଉପାୟରେ କେନ୍ଦ୍ରାପଡ଼ାର ବିକାଶ ରଥକୁ ଆଗେଇ ନେବା ପାଇଁ ଠିକାଦାର ସଂଘ ନେତା ସନ୍ତୋଷ ସେଠୀ ଦାବି କରିବା ପରେ ତାହାର ପ୍ରଭାବ ପୌରପାଳିକାରେ ପଡିଛି । ଫଳରେ ଏଣିକି ଭଲ କାମ ହେବ ଓ ଯାହା ଏଷ୍ଟିମେସନ ହେବ ସେଥିରେ କାମ ହେବ । ଏ ନେଇ ପୌରପାଳ ଠିକାଦାରମାନଙ୍କୁ ରୋକଠୋକ କହି ଦେଇଛନ୍ତି । ଏହାଦ୍ୱାରା ଠିକାଦାରମାନେ ଖୁସି ଓ ଜନତା ମଧ୍ୟ ଖୁସି । କାରଣ ୧୪.୯୯ ପ୍ରତିଶତ ଲେସରେ କେହି ଟେଣ୍ଡର ନେବେ ନାହିଁ କି ନିମ୍ନମାନର କାମ କରିବେ ନାହିଁ । ଏହାଦ୍ୱାରା ଜିଲାରେ ବିକାଶ ରଥ ସ୍ୱଚ୍ଛ ରଥ ଭାବେ ଗଡ଼ିବ । ଫଳରେ କେନ୍ଦ୍ରାପଡ଼ା ଜିଲା ଅନ୍ୟ ଜିଲା ପାଇଁ ରୋଲ ମଡେଲ ହେବ । ହେଲେ ଏହି ସ୍ୱଚ୍ଛ ପରିସ୍ଥିତିକୁ ଗୋଳିଆ କରିବା ପାଇଁ ଜଣେ କାଉନସିଲରଙ୍କ ସ୍ୱାମୀ ଯୋଜନା କରିଛନ୍ତି । ସେ କେତେକ ଆମାଜିକ ବ୍ୟକ୍ତିଙ୍କୁ ହାତ କରି ଠିକାଦାରମାନଙ୍କୁ ଧମକ ଦେଉଛନ୍ତି । କେନ୍ଦ୍ରାପଡ଼ା ପୌରପାଳିକା ନିକଟ ବାଇପାସ ରୋଡକୁ ଆସି ଜଣେ ଅସାମାଜିକ ବ୍ୟକ୍ତି ଠିକାଦାରଙ୍କୁ ଧମକ ଦେଇ ଗଲେ ଯେ ଟେଣ୍ଡର ସରେଣ୍ଡର ନ କଲେ ଉଡେଇ ଦେବି । ହେଲେ ସେହିଠାରେ ଜଣେ ସାମ୍ବାଦିକ ଉକ୍ତ ଧମକକୁ ଶୁଣିଥିଲେ । ତେଣୁ ଏହି ଧମକ ଏବେ ପବନ ବେଗରେ ଚାରିଆଡେ ବ୍ୟାପି ଯାଇଛି । ଏହି ଖବର ଟାଉନ୍ ଥାନା ଅଧିକାରୀ ଓ ଏସ୍ପିଙ୍କ ନିକଟରେ ପହଞ୍ଚି ସାରିଛି । ତେଣୁ ଏସ୍ପି ଟାଉନ୍ ଥାନା ଇନ୍ସପେକ୍ଟରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସଂପୃକ୍ତ ଅସାମାଜିକ ବ୍ୟକ୍ତିଙ୍କୁ ଧରି ପାନେ ଦେବାପାଇଁ । ଟାଉନ୍ ଥାନାଧିକାରୀ ଜାଲ ବିଛାଇଛନ୍ତି ସଂପୃକ୍ତ ଅସାମାଜିକ ବ୍ୟକ୍ତିଙ୍କୁ ରାତି ଅଧିଆ ଉଠାଇବା ପାଇଁ । ଏସ୍ପିଙ୍କ ନିର୍ଦ୍ଦେଶରେ ଏବେ ଏକ କୋବ୍ରା ବାହିନୀ ଗଠନ ହୋଇଛି । ଏହି କୋବ୍ରା ବାହିନୀ ସଂପୃକ୍ତ ଅସାମାଜିକ ବ୍ୟକ୍ତି ଓ କାଉନସିଲରଙ୍କ ସ୍ୱାମୀଙ୍କୁ ଖୋଜୁଛି । ଏହି ଅସାମାଜିକ ବ୍ୟକ୍ତି ଜଣକ କିଏ ତାହା ପୁଲିସ ଜାଣି ସାରିଛି । ସେହିପରି ଅସାମାଜିକଙ୍କୁ କେଉଁ କାଉନସିଲରଙ୍କ ସ୍ୱାମୀ ବ୍ୟବହାର କରି ଟଙ୍କା ରୋଜଗାର କରିବାକୁ ଚାହୁଁଛି ଯାହା ଫଳରେ ଠିକାଦାରଙ୍କୁ ଧମକ ଆସୁଛି ତାହା ମଧ୍ୟ ପୁଲିସ ଜାଣି ସାରିଛି । କେବଳ ବାକି ରହିଛି ସଂପୃକ୍ତ କାଉନସିଲରଙ୍କ ସ୍ୱାମୀ ଓ ଆସାମାଜିକ ବ୍ୟକ୍ତି ମାନେ କେଉଁଦିନ ବାରିମୂଳ ଆଶ୍ରମରେ କିଛି ଦିନ ରେଷ୍ଟ ନେବେ ।

# ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ପିଲେ କହିଲେ ‘ଆସ ପଢିବା, ବଢିବା ଆଉ ଶ୍ରେଷ୍ଠ ହେବା

ଚନ୍ଦ୍ରପୁର(ଏନ୍.ଏମ୍.): ରାୟଗଡା ଜିଲ୍ଲା ଚନ୍ଦ୍ରପୁର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷ କେଶବ ବେହେରା ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥିଭାବେ ଚନ୍ଦ୍ରପୁର ବ୍ଲକ୍ ଅଧକ୍ଷ କୟୀନ କିମ୍ବାକା ମୁଖ୍ୟବକ୍ତା ଚନ୍ଦ୍ରପୁର ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ ଗଣେଶ ଶବର, ଅତିରିକ୍ତ ଶିକ୍ଷା ଅଧିକାରୀ ଉମାକାନ୍ତ ମିଶାଲ, ସୀଙ୍ଗାନା ତାଡ଼ିଙ୍ଗି, ସିଆରସିସି ରଜନୀକାନ୍ତ ବଳିୟାରସିଂ, ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ଲିମା, ଜଗଦୀଶ ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟା ଦୀପିକା ଦଳେଇ, ଚନ୍ଦ୍ରପୁର ପଞ୍ଚାୟତ ସରପଞ୍ଚ ରଞ୍ଜିତା ବ୍ରେକେବେଡ଼ା, କୈଳାସ ବିଶୋଇ, ହାଡ଼ିପା ଗୌଡ, ପ୍ରମୁଖ ଉପସ୍ଥିତ ରହି ଶୁଭାରମ୍ଭ କରିଥିଲେ । ଅଧକ୍ଷ ବିଦ୍ୟାଳୟ ବାର୍ଷିକ ବିବରଣୀ ପାଠ କରିବା ସହିତ ବିଦ୍ୟାଳୟର ଅନ୍ୟାନ୍ୟ ଆବଶ୍ୟକତାକୁ ବିଭାଗୀୟ ଅଧିକାରୀ ଓ ଉପସ୍ଥିତ ଜନପ୍ରତିନିଧି ମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ପରେ ବ୍ଲକ ଅଧକ୍ଷ ଶ୍ରୀ କୀମ୍ବାକା ବିଦ୍ୟାଳୟର ଆବଶ୍ୟକତା ଓ ଶିକ୍ଷକ ଅଭାବ ବିଷୟ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଶୀଘ୍ର ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଆଜିର ସାଂସ୍କୃତିକ କାର୍ଯ୍ୟକ୍ରମର ବିଭିନ୍ନ ଲୋକନୃତ୍ୟ, ଆଧୁନିକ, ଓଡିଶୀ ନୃତ୍ୟ, ସଙ୍ଗୀତ, ନାଟକ ପରିବେଷଣରେ ଭାଗନେଇ କୃତିତ୍ୱ ହାସଲ କରିଥିବା ପ୍ରତିଭାମାନଙ୍କୁ ଏବଂ ପୂର୍ବରୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା । ପରେ ଛାତ୍ର ଛାତ୍ରୀମାନଙ୍କୁ ସମ୍ବୋଧିତ ସେମାନଙ୍କ ଅଭିଭାଷଣରେ ‘ଆସ ପଢିବା, ବଢିବା ଆଉ ଶ୍ରେଷ୍ଠ ହେବା ବୋଲି କହିଥିଲେ । ସେହିପରି ଅନ୍ୟ ସମ୍ମାନିତ ଅତିଥିମାନେ ଜୀବନରେ ଲକ୍ଷ ପ୍ରାପ୍ତି କରିବାକୁ ହେଲେ ସ୍ୱପ୍ନ ଦେଖ, ସ୍ୱପ୍ନକୁ ଚାରିତାର୍ଥ କରିବାକୁ ହେଲେ କଠିନ ପରିଶ୍ରମ କର ଆଉ ଆଗକୁ ଆଗକୁ ବଢ଼ ବୋଲି ବିଦ୍ୟାର୍ଥୀ ମାନଙ୍କ ଆଖିରେ ଅନେକ ସ୍ୱପ୍ନ ଭରିଥିଲେ । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ମନମୋହନ ମଲ୍ଲିକ ମଞ୍ଚ ପରିଚାଳନା କରିଥଲେ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଶ୍ରୀ ମଣ୍ଡଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।






# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ଶିକ୍ଷାର ଉଦ୍ଦେଶ୍ୟ ପିଲାଙ୍କ ...

ପୂର୍ବରୁ ଆରମ୍ଭ କରାଯାଇଥିଲା । ଏକ ସମୃଦ୍ଧ ଓଡ଼ିଶା ଏହାର ଜିଲ୍ଲାଗୁଡ଼ିକର ସମୃଦ୍ଧି ମାଧ୍ୟମରେ ଗଡ଼ି ଉଠିବ । ଶିଳ୍ପ ଅଭିବୃଦ୍ଧି ଏବଂ ଡିଜିଟାଲ୍ ଶକ୍ତି ଏକ ବିକଶିତ ଭାରତ ଆଡ଼କୁ ଆମର ଯାତ୍ରାର ପ୍ରମୁଖ ବାହକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଠିକ୍ ସେହିପରି ଯାଜପୁର/ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଯାଜପୁର ଜିଲ୍ଲା ବ୍ୟାସନଗରସ୍ଥିତ ପିଏମ୍ ଶ୍ରୀ ହାଇସ୍କୁଲ ଏନ.ସି ସରକାରୀ ଉଚ୍ଚ ବିଦ୍ୟାଳୟର ୮୦ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ ପ୍ଲାଟିନମ୍ ଜୁବୁଲି ସମାରୋହରେ ଯୋଗ ଦେଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ବିଦ୍ୟାଳୟର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ଯାହା ସବୁ ଆବଶ୍ୟକତା ଅଛି ସେ ସମସ୍ତ ଏକ ବ୍ୟବସ୍ଥିତ ଯୋଜନା ମାଧ୍ୟମରେ ପୂରଣ କରାଯିବ । କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ଏହି ଉତ୍ସବକୁ ଐତିହାସିକ ବୋଲି କହିଥିଲେ । ୧୯୪୫ ମସିହାରେ ପ୍ରତିଷ୍ଠା ହେବା ପରଠାରୁ ଏହି ବିଦ୍ୟାଳୟ ଦାୟିତ୍ୱବାନ ନାଗରିକଙ୍କ ପିଢ଼ି ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଏବଂ ଯାଜପୁର ଜିଲ୍ଲାରେ ଶିକ୍ଷାର ଏକ ଦୃଢ଼ ସ୍ତମ୍ଭ ହୋଇଛି ।

ଆତ୍ମବିଶ୍ୱାସ ହେଉଛି ସଫଳତାର ଚାବିକାଠି ବୋଲି ସେ ମତବ୍ୟକ୍ତ କରି ଛାତ୍ରଛାତ୍ରୀମାନଙ୍କୁ ବଡ଼ ସ୍ୱପ୍ନ ଦେଖିବା ଏବଂ 'କର୍ତ୍ତବ୍ୟ, ସମର୍ପଣ ଏବଂ ନିଷ୍ଠା'କୁ ଜୀବନ ଦର୍ଶନ ଭାବରେ ଭାବରେ ଗ୍ରହଣ କରିବାକୁ ସେ ଛାତ୍ର ଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇଥିଲେ । ମାଟ୍ରିକ୍ ପରୀକ୍ଷା ପାଖେଇ ଆସୁଥିବାରୁ, ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ତାଙ୍କର ଶୁଭେଚ୍ଛା ଜଣାଇଲେ ଏବଂ ଚାପ ବଦଳରେ ଧୈର୍ଯ୍ୟର ସହିତ ପ୍ରସ୍ତୁତି କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପରୀକ୍ଷା ପେ ଚର୍ଚ୍ଚା'ରେ ପରାମର୍ଶ ଦେଇଥିଲେ । ସେ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ ଯେ ସଫଳତା ପାଇଁ ନିରନ୍ତର ପ୍ରୟାସ ଆବଶ୍ୟକ ଏବଂ ବିଫଳତାକୁ ସଫଳତା ପାଇଁ ଏକ ପାହାଚ ଭାବରେ ବିବେଚନା କରାଯିବା ଉଚିତ । ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଥିଲେ ଯେ ରାଜ୍ୟ ସର୍ବାଧିକ ବଜେଟ୍ ବ୍ୟୟବରାଦ ସହିତ ଶିକ୍ଷାକୁ ପ୍ରାଥମିକତା ଦେଇଛି ।

## ରାଜ୍ୟସଭା ଚତୁର୍ଥ ଆସନକୁ ନେଇ ଶାସକ ...

ଭୋଟ କଂଗ୍ରେସ ପାଖରେ ରହିବ ବୋଲି ପିସିସି ସଭାପତି କହିଛନ୍ତି । ବିଜେପି ରାଜ୍ୟସଭାରେ ଘୋଡା ବେପାର କରିବ ବୋଲି ପିସିସି ସଭାପତିଙ୍କ ଅଭିଯୋଗର ଦୃଢ ଜବାବ ଦେଇଛି ବିଜେପି । ବିଜେପି ବିଧାୟକ ଅଶୋକ ମହାନ୍ତି କହିଛନ୍ତି, କଂଗ୍ରେସ ନିଜ ଦଳର ଘୋଡାଙ୍କୁ ଆଗ ଜଗୁ । ରାଜ୍ୟସଭାର ଚତୁର୍ଥ ଆସନ କାହାର ହେବ ? ସସପେନ୍ସ ଜାରି ରହିଥିବା ବେଳେ ୩ ପ୍ରମୁଖ ରାଜନୈତିକ ଦଳ ମିଶାଣ ଫେଡାଣ କରୁଛନ୍ତି । ଏପ୍ରିଲ ମାସରେ ଓଡିଶାର ୪ଟି ଆସନ ଖାଲି ପଡୁଥିବାରୁ ୨ଟି ଆସନରେ ବିଜେପି ଓ ଗୋଟିଏ ଆସନ ବିଜେଡି ହାତେଇବା ନିଶ୍ଚିତ । ଚତୁର୍ଥ ଆସନ ପାଇଁ ବିଜେଡି କିଙ୍ଗ ମେକର ସାଜିବ । ବରିଷ୍ଠ ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି ସମୟ ଆସିଲେ ଦଳ ନିଷ୍ପତ୍ତି ନେବ ।

## ଭାରତ ଆମେରିକା ବାଣିଜ୍ୟ ...

କରିଛନ୍ତି । ଆଜି ଅମିତ୍ ଶାହ କହିଛନ୍ତି ଯେ ଆମେରିକା ସହିତ ବାଣିଜ୍ୟ ଚୁକ୍ତିନାମାରେ ଚାଷୀ ଏବଂ ମତ୍ସ୍ୟଜୀବୀଙ୍କ ସ୍ୱାର୍ଥକୁ ସମ୍ପୂର୍ଣ୍ଣ ସୁରକ୍ଷିତ ରଖାଯାଇଛି । ଠିକ୍ ସେହିପରି ଆମେରିକା ଏବଂ ଭାରତ ମଧ୍ୟରେ ହୋଇଥିବା ବାଣିଜ୍ୟ ଚୁକ୍ତିନାମାକୁ ନେଇ ସାରା ଦେଶରୁ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । କେନ୍ଦ୍ର ସରକାର ଏହାକୁ ଭାରତର ଏକ ବଡ଼ ବିଜୟ ଭାବରେ ଉପସ୍ଥାପନ କରୁଥିବାବେଳେ ବିରୋଧୀ ଏହାକୁ ଭାରତର ପରାଜୟ ଏବଂ ଆମେରିକାର ବିଜୟ ଭାବରେ ବର୍ଣ୍ଣନା କରୁଛନ୍ତି । ଏହି ସମୟରେ, କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ଏହି ବାଣିଜ୍ୟ ଚୁକ୍ତିନାମା ସମ୍ପର୍କରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ଅଭିଯୋଗ ଉପରେ ପ୍ରତି ଆକ୍ରମଣ କରିଛନ୍ତି । ସେ କହିଛନ୍ତି ଯେ ସେ ବୁଝିପାରୁ ନାହାଁନ୍ତି ଯେ ଏତେ ଅଜଣା ବ୍ୟକ୍ତି ବିରୋଧୀ ଦଳର ନେତା କିପରି ହେଲେ । ଗୋୟଲ ଅଭିଯୋଗ କରିଛନ୍ତି ଯେ ରାହୁଲ ଗାନ୍ଧୀ ଅର୍ଥନୀତିକୁ ନ ବୁଝି ଭୁଲ ବୟାନ ଦିଅନ୍ତି । କଂଗ୍ରେସ ଦଳ ବୁଝେ ନାହିଁ ଯେ ଅର୍ଥନୀତିକୁ ବୁଝି ନଥିବା ଜଣେ ବ୍ୟକ୍ତି ସତ୍ୟଠାରୁ ହଜାର ହଜାର ମାଇଲ ଦୂରରେ ।

## ଲମ୍ବା ଅବଧି ପ୍ରସଙ୍ଗ ...

ବିଜେଡି ବିଧାୟକ ଗୌତମ ବୁଦ୍ଧ ଦାସ କହିଛନ୍ତି । ଆସନ୍ତା ୧୬ ତାରିଖ ଅପରାହ୍ନରେ ଶଙ୍ଖ ଭବନରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଜେଡି ବିଧାୟକ ଦଳ ବୈଠକ ବସି ରଣନୀତି ପ୍ରସ୍ତୁତ କରାଯିବ ।

କଂଗ୍ରେସ ମଧ୍ୟ ବିଜେପି ସରକାରକୁ ଘେରିବାକୁ ସଜବାଜ ଆରମ୍ଭ କରିଛି । ୧୬ ତାରିଖରେ ବସିବ କଂଗ୍ରେସ ବିଧାୟକ ଦଳ ବୈଠକ । ଓଡିଶା ଜନମାନସର ଯେଉଁ ସମସ୍ୟା ରହିଛି, ତାହାକୁ ସରକାର ଅଣଦେଖା କରୁଛନ୍ତି । ସେହି ସବୁ ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରାଯିବ ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି । ଚାଷୀମାନଙ୍କ ସମସ୍ୟାକୁ ନେଇ ଆଗାମୀ ଦିନରେ ଜୋରଦାର ଲଢେଇ କରିବ କଂଗ୍ରେସ । ବିଜେପି କହିଛି, ବିଧାନସଭାରେ ବିରୋଧୀ ଯେଉଁ ପ୍ରସଙ୍ଗ ଉଠାଇବେ ଦଳ ସେ ସବୁର ଉତ୍ତର ଦେବାକୁ ପ୍ରସ୍ତୁତ ଅଛି ।

## ଓଡ଼ିଶା ହସ୍ତତନ୍ତ ଓ ହସ୍ତଶିଳ୍ପର ...

ଜୀବନ-ଜୀବିକାକୁ ଅଧିକ ସଶକ୍ତ କରିବା ପାଇଁ ଆମ ସରକାର ସମର୍ପିତ ଭାବେ କାର୍ଯ୍ୟ କରୁଛନ୍ତି । ଏହି ଅବସରରେ ୧୨ ଜଣ ହସ୍ତଶିଳ୍ପୀଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା । ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ସହିତ ସିଏସଆଇଆର-ଆଇଏମଏମଟି ଭୁବନେଶ୍ୱର ଓ ଆଇଆଇପି-ମୁମ୍ବାଇ ମଧ୍ୟରେ ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ସେହିପରି ହସ୍ତତନ୍ତ ଓ ବୟନ ଶିଳ୍ପ ନିର୍ଦ୍ଦେଶାଳୟ ଏବଂ ଆଇସିଏଆର୍-ନେସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ନାଚୁରାଲ୍ ଫାଇବର୍ ଇଂଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ଏବଂ ଓୟୁଟିଆଁ, ଭୁବନେଶ୍ୱର ମଧ୍ୟରେ ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ହସ୍ତଶିଳ୍ପ ନିର୍ଦ୍ଦେଶକ ଡକ୍ଟର ନିବେଦିତା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ସ୍ୱାବଲମ୍ବୀ ଅଭିଯାନର କ୍ଷେତ୍ରୀୟ ସଂଯୋଜକ ପ୍ରମୁଖ ସାରଦା ଶତପଥି, ପ୍ରସିଦ୍ଧ ବାଦ୍ୟ ଶିଳ୍ପୀ ପଦ୍ମଶ୍ରୀ ଶରତ କୁମାର ପାତ୍ର, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଅତିରିକ୍ତ ଶାସନ ସଚିବ ପ୍ରତାପ ଚନ୍ଦ୍ର ହୋତା, ହସ୍ତତନ୍ତ ଓ ବୟନ ଶିଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଆଜିଠାରୁ ଆରମ୍ଭ ଏହି ମେଳା ଫେବ୍ରୁଆରି ୨୬ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଚଳିତବର୍ଷ ୯୦୫ ଗୋଟି ଷ୍ଟଲ ଖୋଲିଥିବା ବେଳେ ୨୦ଟି ରାଜ୍ୟର ବୁଣାକାର ଓ କାରିଗର ଅଂଶଗ୍ରହଣ କରିଛନ୍ତି ।

# ପାହାଡ଼ରୁ ଖସିଲା ପଥର, ୨ ଗୁରୁତର



ବାରିପଦା(ଏନ୍.ଏମ୍.): ମୟୂରଭଞ୍ଜ ଜିଲ୍ଲା ଜାତୀୟ ରାଜପଥ ୪୯ ଦ୍ୱାରଶୁଣୀ ଘାଟି ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ଚାଲିଛି ଅସାବଧାନତା ଓ ଅସୁରକ୍ଷିତ ଭାବେ ।ଘାଟି ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ୧୩୫ ଶହ କୋଟି ଟଙ୍କାର ଚାଲିଥିବା ବେଳେ ଏହାକୁ କାର୍ଯ୍ୟ ସଂପାଦନ କରୁଛି ଗୁଜରାଟ ର ଏକ କମ୍ପାନୀ । କିନ୍ତୁ କମ୍ପାନୀ ବେଫିକର ଭାବେ ରାସ୍ତା ସାରା ଡାଷ୍ଟ ସହିତ ରାସ୍ତା ସାରା ପଥର ବିଛେଇ ହୋଇ ପଡିଛି ।ଏପରିକି କାର୍ଯ୍ୟ ଚାଲିଥିବା ବହୁ ସମୟରେ ପଥର ପାହାଡ଼ରୁ ଖସୁଥିବା ମଧ୍ୟ ନଜରକୁ ଆସିଛି । ଶନିବାର ରାସ୍ତା ପ୍ରସସ୍ଥିକରଣ କାର୍ଯ୍ୟ ଚାଲିଥିବା ବେଳେ ଦୁଇ ଜଣ ବାବା ଘାଟି ରାସ୍ତା ରେ ମଟର ସାଇକେଲ ରେ ଯାଉଥିବା ବେଳେ ତାଙ୍କ ଉପରେ ପଡିଛି ବିରାଟକାୟ ପଥର । ଅଳ୍ପକେ ବର୍ତ୍ତି ଯାଇଛନ୍ତି ମଟରସାଇକେଲ ରେ ଯାଉଥିବା ଦୁଇ ବାବା ।ପଥରଟି ତାଙ୍କ ନିକଟକୁ ରେ ପଡିଥିବା ବେଳେ ଜଣେ ବାବାଙ୍କ ଗୋଡ ଭାଙ୍ଗି ଯାଇଥିବା ବେଳେ ଆଉ ଜଣଙ୍କ ପାଦ ପାପୁଲି ଛିନଛତର ହୋଇ ଯାଇଛି । ଅଳ୍ପକେ ବର୍ତ୍ତି ଯାଇଛନ୍ତି ଦୁଇ ବାବା ।ଏ ଘଟଣା ଦ୍ୱାରଶୁଣୀ ଘାଟି ମାଁ ଙ୍କ ସମ୍ମୁଖ ପାହାଡ ଉପରେ ଜେସିବି କାର୍ଯ୍ୟ କରୁଥିବା ବେଳେ ତଳକୁ ଖସି ପଡିଛି ପଥର। କିନ୍ତୁ କାର୍ଯ୍ୟ କରୁଥିବା ସମୟରେ ନଥିଲେ କମ୍ପାନୀ ର ଷ୍ଟାଫ ।ଫଳରେ ଏତେବଡ଼ ଏକ ଦୁର୍ଘଟଣା ଘଟିଗଲା ।ଘଟଣା ରୁ ଜଣାପଡ଼େ ଦୁଇ ବାବା ଚମ୍ପତ ଜଗନ୍ନାଥ ବୋର୍ଡ ର ଏକ ମଟରସାଇକେଲ ରେ ବାରିପଦା ରୁ ସଡେଇକଳା ଯାଉଥିବା ସମୟରେ ଘାଟିରେ ଘଟି ଯାଇଛି ଦୁର୍ଘଟଣା। ପୋଲିସ ଘଟଣା ସ୍ଥଳରେ ପହଁଚି ଦୁଇ ବାବା ଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପଠାଇବା ସହିତ ରାସ୍ତା ରୁ କ୍ରେନ ସାହାଯ୍ୟରେ ପଥର ହଟାଇଛି ।ଦୁଇ ବାବାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଦୁହିଁଙ୍କୁ



ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ୍ କଲେଜକୁ ଅଧିକ ଚିକିତ୍ସା ପାଇଁ ପଠାଇ ଦେଇଛନ୍ତି ।ଏପରି ଆଗକୁ ଯେପରି କୌଣସି ଦୁର୍ଘଟଣା ନ ଘଟେ ସେଥିପ୍ରତି କମ୍ପାନୀ ଓ ପ୍ରଶାସନ ଦୁହେଁ ସଚେତନତା ରହିବା ଦରକାର ବୋଲି ସାଧାରଣ ଜନତା କହିଛନ୍ତି ।

## ଯୁବକଙ୍କୁ ମାଡମାରି ବିଲ ମଝିରେ ପୋତିଦେବାକୁ ଉଦ୍ୟମ

# ଥାନାରେ ଏତେଲା, ଖୋଲା ଆକାଶତଳେ ବୁଲୁଛନ୍ତି ଅଭିଯୁକ୍ତ






ଯାଜପୁର ଟାଉନ(ଏଜେନ୍ସି) : ସୂଚନା ମୁତାବକ ଯାଜପୁର ବ୍ଲକ୍ ବଡ଼ସୁଆର ପଞ୍ଚାୟତର ଜନ୍ମେଞ୍ଜୟ ଦାସ ଓ ତାଙ୍କ ଭାଇ ଦିପ୍ତୀଞ୍ଜୟ ଦାସ ସଦର ବରୁହାଁ ଥାନାରେ ଆଣିଛନ୍ତି ଏମିତି ଏକ ସାଂଘାତିକ ଅଭିଯୋଗ । ଅଭିଯୋଗକାରୀଙ୍କ କହିବା ଅନୁଯାୟୀ ତିନିଜଣ ସାଙ୍ଗ ତାଙ୍କୁ ଘରୁ ସନ୍ଧ୍ୟାବେଳେ ଡାକିନେଇ ଖଟି କରିବାକୁ ନେଇଯାଇଥିଲେ । ସେମାନଙ୍କ ମଧ୍ୟରୁ ସାନସୁଆର ପଞ୍ଚାୟତର ତରତୋଠା, ଇଚ୍ଛାପୁର ଅଞ୍ଚଳର ଟିପା ନାୟକଙ୍କ ନାବାଳକ ପୁଅ, କାହ୍ନୁ ନାୟକ(୧୭), ଉକ୍ତ ପଞ୍ଚାୟତର ମୁଦୁଲିସାହିର ଦୁଃଶାସନ ମୁଦୁଲିଙ୍କ ପୁଅ ସୁବାସ ମୁଦୁଲି(୩୦) ଓ ଛତିଶଦେବିଲ ପଞ୍ଚାୟତ, ଠିଆର ଦେବିଲ ଅଞ୍ଚଳର ଗୋବିନ୍ଦ ପରିଡ଼ାଙ୍କ ପୁଅ ଲିପୁ ପରିଡ଼ା, ଜନ୍ମେଞ୍ଜୟଙ୍କୁ ଠିଆର ଦେବିଲ ଅଞ୍ଚଳର ଏକ ଠିପି ବନ୍ଦ ମଦ ଦୋକାନ ନିକଟକୁ ଡାକିନେଇ ମଦ୍ୟପାନ କରିଥିଲେ । ନିଶାଶକ୍ତ ଅବସ୍ଥାରେ ପୂର୍ବ ଶତ୍ରୁତାକୁ ନେଇ ବଚସା ବଢିଥିବାବେଳେ ଜନ୍ମେଞ୍ଜୟଙ୍କୁ ୩ ଜଣ ସାଙ୍ଗମାନେ ମଦଦୋକାନ ଠାରୁ ୧୦୦ ମିଟର ଦୂରକୁ ଅର୍ଥାତ ବିଲ ମଝିକୁ ଟାଣି ଟାଣି ନେଇଯାଇଥିଲେ । ସମସ୍ତେ ମିଶି ନିର୍ଦ୍ଧୁମ ମାଡ଼ ମାରିଥିଲେ ଏବଂ ମୁଣ୍ଡରେ ଏକ ବିଅର ବୋତଲ ବାଡ଼େଇ ଭାଙ୍ଗିବା ପରେ ବିଧା, ଚାପୁଡ଼ା ମାରି ତଳେ ଘୋଷାଡି ମାରିଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜୀବନ ବଞ୍ଚାଇବାକୁ ଜନ୍ମେଞ୍ଜୟ ନିକଟସ୍ଥ କିଆଁବୁଦା ଭିତରକୁ ପଶିଯାଇଥିଲେ ମଧ୍ୟ ପୁନର୍ବାର ଘୋଷାଡି ଆଣି ଉଲଗ୍ନ କରି ମାଡ଼ ମାରିବାରୁ ସେ ନିଷ୍କ୍ରିୟ ହୋଇଯାଇଥିଲେ । ତାଙ୍କ ଛାତିରେ କାନ ଡେରି ମୃତ କି ଜୀବିତ ଜାଣିବାକୁ ଚେଷ୍ଟା କରିଥିଲେ । ଜନ୍ମେଞ୍ଜୟଙ୍କ ମୁହଁରେ ତିନିଜଣ ଯାକ ପରିସ୍ରା କରିବା ସହ ତାଙ୍କ ମଳଦ୍ୱାରରେ ଜ୍ୱଳନ୍ତ ସିଗାରେଟ ଭର୍ତ୍ତି କରିବାକୁ ଉଦ୍ୟମ କରିଥିଲେ ।ଚାଷ କ୍ଷେତରେ ଥିବା କୋଦାଳ ଆଣି ତାଙ୍କୁ ପୋତିବାକୁ ଉଦ୍ୟମ କରୁଥିବା ସମୟରେ ଜନ୍ମେଞ୍ଜୟଙ୍କ ବଡ଼ ଭାଇ (ଦିପ୍ତୀଞ୍ଜୟ ଦାସ) ବାଇକ ଯୋଗେ ଆସୁଥିବାର ଗାଡି ଲାଇଟ ଦେଖି

- ମଳଦ୍ୱାରରେ ଜ୍ୱଳନ୍ତା ସିଗାରେଟ ପୂରାଇ ଦେବାକୁ ଧମକ
- ରକ୍ତ ଜୁଡୁବୁଡୁ ଅବସ୍ଥାରେ ବିଲକୁ ଫୋପାଡ଼ି ଦେଇ ତିନି ସାଙ୍ଗ ଫେରାର

ଅଭିଯୁକ୍ତ ତିନିଜଣ ସାଙ୍ଗ ସାଥିରେ ଆଣିଥିବା ଦୁଇଟି ବାଇକରେ ବସି ଦୀପ୍ତିଞ୍ଜୟଙ୍କୁ ବିପରୀତ ଦିଗରୁ ଅତିକ୍ରମ କରିଯାଇଥିଲେ । ସୂଚନାଯୋଗ୍ୟ ଯେ ଆକ୍ରମଣ ସମୟରେ ଜନ୍ମେଞ୍ଜୟ ତାଆର ସାଙ୍ଗ ଲିପୁ ପରିଡାଙ୍କୁ ଫୋନ ଯୋଗେ ଘଟଣା ବିଷୟରେ ସବୁ କହିସାରିଥିଲେ ଏବଂ ପରେ ତାଙ୍କ ଫୋନ ଛଡାଇ ଏଭଳି କାଣ୍ଡ ଭିଆଇଥିଲେ ସାଙ୍ଗମାନେ । ଲିପୁ ସାଙ୍ଗେ ସାଙ୍ଗେ ଦୀପ୍ତିଞ୍ଜୟଙ୍କୁ ଫୋନ ଯୋଗେ ଜଣାଇବାରୁ ଫୋନ କଲ ପାଇ ବଡ଼ଭାଇ ଆସୁଥିବାର ଦେଖି ବାଇକରେ ଫେରାର ହୋଇଥିଲେ ଦୁର୍ବୃତ୍ତ । ରକ୍ତ ଜୁଡୁବୁଡୁ ଉଲଗ୍ନ ଆଉ ଗୁରୁତର ଅବସ୍ଥାରେ ସାନ ଭାଇଙ୍କୁ ଧରି ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇ ସଦର ବରୁହାଁ ଥାନାରେ ଉକ୍ତ ସାଂଘାତିକ ଅଭିଯୋଗ ଆଣିଥିଲେ ବଡ ଭାଇ । ଥାନାରେ ଗତ ଫେବୃଆରୀ ୧୦ ତାରିଖରୁ ଏତାଲା ଦିଆଯାଇଥିଲେ ହେଁ ପୋଲିସ୍ ମାତ୍ର କେସ ନମ୍ବର ୦୦୫୧ ଅନୁଯାୟୀ ଏକ ମାମଲା ରୁଜୁକରି ଚୁପ ବସିଥିବା ଜଣାପଡିଛି । ଗୋଟେପଟେ ପୋଲିସ୍‌ର ଅପାରଗତା ସ୍ପଷ୍ଟ ବାରି ହେଉଥିବା ବେଳେ ନ୍ୟାୟ ପାଇଁ ଅଡ଼ି ବସିଛନ୍ତି ପରିବାର ଲୋକେ ।ଅଭିଯୁକ୍ତ ତିନିଜଣ ଖୋଲା ଆକାଶ ତଳେ ଖୁଲମ ଖୁଲା ବୁଲୁଥିବା ସୂଚନା ରହିଥିବା ବେଳେ ଦୋଷୀଙ୍କୁ ଆଇନ ଅନୁଯାୟୀ ଦଣ୍ଡ ଓ ପରିବାର ଲୋକଙ୍କୁ ନ୍ୟାୟ ପାଇଁ ଦାବି ହୋଇଛି ।

## ରୋଚକ ମୋଡ଼ ନେଉଛି ବିଜେପି ସଭାପତି ପଦ




ନୟାଗଡ଼(ଏନ୍.ଏମ୍.): ନୟାଗଡ଼ ବ୍ଲକ ଇଟାମାଟି ଗ୍ରାମରେ ବିଜେପି ଦୁଇ ଫାଳ ଗୋଟିଏ ପଟେ ପୂର୍ବ ତନ ସାଂସଦ ଓ ବର୍ତ୍ତମାନ ବିଜେପି ବିଧାୟୀକା ପାର୍ଥ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ ଅନ୍ୟପଟେ ବହୁଦିନ ଧରି ବିଜେପି ରେ କାର୍ଯ୍ୟ କରି ଆସୁଥିବା ସନ୍ତୋଷ ପ୍ରଧାନ । ଇଟାମାଟି ଗ୍ରାମ ରେ ବିଜେପି କର୍ମୀ ହେଲେଣି ଛନିଆ ପ୍ରକୃତ ରେ କିଏ ଇଟାମାଟି ଗ୍ରାମ ବିଜେପି ସଭାପତି । ଦୁଇ ଦୁଇଟି ସଭାପତି ଚନ୍ଦନ କୁମାର ଦାଶ କୁ ଅନ୍ୟପଟେ ସମୀର ପୃଷ୍ଟି କାହାକୁ ବାଛିବେ ପ୍ରକୃତ ସଭାପତି ସେପଟେ ଜେତିକି ପାଖେଇ ଆସୁଛି ପଞ୍ଚାୟତ ନିର୍ବାଚନ ରୋଚକ ମୋଡ଼ ନେଉଛି ରାଜନୈତିକ ମଧ୍ୟରେ ଗୋଷ୍ଠୀ କନ୍ଦଳ । ଗୋଟିଏ ପଟେ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ ଥିବାବେଳେ ଅନ୍ୟପଟେ ସନ୍ତୋଷ ପ୍ରଧାନ ଏହି ଦୁହିଁଙ୍କ ମଧ୍ୟରେ ରାଜନୈତିକ କଳହରେ ଫାଇଦା ନେଇଜିବ ବିଜେଡ଼ି ସନ୍ତୋଷ ଙ୍କ ଅଭିଯୋଗ ବହୁତ ବର୍ଷ ଧରି ବିଜେପି ରେ କାର୍ଯ୍ୟ କରି ଆସିଛି ମିଳିଛି କଣ୍ କିନ୍ତୁ ମୁଁ ବିଜେପି ରେ ଅଛି ରହିଛି ରହିବି । ସେପଟେ ଜାଗର ପାଇଁ ପୋଷ୍ଟର ମରା ଜାଇଚି ଯେଉଁଥିରେ ପ୍ରଧାନମନ୍ତ୍ରୀ ଙ୍କ ଫୋଟୋ ଠାରୁ ଆରମ୍ଭକରି ମୁଖ୍ୟମନ୍ତ୍ରୀ ରାଜ୍ୟ ସଭାପତି ଏବଂ ଜିଲ୍ଲା ସଭାପତି ଙ୍କ ଫୋଟୋ ଅଛି କିନ୍ତୁ ନାହାଁନ୍ତି ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ ଅଛି ସନ୍ତୋଷ ଙ୍କ ଫୋଟୋ । ଚାହା ଖଟିରେ ଚର୍ଚ୍ଚା ହେଉଛି କିଏ ଆମ ନେତା

## ପ୍ରବାସୀ ଭାରତୀୟଙ୍କୁ ଉଦ୍ଧାର କରିଥିବାରୁ

# ସରକାରଙ୍କୁ କୃତଜ୍ଞତା ଜଣାଇଲେ ସାଂସଦ



ବ୍ରହ୍ମପୁର(ଏନ୍.ଏମ୍.) : ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ, ଉଦ୍ଧାର ହୋଇଥିବା ଶ୍ରମିକଙ୍କ ପାଇଁ ବ୍ରହ୍ମପୁର ପୋଲିସକୁ ପ୍ରଶଂସା କଲେ ଡ଼ଃ. ପାଣିଗ୍ରାହୀ; 'ସୁରକ୍ଷିତ ପ୍ରବାସ ପ୍ରୋଟୋକଲ' ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ ଗଞ୍ଜାମ ଜିଲ୍ଲା ଲକ୍ଷ୍ମୀନାରାୟଣପୁର ଗ୍ରାମର ତିନିଜଣ ପ୍ରବାସୀ ଶ୍ରମିକ ତାମିଲନାଡୁରେ ଚୋରା ଚାଲାଣ ଏବଂ ଶୋଷଣର ଶିକାର ହେବା ଘଟଣାରେ ବ୍ରହ୍ମପୁର ସାଂସଦ ଡ଼ଃ. ପ୍ରଦୀପ କୁମାର ପାଣିଗ୍ରାହୀ ଆଜି ଗଭୀର ଚିନ୍ତା ପ୍ରକଟ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲେଖିଥିବା ଏକ ଆନୁଷ୍ଠାନିକ ପତ୍ରରେ ଡ଼ଃ. ପାଣିଗ୍ରାହୀ ବ୍ରହ୍ମପୁର ପୋଲିସର ସକ୍ରିୟ ଭୂମିକାକୁ ଉଚ୍ଚ ପ୍ରଶଂସା କରିଛନ୍ତି । ସାଂସଦ କହିଛନ୍ତି ଯେ, 'ଏସପି ସର୍ବଣା ବିବେକ ଏମ୍. ଏବଂ ଦିଗପହଣ୍ଡି ପୋଲିସ ଟିମ୍‌ର ସମୟୋଚିତ ପଦକ୍ଷେପ ଯୋଗୁଁ ତାମିଲନାଡୁରେ ବନ୍ଦୀ ଅବସ୍ଥାରେ ଥିବା ଆମ ଯୁବକମାନେ ଉଦ୍ଧାର ହୋଇପାରିଛନ୍ତି, ଯାହା ଆମ ରାଜ୍ୟର ପୋଲିସ ପ୍ରଶାସନର ଦକ୍ଷତାକୁ ପ୍ରମାଣିତ କରୁଛି ।' କେବଳ ତୁରନ୍ତ ଉଦ୍ଧାର ନୁହେଁ, ବରଂ 'ଦାଦନ ସମସ୍ୟା'ର ସ୍ଥାୟୀ ସମାଧାନ ଏବଂ ସଂସ୍କାର ପାଇଁ ଡ଼ଃ. ପାଣିଗ୍ରାହୀ ରାଜ୍ୟ ସରକାରଙ୍କୁ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦେଇଛନ୍ତି :

**ଡିଜିଟାଲ୍ ଟ୍ରାକିଂ:** ପ୍ରବାସୀ ଶ୍ରମିକମାନଙ୍କ ପଞ୍ଜୀକରଣ ପାଇଁ ଏକ ବାଧ୍ୟତାମୂଳକ ରିଅଲ-ଟାଇମ୍ (Real-time) ପୋର୍ଟାଲ୍ ବ୍ୟବସ୍ଥା ।

**ପ୍ରବାସୀ ସୁରକ୍ଷା ବୀମା:** ଓଡ଼ିଶା ବାହାରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ବୀମା ସୁବିଧା ।

**ପଞ୍ଚାୟତ ସଶକ୍ତୀକରଣ:** ଶ୍ରମିକ କଣ୍ଟ୍ରାକ୍ଟରମାନଙ୍କ ଯାଞ୍ଚ ଏବଂ ତଦାରଖ ପାଇଁ ସରପଞ୍ଚମାନଙ୍କୁ ଆଇନଗତ କ୍ଷମତା ପ୍ରଦାନ ।

**ମାନବ ଚୋରା ଚାଲାଣ ବିରୋଧୀ ସେଲ୍:** ବେଆଇନ ନିଯୁକ୍ତିଦାତାଙ୍କୁ ଚିହ୍ନଟ କରିବା ପାଇଁ ରେଳ ଷ୍ଟେସନ ଏବଂ ବସ୍ ଟର୍ମିନାଲଗୁଡିକରେ ସର୍ଭେଲାନ୍ସ ବା ନଜର ରଖିବା ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରିବା । ବ୍ରହ୍ମପୁର ପୋଲିସ ଏକ ପ୍ରଶଂସନୀୟ କାର୍ଯ୍ୟ କରିଛି, କିନ୍ତୁ ପ୍ରତିଟି ଓଡ଼ିଆ ଶ୍ରମିକଙ୍କ ଅଧିକାର ଓ ସମ୍ମାନ ରକ୍ଷା ପାଇଁ ସ୍ଥାନୀୟ ନିଯୁକ୍ତି ସୃଷ୍ଟି କରିବା ଏବଂ ଏକ 'ସୁରକ୍ଷିତ ପ୍ରବାସ ପ୍ରୋଟୋକଲ୍'[illegible] tocol) ପ୍ରଣୟନ କରିବା ହିଁ ଦୀର୍ଘକାଳୀନ ସମାଧାନ ବୋଲି ଡ଼ଃ. ପାଣିଗ୍ରାହୀ ଗୁରୁତ୍ୱାରୋପ କରିଛନ୍ତି ।

## ବିଦ୍ୟାଳୟ ମଧ୍ୟକୁ ପାଚେରୀ ଡେଇଁ ପଶିଲା ଅଜଣା ଯୁବକ

# ଭଙ୍ଗା କାଚ ବୋତଲ ଧରି ଖେଳାଇଲା ଆତଙ୍କ



ମାଲକାନାଗିର(ଏନ୍.ଏମ୍.): ସଦର ସ୍ଥିତ କୁମୁଟିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ଅଜଣା ଯୁବକ ପାଚେରୀ ଡେଇଁ ସ୍କୁଲ ମଧ୍ୟରେ ଅଚାନକ ପ୍ରବେଶ କରିଥିଲେ । ତାଙ୍କ ହାତରେ ଏକ ଭଙ୍ଗା କାଚ ବୋତଲ ରହିଥିଲା । ଯୁବକ ଜଣକ ପଶିବା ମାତ୍ରେ ସ୍କୁଲ ମଧ୍ୟରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଥିଲା । ଦୀର୍ଘ ସମୟ ଧରି ଉକ୍ତ ଅଜଣା ଯୁବକ ଜଣକ ଛାତ୍ର ଛାତ୍ରୀ ଏବଂ ସ୍କୁଲ ଶିକ୍ଷକ ମାନଙ୍କ ଉପରେ ଭଙ୍ଗା କାଚ ବୋତଲ ଧରି ଆଘାତ କରିବାକୁ ଚେଷ୍ଟା କରୁଥିଲା ।ପ୍ରାୟ ଅଧ ଘଣ୍ଟା ଧରି ଏପରି ଚାଲିଥିବା ବେଳେ ଶେଷରେ ଶିକ୍ଷକ ଶ୍ରୀଧର ସାହୁ ନିଜ ଜୀବନକୁ ବାଜି ଲଗାଇ ଉକ୍ତ ଯୁବକ ହାତରୁ ଭଙ୍ଗା କାଚ ବୋତଲ ଛଡାଇ ନେଇଥିଲେ । ଏବଂ ସ୍ଥାନୀୟ ପୋଲିସ କୁ ଫୋନ ଯୋଗେ ଖବର ଦେଇଥିଲେ । ପୋଲିସ ଆସିବା ଶୁଣି ଉକ୍ତ ଯୁବକ ଜଣକ ସେଠାରୁ ଖସି ଦଉଡ଼ି ପଳାଇଥିଲେ । ଉକ୍ତ ଘଟଣା କୁ ନେଇ ସ୍କୁଲ ର ପ୍ରଧାନ ଶିକ୍ଷୟତ୍ରୀ ଲକ୍ଷ୍ମୀରାଣୀକିର୍ତ୍ତନୀୟା ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ନେଇ ସୂଚନା ମିଳିଛି । ପୋଲିସ ଏହି ଘଟଣାକୁ ଗୁରୁତର ସହ ନେଇ ଉକ୍ତ ଅଜଣା ଯୁବକକୁ ଖୋଜାଖୋଜି ଆରମ୍ଭ କରିଥିବା ଜଣାପଡ଼ିଛି ।

# ହୋମଗାର୍ଡକୁ ପିଟି ଦୁଇଭାଇ ଗଲେ ଜେଲ୍

ବାରିପଦା (ଏନ୍.ଏମ୍.):ମୟୁରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଚନ୍ଦନପୁର ଗ୍ରାମ ର ହୋମଗାର୍ଡ ଦୁର୍ଯୋଧନ ବାରିକ ଶୁକ୍ରବାର ରାତି ବଜାର ନିକଟସ୍ଥ କଲିକତା ଛକ ନିକଟ ରେ ରାତ୍ରି ଡିଉଟି କରୁଥିଲେ । ରାତି ରେ ପାଖରେ ଥିବା ଏକ ଏଟିଏମ୍ ନିକଟରେ ଭିଡ ହୋଇଥିବା ରୁ କିଛି ଯୁବକ ଙ୍କୁ ଏଠାରୁ ଯିବା ପାଇଁ କହିଥିଲେ । ଏଥିରେ ଉତକ୍ଷିପ୍ତ ହୋଇ ବୁଡିଖମାରୀ ପଞ୍ଚାୟତ ଉଦାଳି ଗ୍ରାମ ର ସଂପର୍କୀୟ ଦୁଇ ଭାଇ ରତ୍ନାକର ମୁର୍ମୁ (୨୨) ଓ ମକର କରନ (୨୦) ହୋମଗାର୍ଡ ଦୁର୍ଯୋଧନ ବାରିକ ଙ୍କୁ ନିର୍ଦ୍ଧୁମ ପିଟିଥିଲେ । ଖବର ପାଇ ବାଙ୍ଗିରିପୋଷି ଥାନାର ଏସଆଇ ଜ୍ୟୋତିରଞ୍ଜନ ସେଠୀ ସଦଳବଳେ ଘଟଣା ସ୍ଥଳକୁ ଯାଇ ଦୁଇ ଭାଇ ଙ୍କୁ କାବୁ କରିଥିଲେ । ପର ମୁହୂର୍ତ୍ତରେ ହୋମଗାର୍ଡ ଦୁର୍ଯୋଧନ ବାରିକ ଙ୍କ ଲିଖିତ ଅଭିଯୋଗ କ୍ରମେ ଦୁଇ ଭାଇ ଙ୍କ ଡ଼ାକ୍ତରୀ ମାଇନା ପରେ କୋର୍ଟ ଚାଲାଣ ପୋଲିସ କରିଛି । କର୍ତ୍ତବ୍ୟରତ ପୁଲିସ କୁ ଆକ୍ରମଣ କରିଥିବାରୁ ବେଲ ନାମଞ୍ଜୁର ହେବାରୁ ଦୁଇ ଭାଇ ଙ୍କୁ କେଶ ନଂ ୩୭/୨୬ ରୁଜୁ କରି କୋର୍ଟ ଚାଲାଣ ପୋଲିସ କରିଛି ।

# ପ୍ରଶାସନ ନୀରବ ଦ୍ରଷ୍ଟା, ବଢୁଛି ଅସନ୍ତୋଷ



ବାଙ୍ଗିରିପୋଷି(ଏନ୍.ଏମ୍.): ବାଙ୍ଗିରିପୋଷି ବ୍ଲକ୍ ଅଧୀନସ୍ଥ ଅସନା ଘାଟରୁ ଦିନକୁ ଦିନ ବଢୁଥିବା ଚୋରା ବାଲି ଚାଲାଣ ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି । ସ୍ଥାନୀୟ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘଦିନ ଧରି ଏଠାରୁ ଅନୁମତି ବିନା ବହୁ ପରିମାଣରେ ବାଲି ଉତ୍ତୋଳନ କରାଯାଉଛି । ପ୍ରାୟ ପ୍ରତିରାତି ଓ ପ୍ରଭାତ ବେଳେ ଟ୍ରାକ୍ଟର, ଡମ୍ପର ଓ ହାଇଭା ଯାନ ଯୋଗେ ବାଲି ଚାଲାଣ ହେଉଥିବା ଦୃଶ୍ୟ ସାଧାରଣ ଘଟଣା ହୋଇପଡ଼ିଛି । ସ୍ଥାନୀୟମାନେ କହିଛନ୍ତି ଯେ, କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କ ଆଶୀର୍ବାଦରେ ବାଲି ମାଫିଆମାନେ ନିର୍ଭୟରେ ଏହି ଅବୈଧ କାରବାର କରୁଛନ୍ତି । ଏହାର ଫଳରେ ସରକାରଙ୍କ ରାଜସ୍ୱରେ ଲକ୍ଷାଧିକ ଟଙ୍କାର କ୍ଷତି ହେଉଥିବା ସହ ପରିବେଶ ଉପରେ ଗୁରୁତର ପ୍ରଭାବ ପଡୁଛି । ଅନିୟନ୍ତ୍ରିତ ବାଲି ଉତ୍ତୋଳନରେ ନଦୀ ପଥ ଗଭୀର ହେଉଛି, ପାର୍ଶ୍ୱବର୍ତ୍ତୀ ଚାଷ ଜମି ଧସିଯାଉଛି ଓ ଭବିଷ୍ୟତରେ ବନ୍ୟା ଆଶଙ୍କା ବୃଦ୍ଧି ପାଇପାରେ ବୋଲି ପରିବେଶବିଦ୍ମାନେ ସତର୍କ କରିଛନ୍ତି । ଏତେ ସବୁ ଘଟଣା ସତ୍ତ୍ୱେ ଥାନା ଓ ତହସିଲ ପକ୍ଷରୁ କୌଣସି କଡ଼ା ପଦକ୍ଷେପ ଗ୍ରହଣ ହେଉନଥିବାରୁ ପ୍ରଶାସନର ଭୂମିକା ଉପରେ ପ୍ରଶ୍ନ ଉଠିଛି । ସ୍ଥାନୀୟ ଲୋକମାନେ ପ୍ରଶ୍ନ କରୁଛନ୍ତି ଯଦି ଅବୈଧ ଉତ୍ତୋଳନ ସମ୍ପର୍କରେ ସବୁଠୁ ଜଣାଶୁଣା, ତେବେ କାହିଁକି ଚୁପ୍ପି ସାଧାଯାଉଛି ? କିଏ ଦେଉଛି ଏହି ଅବୈଧ କାରବାରକୁ ରକ୍ଷା ? ଗ୍ରାମବାସୀମାନେ ଦାବି କରିଛନ୍ତି ଯେ, ତୁରନ୍ତ ଯୁକ୍ତ ଚଢ଼ାଉ କରି ଅବୈଧ ବାଲି ଚାଲାଣକୁ ରୋକାଯାଉ ଓ ଦୋଷୀମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେଉ । ନହେଲେ ଆଗାମୀ ଦିନରେ ଜନଆନ୍ଦୋଳନ ଆରମ୍ଭ କରିବାକୁ ସେମାନେ ଚେତାବନୀ ଦେଇଛନ୍ତି । ଏବେ ଦେଖିବାକୁ ରହିଗଲା, ପ୍ରଶାସନ ଏହି ଗୁରୁତର ଅଭିଯୋଗକୁ କେତେ ଗୁରୁତ୍ୱ ଦେଉଛି ଓ କେବେ ପଦକ୍ଷେପ ନେଉଛି । ଯଦି ସମୟରେ ରୋକ ନ ଲଗାଯାଏ, ତେବେ ଅସନା ଘାଟ ଏକ ବଡ଼ ପରିବେଶୀୟ ସଙ୍କଟର ସମ୍ମୁଖୀନ ହେବା ନିଶ୍ଚିତ ।




# ଆଇସିସିର ବଡ଼ ଘୋଷଣା \ ଶ୍ରେଷ୍ଠ ଖେଳାଳି ଭାବେ ବୈଭବ ସୂର୍ଯ୍ୟବଂଶୀ ସାମିଲ

ନୂଆଦିଲ୍ଲୀ (ଏଜେନ୍ସି): ଆଇସିସି ପୁରୁଷ ୧୯ ବର୍ଷରୁ କମ ବିଶ୍ୱକପ ୨୦୨୬ରେ ଟିମ ଇଣ୍ଡିଆର ଐତିହାସିକ ବିଜୟର ନାୟକ ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛନ୍ତି। ଇଂଲଣ୍ଡ ବିପକ୍ଷରେ ଫାଇନାଲରେ ମାତ୍ର ୮୦ ବଲ୍‌ରେ ତାଙ୍କର ବିସ୍ଫୋରକ ୧୭୫ ରନର ଇନିଂସକୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବରେ ବିବେଚିତ କରାଯାଇଥିଲା। ଏହା ପରେ, ବୈଭବଙ୍କୁ ମଧ୍ୟ ଆଇସିସି ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବରେ ମନୋନୀତ କରାଯାଇଛି। ଏହି ଦଳକୁ ଆଇସିସି ଚୟନ ପ୍ୟାନେଲ ଦ୍ୱାରା ଚୟନ କରାଯାଇଥିଲା। ଏଥିରେ ଇଆନ ବିଶପ, ଲିଡିଆ ଗ୍ରୀନୱେ, ଆଣ୍ଡି ଫ୍ଲାୱାର ଏବଂ ଟେଲଫୋର୍ଡ ୱାଇଜ ସାମିଲ ଥିଲେ। ବୈଭବ ସୂର୍ଯ୍ୟବଂଶୀଙ୍କ ବ୍ୟତୀତ, ଅନ୍ୟ ଦୁଇ ଭାରତୀୟ ଖେଳାଳି, କନିଷ୍କ ଚୌହାନ ଏବଂ ହେନିଲ ପଟେଲଙ୍କୁ ମଧ୍ୟ ୧୨ ଜଣିଆ ଦଳରେ ସାମିଲ କରାଯାଇଥିଲା। ଇଂଲଣ୍ଡ ବିପକ୍ଷରେ ଫାଇନାଲରେ ବୈଭବ ସୂର୍ଯ୍ୟବଂଶୀ ୧୭୫ ରନର ଏକ ଚମତ୍କାର ଇନିଂସ ଖେଳିଥିଲେ। ଏହା ସମଗ୍ର ଟୁର୍ନାମେଣ୍ଟର ମୁଖ୍ୟ ଆକର୍ଷଣ ଥିଲା। ବୈଭବଙ୍କ ଚମତ୍କାର ପ୍ରଦର୍ଶନ ପାଇଁ ଟିମ ଇଣ୍ଡିଆ ଟାଇଟଲ ଜିତିଥିଲା। ବୈଭବଙ୍କ ବ୍ୟତୀତ, କନିଷ୍କ ଚୌହାନ ସମଗ୍ର ଟୁର୍ନାମେଣ୍ଟରେ ବ୍ୟାଟ ଏବଂ ବଲ ଉଭୟରେ ଅବଦାନ ରଖିଥିଲେ। ହେନିଲ ପଟେଲ ତାଙ୍କ ଘାତକ ବୋଲିଂ ସହିତ ମୋଟ ୧୧ଟି ଉଇକେଟ ନେଇଥିଲେ, ଏଥିରେ ଆମେରିକା ବିପକ୍ଷରେ ୧୬ ରନ ଦେଇ ୫ଟି ଉଇକେଟ ନେଇଥିଲେ। ଆଇସିସି ୧୯ ବର୍ଷରୁ କମ ବିଶ୍ୱକପ ୨୦୨୬ର ରନର୍ସଅପ ଇଂଲଣ୍ଡର ତିନି ଜଣ ଖେଳାଳିଙ୍କୁ ମଧ୍ୟ ଟୁର୍ନାମେଣ୍ଟର ଶ୍ରେଷ୍ଠ ଏକାଦଶରେ ସାମିଲ କରାଯାଇଛି। ଉଇକେଟକିପର-ବ୍ୟାଟସମ୍ୟାନ ଥମାସ ରିଭଙ୍କୁ ଦଳର ଅଧିନାୟକ ମନୋନୀତ କରାଯାଇଛି। ରିଭ ଟୁର୍ନାମେଣ୍ଟରେ ମୋଟ ୩୩୦ ରନ କରିଥିଲେ। ଇଂଲଣ୍ଡର ମାନି ଲମ୍ସଡେନ, ଯିଏ ଟୁର୍ନାମେଣ୍ଟରେ ସର୍ବାଧିକ ୧୬ ଉଇକେଟ ନେଇଥିଲେ ଏବଂ ବେନ ମାୟେସ, ଯିଏ ୪୪୪ ରନ କରି ସର୍ବାଧିକ ରନ କରିଥିଲେ, ସେମାନେ ମଧ୍ୟ ଏହି ଦଳରେ ସାମିଲ ଅଛନ୍ତି। ଶ୍ରୀଲଙ୍କାର ବୀରନ ଚାମୁଦିଥାଙ୍କୁ ମଧ୍ୟ ଟୁର୍ନାମେଣ୍ଟର ଶ୍ରେଷ୍ଠ ଏକାଦଶ ଦଳରେ ମନୋନୀତ କରାଯାଇଥିଲା। ଚାମୁଦିଥା ଜାପାନ ବିପକ୍ଷରେ ୧୯୨ ରନର ଐତିହାସିକ ଇନିଂସ ଖେଳିଥିଲେ। ଆଫଗାନିସ୍ତାନର ଫୈସଲ ଖାନ ସିନୋଜାଦା ଏବଂ ନୁରିସ୍ତାନି ଓମାରଜାଇ ସେମାନଙ୍କ ଦଳର ସେମିଫାଇନାଲରେ ପହଞ୍ଚିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଫୈସଲ ଆୟରଲାଣ୍ଡ ଏବଂ ଭାରତ ବିପକ୍ଷରେ ଲଗାତାର ଦୁଇଟି ଶତକ ହାସଲ କରିଥିଲେ, ଯେତେବେଳେ ନୁରିସ୍ତାନି ଟୁର୍ନାମେଣ୍ଟରେ ୧୪ ଉଇକେଟ ନେଇଥିଲେ। ଅଷ୍ଟ୍ରେଲିଆର ଅଧିନାୟକ ଅଲିଭର ପିକ ମଧ୍ୟ ଦୁଇଟି ଶତକ ହାସଲ କରିଥିଲେ। ପାକିସ୍ତାନର ଅଲି ରାଜା ଏବଂ ୱେଷ୍ଟଇଣ୍ଡିଜର ବାମହାତୀ ସ୍ପିନର ଭିଟେଲ ଲଜ ମଧ୍ୟ ସେମାନଙ୍କର ବୋଲିଂ ଦ୍ୱାରା ଦୃଷ୍ଟି ଆକର୍ଷଣ କରିଥିଲେ। ଆଇସିସି ୧୯ ବର୍ଷରୁ କମ ବିଶ୍ୱକପ ୨୦୨୬ ଟୁର୍ନାମେଣ୍ଟର ଶ୍ରେଷ୍ଠ ଦଳ: ବୈଭବ ସୂର୍ଯ୍ୟବଂଶୀ (ଭାରତ), ବୀରନ ଚାମୁଦିତା (ଶ୍ରୀଲଙ୍କା), ଫୈସଲ ଖାନ ସିନୋଜାଦା (ଆଫଗାନିସ୍ତାନ), ଥମାସ ରିଭସ (ଉଇକେଟକିପର, ଅଧିନାୟକ – ଇଂଲଣ୍ଡ), ଅଲିଭର ପିକ (ଅଷ୍ଟ୍ରେଲିଆ), ବେନ ମାୟେସ (ଇଂଲଣ୍ଡ), କନିଷ୍କ ଚୌହାନ (ଭାରତ), ନୁରିସ୍ତାନି ଓମାରଜାଇ (ଆଫଗାନିସ୍ତାନ), ଭିଟେଲ ଲଜ (ୱେଷ୍ଟଇଣ୍ଡିଜ), ଅଲି ରାଜା (ପାକିସ୍ତାନ), ମାନି ଲୁମସଡେନ (ଇଂଲଣ୍ଡ) ଏବଂ ହେନିଲ ପଟେଲ (ଭାରତ)।



# ୟୁ-ଟର୍ଣ୍ଣ; ଓହରିବା ପାକିସ୍ତାନର ପୁରୁଣା ଅଭ୍ୟାସ



ନୂଆଦିଲ୍ଲୀ (ଏଜେନ୍ସି) : ପାକିସ୍ତାନର ନିଜ ବୟାନରୁ ଓହରିଯିବାର ଏକ ପୁରୁଣା ଅଭ୍ୟାସ ରହିଛି । ଏହା ପ୍ରଥମ ଥର ନୁହେଁ ଯେ, ପାକିସ୍ତାନ କ୍ରିକେଟ୍ ବୋର୍ଡ (PCB) ଧମକ ଦେଇଛି ଏବଂ ପରେ ଓହରିଯାଇଛି । ଏହି କାରଣରୁ ଅନେକ କ୍ରିକେଟ୍ ବିଶେଷଜ୍ଞ ପାକିସ୍ତାନକୁ ଅହଂକାରୀ ବୋଲି କହିଥାନ୍ତି । ପାକିସ୍ତାନ ଟୁର୍ଣ୍ଣାମେଣ୍ଟ ସମୟରେ ବିବାଦୀୟ ବୟାନ ଦେଇ ପ୍ରାୟତଃ ବିଶ୍ୱକୁ ଆଶ୍ଚର୍ଯ୍ୟ କରିଛି, କିନ୍ତୁ ପରେ ୟୁ-ଟର୍ଣ୍ଣ ନେଇ ପଡ଼ିଆକୁ ଫେରିଥାଏ କିମ୍ବା ସମସ୍ୟାର ସମାଧାନ କରିଥାଏ । ୨୦୨୬ ଟି-୨୦ ବିଶ୍ୱକପ୍ ଖେଳିବନି ବୋଲି କହିବା ପରେ ପାକିସ୍ତାନ ପୁଣି ଥରେ ତାର ମତ ବଦଳାଇ ଫେରିଛି । ଏହାପରେ ପୁଣି ବିଶ୍ୱକପ ଖେଳିବ ହେଲେ ଭାରତ ସହ ମ୍ୟାଚ ଖେଳିବନି ବୋଲି କରିଥିବା ନାଟକ ଶେଷ ହୋଇଛି । ବିନା ସର୍ତ୍ତରେ ଖେଳିବାକୁ ରାଜି ହୋଇଛି । ପାକିସ୍ତାନ ଫେବୃଆରୀ ୧୫ ତାରିଖରେ ଶ୍ରୀଲଙ୍କାର କଲମ୍ବୋରେ ଭାରତ ବିପକ୍ଷରେ ଟି-ଟ୍ୱେଣ୍ଟି ବିଶ୍ୱକପ୍ ଗ୍ରୁପ୍ ମ୍ୟାଚ୍ ବୟକଟ ଘୋଷଣା କରିଥିଲା । ବାଂଲାଦେଶକୁ ସମର୍ଥନ ଏବଂ ସୁରକ୍ଷା/ରାଜନୈତିକ ଉତ୍ତେଜନା ହେତୁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି କହିଥିଲା । ତଥାପି, ଆଇସିସି, ବିସିସିଆଇ ଏବଂ ଶ୍ରୀଲଙ୍କାର ଚାପ ପରେ, ପିସିବି ଏବଂ ପାକିସ୍ତାନ ସରକାର ମ୍ୟାଚ୍ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି, ଅର୍ଥାତ୍ ପାକିସ୍ତାନ ପୁଣି ଥରେ ୩୬୦-ଡିଗ୍ରୀ ୟୁ-ଟର୍ଣ୍ଣ ନେଇଛି । ଏହା ପ୍ରଥମ ଥର ନୁହେଁ ଯେ ପିସିବି ୟୁ-ଟର୍ଣ୍ଣ ନେଇଛି । ପୂର୍ବରୁ ଅନେକ ଥର ଡ୍ରାମା କରିସାରିଛି । ୨୦୨୬ ଟି-୨୦ ବିଶ୍ୱକପ୍ - ପିସିବି ପ୍ରଥମେ ଭାରତ ବିପକ୍ଷ ମ୍ୟାଚ୍ ବର୍ଜନ କରିବାକୁ ଧମକ ଦେଇଥିଲା । ତଥାପି, ଆଇସିସି, ଅନ୍ୟ ବୋର୍ଡ ଏବଂ ସରକାରଙ୍କ ସହିତ ଆଲୋଚନା ପରେ, ଶାହବାଜ ସରକାର ସ୍ପଷ୍ଟ ଭାବରେ କ୍ରିକେଟ୍ ବୋର୍ଡକୁ ମ୍ୟାଚ୍ ଖେଳିବାକୁ କହିଛନ୍ତି । ଏସିଆ କପ୍ ୨୦୨୫- ମ୍ୟାଚ୍ ରେଫରିଙ୍କୁ ହଟାଇବା ପାଇଁ ଦାବି ପୂରଣ ନ ହେଲେ ପିସିବି ଟୁର୍ଣ୍ଣାମେଣ୍ଟ ବର୍ଜନ କରିବାକୁ ଧମକ ଦେଇଥିଲା । କିନ୍ତୁ ଶେଷରେ ପାକିସ୍ତାନ ୟୁଏଇ ବିପକ୍ଷରେ ମ୍ୟାଚ୍ ଖେଳିଲା ଏବଂ ଟୁର୍ଣ୍ଣାମେଣ୍ଟ ଜାରି ରଖିଲା । ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫- ଯେତେବେଳେ ଭାରତ ପାକିସ୍ତାନରେ ମ୍ୟାଚ୍ ଖେଳିବାକୁ ମନା କରିଦେଲା ଏବଂ ମ୍ୟାଚ୍‌ଗୁଡ଼ିକ ୟୁଏଇର ନିରପେକ୍ଷ ସ୍ଥାନରେ ଅନୁଷ୍ଠିତ ହେଲା । ସେତେବେଳେ ପିସିବି ପ୍ରଥମେ କଠୋର ମନୋଭାବ ଗ୍ରହଣ କରିଥିଲା ? ?କିନ୍ତୁ ପରେ ପାକିସ୍ତାନ ଆଇସିସି ବ୍ୟବସ୍ଥାରେ ରାଜି ହୋଇଥିଲା । ୨୦୨୩ ଦିନିକିଆ ବିଶ୍ୱକପ୍- ପୂର୍ବତନ ପିସିବି ମୁଖ୍ୟ ରମିଜ ରାଜା ଏବଂ ଅନ୍ୟାନ୍ୟ ଅଧିକାରୀମାନେ ପ୍ରଥମେ କହିଥିଲେ ଯେ, ଏସିଆ କପ୍ ଆୟୋଜନ କରିବାକୁ ଭାରତ ମନା କରିବା ପରେ ପାକିସ୍ତାନ ବିଶ୍ୱକପ୍ ପାଇଁ ଭାରତ ଯାତ୍ରା କରିବ ନାହିଁ । ମାସ ମାସର ଅନିଶ୍ଚିତତା ଏବଂ ନିରପେକ୍ଷ ସ୍ଥାନ ପାଇଁ ଦାବି ପରେ, ପାକିସ୍ତାନ ସରକାର ଶେଷରେ ଅଗଷ୍ଟ ୬, ୨୦୨୩ରେ ଦଳକୁ ଭାରତରେ ଅଂଶଗ୍ରହଣ କରିବା ପାଇଁ ସରକାରୀ ଅନୁମତି ପ୍ରଦାନ କରିଥିଲେ। ଏଠାରେ ମଧ୍ୟ, ଏକ ଲମ୍ବା ବିବାଦ ପରେ ପାକିସ୍ତାନକୁ ହାର ମାନିବାକୁ ପଡିଥିଲା । ୨୦୨୩ ଏସିଆ କପ୍ ହାଇବ୍ରିଡ୍ ମଡେଲ୍ (ଜୁନ୍ ୨୦୨୩)- ପାକିସ୍ତାନ ପ୍ରଥମେ ଜିଦ୍ ଧରିଥିଲା ଯେ, ଯଦି ଏସିଆ କପ୍ ସମ୍ପୂର୍ଣ୍ଣ ଭାବରେ ଦେଶ ବାହାରେ ଅନୁଷ୍ଠିତ ହୁଏ ତେବେ ଅଂଶଗ୍ରହଣ କରିବ ନାହିଁ । ପରେ, ସେମାନେ ସେମାନଙ୍କର ମତ ପରିବର୍ତ୍ତନ କଲେ ଏବଂ ଏକ 'ହାଇବ୍ରିଡ୍ ମଡେଲ୍' ଗ୍ରହଣ କଲେ, ଯେଉଁଥିଦ୍ୱାରା କେବଳ ୪ଟି ମ୍ୟାଚ୍ ପାକିସ୍ତାନରେ ଖେଳାଯାଇଥିଲା, ଅବଶିଷ୍ଟ (ଫାଇନାଲ ସମେତ) ଶ୍ରୀଲଙ୍କାରେ ଖେଳାଯାଇଥିଲା ।

# ମନୁ ଭାକରଙ୍କୁ ରୌପ୍ୟ : ଏଶାଙ୍କୁ ବ୍ରୋଞ୍ଜ



ନୂଆଦିଲ୍ଲୀ (ଏଜେନ୍ସି) : ଦୁଇଥର ଅଲିମ୍ପିକ୍ ପଦକ ବିଜେତା ମନୁ ଭାକର ଏସୀୟ ସୁଟିଂ ଚାମ୍ପିଅନସିପରେ ସ୍ୱର୍ଣ୍ଣ ପଦକରୁ ବଞ୍ଚିତ ହୋଇଥିଲେ। ମନୁ ୨୫ ମିଟର ପିସ୍ତଲ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଥିଲେ। ଫାଇନାଲରେ ସ୍ୱର୍ଣ୍ଣ ପଦକ ବିଜେତା ନ୍‌ଗୁୟେନ୍ ଥୁୟ ଟ୍ରାଙ୍ଗ ଏବଂ ମନୁ ଉଭୟ ସମାନ ୩୫ ସ୍କୋର କରିଥିଲେ। ଏହାପରେ ଏକ ସୁଟ୍-ଅଫ୍ ଦ୍ୱାରା ବିଜେତା ନିର୍ଣ୍ଣୟ କରାଯାଇଥିଲା ଯେଉଁଥିରେ ଭିଏତନାମର ଖେଳାଳି ବିଜୟୀ ହୋଇଥିଲେ। ମନୁଙ୍କ ବ୍ୟତୀତ ଅନ୍ୟ ଜଣେ ଭାରତୀୟ ବନ୍ଧୁକଚାଳକ ଏଶା ସିଂହଙ୍କୁ ବ୍ରୋଞ୍ଜ ପଦକ ମିଳିଥିଲା। ଫାଇନାଲରେ ପୂର୍ବତନ ଏସୀୟ ଏୟାର ପିସ୍ତଲ ଚାମ୍ପିଅନ୍ ଟ୍ରେଙ୍ଗ, ମନୁ, ଏଶା ଏବଂ ଅଲିମ୍ପିଆନ୍ ରିଦମ ସାଙ୍ଗୱାନ ସମସ୍ତେ ସ୍ୱର୍ଣ୍ଣ ପାଇଁ କଠିନ ସଂଘର୍ଷ କରିଥିଲେ। ପ୍ରଥମ ଶୃଙ୍ଖଳାରେ ଏଶା ପାଞ୍ଚ ପଏଣ୍ଟ ସହ ଆରମ୍ଭ କରିଥିବାବେଳେ ମନୁ ଏବଂ ଟ୍ରେଙ୍ଗ ଚାରି ପଏଣ୍ଟ ଲେଖାଏଁ ହାସଲ କରିଥିଲେ। ପ୍ରତ୍ୟେକ ସିରିଜ୍ ପରେ ପଦକ ଦୌଡ଼ର ପରିସ୍ଥିତି ବଦଳୁଥିଲା କିନ୍ତୁ ଷଷ୍ଠ ସିରିଜରେ ଏକ ସଠିକ୍ ପାଞ୍ଚ ସହିତ ଭିଏତନାମୀ ଦୁଇ ପଏଣ୍ଟ ଅଗ୍ରଣୀ ନେଇଥିଲେ। ମନୁ ଏବଂ ଏଶା ଟ୍ରେଙ୍ଗଙ୍କ ଖରାପ ସପ୍ତମ ସିରିଜର ଫାଇଦା ଉଠାଇଥିଲେ, ଯେଉଁଥିରେ ସେ କେବଳ ଗୋଟିଏ ସଟ୍ ମାରି ବ୍ୟବଧାନକୁ ବନ୍ଦ କରିବାରେ ସଫଳ ହୋଇଥିଲେ। ଅଷ୍ଟମ ଶୃଙ୍ଖଳା ଶେଷରେ ୩୦ ସ୍କୋର ସହ ଅଗ୍ରଣୀ ଥିବା ଇଶା ନବମ ଶୃଙ୍ଖଳାରେ ନିଜର ସମସ୍ତ ସଟ୍ ହରାଇ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଅନ୍ତିମ ଶୃଙ୍ଖଳାରେ ମନୁ ତିନୋଟି ଗୁଳି ଚଳାଇଥିବା ବେଳେ ଟ୍ରେଙ୍ଗ ଦୁଇଟି ଗୁଳି ଚଳାଇ ସେମାନଙ୍କ ମୋଟ ସ୍କୋରକୁ ୩୫ରେ ପହଞ୍ଚାଇଥିଲେ ଏବଂ ଏକ ସୁଟ୍-ଅଫ୍‌କୁ ବାଧ୍ୟ କରିଥିଲେ। ଏଶା, ମନୁ ଏବଂ ରିଦମ ମୋଟ ୧,୭୫୧ ପଏଣ୍ଟ ସହ ଦଳଗତ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଚାଇନିଜ୍ ତାଇପେଇ ୧,୭୩୫ ପଏଣ୍ଟ ସହ ରୌପ୍ୟ ପଦକ ହାସଲ କରିଥିବାବେଳେ ଭିଏତନାମ ୧,୭୨୯ ପଏଣ୍ଟ ସହ ବ୍ରୋଞ୍ଜ ପଦକ ହାସଲ କରିଛି। ଜୁନିୟର ୨୫ ମିଟର ପିସ୍ତଲ ଫାଇନାଲରେ ନାମ୍ୟା କପୁର ଏକ ରୋମାଞ୍ଚକର ସୁଟ୍-ଅଫରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ବିଶ୍ୱ ଚାମ୍ପିଅନସିପ୍ ପଦକ ଜିତିବାରେ ସର୍ବକନିଷ୍ଠ ଭାରତୀୟ ଇଣ୍ଡୋନେସିଆର ରିହାଦାତୁଲ୍ ଆସିୟାଫାଙ୍କୁ ପରାସ୍ତ କରିଥିଲେ। ଅଞ୍ଜଳି ଭାଗବତ ବ୍ରୋଞ୍ଜ ପଦକ ଜିତିଥିଲେ। ଜୁନିୟର ଭାରତୀୟ ଦଳ ମଧ୍ୟ ଏହି ଇଭେଣ୍ଟରେ ଦଳଗତ ସ୍ୱର୍ଣ୍ଣ ଜିତିଥିଲା।

## ବିଶ୍ୱକପ୍ : ପାକିସ୍ତାନ ଚିତ୍‌ପଟାଙ୍ଗ୍; ୬୧ ରନ୍‌ରେ ଭାରତ ବିଜୟୀ

**କଲମ୍ବୋ(ଏଜେନ୍ସି) :** ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଦ୍ୱାରା ପରିଚାଳିତ ଟି୨୦ ବିଶ୍ୱକପ୍ର ୨୭ତମ ମ୍ୟାଚ୍ରେ ପାକିସ୍ତାନକୁ ଭାରତ ଚତ୍‌ପଟାଙ୍ଗ୍ କରିଛି । ଶ୍ରୀଲଙ୍କାର କଲମ୍ବୋସ୍ଥିତ ଆର ପ୍ରେମଦାସା ଷ୍ଟାଡିୟମରେ ଭାରତୀୟ ଖେଳାଳିମାନେ ଦମଦାର ପ୍ରଦର୍ଶନ କରି ପାକିସ୍ତାନକୁ ପରାସ୍ତ କରିଛନ୍ତି । ସୂର୍ଯ୍ୟକୁମାରଙ୍କ ବାହିନୀ ଉଭୟ ବ୍ୟାଟିଂ ଏବଂ ବୋଲିଂରେ ପ୍ରଶଂସନୀୟ ପ୍ରଦର୍ଶନ କରିଛନ୍ତି । ୧୭୬ ରନ୍ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ପାକିସ୍ତାନର ବ୍ୟାଟିଂ ଆରମ୍ଭରୁ ବିପର୍ଯ୍ୟୟ ହୋଇଥିଲା । ପାକିସ୍ତାନ ୧୮ ଓଭରରେ ସମସ୍ତ ୱିକେଟ୍ ହରାଇ ୧୧୪ ରନ୍ କରିବା ସହିତ ୬୧ ରନ୍ରେ ପରାସ୍ତ ହୋଇଛି । ଏହି ମ୍ୟାଚ୍ରେ ଟସ୍ ଜିଣି ପାକିସ୍ତାନ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା । ଫଳରେ ଭାରତ ବ୍ୟାଟିଂ କରିଥିଲା । ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୭ଟି ୱିକେଟ୍ ହରାଇ ୧୭୫ ରନ୍ ସଂଗ୍ରହ କରିଥିଲା ।

ମହା ଶିବରାତ୍ରିରେ ଭାରତର ମହା ବିଜୟ । ଚଳିତ ଟି-୨୦ ବିଶ୍ୱକପରେ ପାକିସ୍ତାନ(ଓଘଡ଼ ଠସ୍ସ ଚବଳ)କୁ ଧୂଳି ଚଟାଇଛି ସୂର୍ଯ୍ୟ କୁମାର ଯାଦବଙ୍କ ଟିମ ଇଣ୍ଡିଆ । ପାକିସ୍ତାନର ଧଜିଆ ଉଡ଼ାଇ ଭାରତୀୟ ଟିମ କେବଳ ମ୍ୟାଚ୍ ଜିତିନାହିଁ, ବରଂ ପ୍ରତି ଭାରତୀୟଙ୍କ ହୃଦୟ ମଧ୍ୟ ଜିତିଛି । ଅନେକ ବାଦ ବିବାଦ ପରେ ଅନୁଷ୍ଠିତ ଏହି ମ୍ୟାଚରେ ଭାରତ ତା'ର ଜଲୱା ଦେଖାଇଛି । ଆମେ ଖେଳିବୁ, ଆମେ ଖେଳିବୁନି କହି ଶେଷ ମୁଣ୍ଡ ନୁଆଁ ଥିବା ପାକିସ୍ତାନ ଏବେ ଭାରତ ଆଗରେ ପୁଣି ଗୋଟିଏ ବିଶ୍ୱକପରେ ମାଟି କାମୁଡ଼ିଛି । କଷ୍ଟ ମଷ୍ଟେ ପାକିସ୍ତାନ ୧୦୦ ରନ କରିବାକୁ ସକ୍ଷମ ହୋଇଛି । ପାକିସ୍ତାନ ପୂରା ୨୦ ଓଭରରେ ଖେଳିବାକୁ ସକ୍ଷମ ହୋଇଛି । ଦଳ ୧୮ ଓଭରରେ ସମସ୍ତ ୱିକେଟ ହରାଇ କେବଳ ୧୧୪ ରନ କରିପାରିଛି ।

# ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ୍ : ଆଉ ଦୁଇ ବିଶ୍ୱ ସ୍ୱର୍ଣ୍ଣ ପଦକ ଦ୍ୱାରରେ ପ୍ରମୋଦ

ଭୁବନେଶ୍ୱର(ଏନ୍.ଏମ୍.) : ଟୋକିଓ ଅଲିମ୍ପିକ୍ ସ୍ୱର୍ଣ୍ଣ ବିଜେତା ଓଡ଼ିଆ ତାରକା ପ୍ରମୋଦ ଭଗତ ଚଳିତ ବିଶ୍ୱ ପାରା ବ୍ୟାଡ୍ମିଣ୍ଟନ୍ ପ୍ରତିଯୋଗିତାର ଫାଇନାଲ୍ରେ ପହଞ୍ଚିଛନ୍ତି । ଫଳରେ ବିଶ୍ୱ ପ୍ରତିଯୋଗିତାରେ ୫ ଏକକ ଓ ୩ ଯୁଗଳ ସ୍ୱର୍ଣ୍ଣ ଜିତିଥିବା ଭାରତର ପୂର୍ବତନ ୧ ନମ୍ବର ପ୍ରମୋଦ ଏଥିରେ ଆଉ ଦୁଇ ସ୍ୱର୍ଣ୍ଣ ପଦକ ଯୋଡ଼ିବାର ନିକଟତର ହୋଇଛନ୍ତି । ଶୁକ୍ରବାର ପୁରୁଷ ଏକକ ଏସ୍ଏଲ୍୩ ସେମିଫାଇନାଲ୍ରେ ପ୍ରମୋଦ ୨୧-୧୯, ୨୧-୧୭ରେ ଥାଇଲାଣ୍ଡର ମୋଙ୍ଗଖୋନ ବୁନ୍ସୁନ୍‌ଙ୍କୁ ପରାସ୍ତ କରିଛନ୍ତି । ସେହିପରି ଏସ୍ଏଲ୍୩-ଏସ୍ଏଲ୍୪ ପୁରୁଷ ଯୁଗଳରେ ଭାରତୀୟ ଯୋଡ଼ି ପ୍ରମୋଦ ଓ ସୁକାନ୍ତ କଦମ ୨୧-୧୩, ୨୧-୧୫ରେ କୋରିଆର ଚୋ ଏନ୍ ଓ ଲି ଏସ୍‌ଙ୍କୁ ହରାଇଛନ୍ତି ।

NTV NISHKARSHA
ନିଷ୍କର୍ଷ NISHKARSHA
ପ୍ରତିଦିନ ଆପଣଙ୍କୁ ତାଜା ଖବର ଦେବା ପାଇଁ
ନିଷ୍କର୍ଷ ମିଡିଆ ଅଙ୍ଗିକାରବଦ୍ଧ
ତେଣୁ ଆପଣ ନିଷ୍କର୍ଷ ସାପ୍ତାହିକଖବରକାଗଜ, ନିଷ୍କର୍ଷ ପୋର୍ଟାଲ,
ୟୁଟ୍ୟୁବ ଚାନେଲ ସହ ୨୪ଘଣ୍ଟିଆ ଚାନେଲ ଏନଟିଭି ଦେଖନ୍ତୁ
nishkarsha.com

# ଟି-ଟ୍ୱେଣ୍ଟି ବିଶ୍ୱକପ | ପରାଜୟରୁ ଅଳ୍ପକେ ବର୍ତ୍ତିଲା ଇଂଲଣ୍ଡ

ନୂଆଦିଲ୍ଲୀ (ଏଜେନ୍ସି): ଅଦ୍ଭୁତ, ଅବିଶ୍ୱସନୀୟ। ଅନଭିଜ୍ଞ ନେପାଳ ଖେଳାଳିଙ୍କ ସାହସ ଏବଂ ଚେଜ୍ କରିବାର ଧୈର୍ଯ୍ୟକୁ କ୍ରିକେଟ୍ ଦୁନିଆ ଭୂୟସୀ ପ୍ରଶଂସା କରୁଛି। ବିଶ୍ୱର ୩ ନମ୍ବର ଦଳ ଇଂଲଣ୍ଡକୁ ଯେଉଁଭଳି ଭାବେ ଇନିଂସର ଶେଷ ବଲ ଯାଏ ହରକତ କଲେ ତାହା ସମସ୍ତଙ୍କୁ ଚକିତ କରିଥିଲା। ଯଦିଓ ଅନ୍ତିମ ଓଭରର ଅନ୍ତିମ ବଲରେ ଇଂଲଣ୍ଡ ୪ ରନ୍‌ରେ ମ୍ୟାଚ ବିଜୟୀ ହୋଇଥିଲା କିନ୍ତୁ ନେପାଳ ଖେଳାଳି ଜିତିଥିଲେ ସବୁରି ହୃଦୟ। ଚଳିତ ବିଶ୍ୱକପ୍‌ରେ ଦୁଇ ଦିନ ମଧ୍ୟରେ ଖେଳାଯାଇଥିବା ୫ଟି ଲିଗ ମ୍ୟାଚରୁ ଇଂଲଣ୍ଡ- ନେପାଳ ମ୍ୟାଚ ରୋମାଞ୍ଚର ଶିଖର ଛୁଇଁଥିଲା। ଯଦି ଏହି ମ୍ୟାଚ୍‌ରେ ନେପାଳ ବିଜୟୀ ହୋଇଥାନ୍ତା, ତେବେ ବିଶ୍ୱକପ୍‌ରେ ବଡ଼ ବିପର୍ଯ୍ୟୟ ସହ ଇତିହାସ ରଚିଥାନ୍ତା। ମ୍ୟାଚ ହାରିବି ସମସ୍ତଙ୍କ ହୃଦୟ ଜିତିଛି ନେପାଳ କ୍ରିକେଟ୍ ଟିମ୍ । ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ୭ ୱିକେଟ୍‌ରେ ୧୮୪ ରନ କରିଥିଲା। ଜବାବରେ ନେପାଳ ୬ ୱିକେଟ୍‌ରେ ୧୮୦ ରନ କରିପାରିଥିଲା।




ୱିଲ ଜାକ୍ସ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଶେଷ ୯ ବଲରୁ ନେପାଳ ୧୩ ରନ୍ ଆବଶ୍ୟକ କରୁଥିଲା। ଲୋକେଶ ବାମ ୨ ଓ ୧ ରନ୍ ନେଇ ଗୁଲସନ ଝାଙ୍କୁ ଷ୍ଟ୍ରାଇକ ଛାଡ଼ିଥିଲେ । ଝା (୧) କିନ୍ତୁ ୧୯ ଓଭରର ଅନ୍ତିମ ବଲରେ ଆଉଟ୍ ହୋଇଯାଇଥିଲେ। ଶେଷ ୬ ବଲରେ ନେପାଳର ବିଜୟ ପାଇଁ ୧୦ ରନ ଲୋଡ଼ା ଥିଲା। ସାମ କୁରାନ ବୋଲିଂ କରିବାକୁ ଆସିଥିଲେ। ଷ୍ଟ୍ରାଇକରେ ଥିଲେ ବାମ୍। ଓଭରର ପ୍ରଥମ ବଲରେ କୌଣସି ରନ ହୋଇ ନଥିଲା। ଦ୍ୱିତୀୟ ବଲରେ ବାମ୍ ୧ ରନ ନେଇଥିଲେ। ତୃତୀୟ ବଲରେ କରନ କେସି ମଧ୍ୟ ୧ ରନ କରିଥିଲେ। ଚତୁର୍ଥ ବଲରେ ବାମ୍ ୨ ରନ୍ ନେଇ ଇଂଲଣ୍ଡକୁ ଘୋର ଚାପରେ ପକାଇଥିଲେ। ଛାତି ଧଡ଼ ଧଡ଼ କରୁଥିଲା। କିନ୍ତୁ ପଞ୍ଚମ ବଲ୍ ଡଟ୍ ଯାଇଥିଲା। ତଥାପି ଇଂଲଣ୍ଡର ଭୟ ଯାଇ ନଥିଲା। ଶେଷ ବଲରେ ଗୋଟିଏ ଛକା ଆବଶ୍ୟକ ଥିଲା। ବାମ କିନ୍ତୁ ବିଫଳ ହୋଇଥିଲେ। ସେ ମାତ୍ର ଗୋଟିଏ ରନ ନେବାରେ ସଫଳ ହୋଇଥିଲେ। ଇଂଲଣ୍ଡକୁ ମିଳିଥିଲା ବଡ଼ ଆଶ୍ୱସ୍ତି। ୪ ରନ୍‌ରେ ବିଜୟୀ ହୋଇ ଦଳ ପୂରା ପଏଣ୍ଟ ହାସଲ କରିଥିଲା ଦଳ। ଇଂଲଣ୍ଡ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ୭ ୱିକେଟ୍‌ରେ ୧୮୪ ରନ କରିଥିଲା। ଜାକୋବ ବେଥେଲ ୫୫, ହ୍ୟାରି ବ୍ରୁକ ୫୩ ଓ ୱିଲ ଜାକ୍ସ ୩୯(ଅପରାଜିତ) ରନ କରିଥିଲେ । ଦୀପେନ୍ଦ୍ର ସିଂ ଓ ନନ୍ଦନ ଯାଦବ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ । ୧୮୫ ରନର ବିଜୟ ଲକ୍ଷ୍ୟ ନେଇ ନେପାଳ ଶେଷ ବଲ ପର୍ଯ୍ୟନ୍ତ ଲଢ଼େଇ କରି ୬ ୱିକେଟ୍‌ରେ ୧୮୦ ରନ କରିଥିଲା। କୁଶଲ ଭୁର୍ତେଲ ୨୯, ରୋହିତ ପୌଦେଲ ୩୯, ଦୀପେନ୍ଦ୍ର ସିଂ ୪୪ ଓ ଲୋକେଶ ବାମ ୩୯ ରନ କରିଥିଲା। ଲିଆମ ଡାଓସନ ୨ ୱିକେଟ୍ ନେଇଥିଲେ।

Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA).
Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com & nishkarsha.site
Editor : TAPAN KUMAR SAHOO
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
ସମ୍ପାଦକ: ତପନ କୁମାର ସାହୁ